

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

Vol.11 . No.78 Bhubaneswar, Sunday, November 24, 2024 | ବର୍ଷ- ୧୧ ସଂଖ୍ୟା-୭୮ ଭୁବନେଶ୍ୱର ରବିବାର, ନଭେମ୍ବର ୨୪.୨୦୨୪ | ପୃଷ୍ଠା - ୮ | ମୂଲ୍ୟ : ୨.୦୦/-


# ମହାରାଷ୍ଟ୍ରରେ 'ସୁନାମି', ଝାଡ଼ଖଣ୍ଡରେ 'ଝଡ଼'





ନୂଆଦିଲ୍ଲୀ,୨୩/୧୧: ମହାରାଷ୍ଟ୍ର ଏବଂ ଝାଡଖଣ୍ଡ ବିଧାନସଭା ନିର୍ବାଚନ ଫଳାଫଳ ସାମ୍ନାକୁ ଆସିଛି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଫଳାଫଳ ଅନୁସାରେ ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ଏକ ଐତିହାସିକ ବିଜୟ ହାସଲ କରିଛି। ୨୮୮ ବିଧାନସଭା ଆସନ ବିଶିଷ୍ଟ ମହାରାଷ୍ଟ୍ରରେ ଏନ୍‌ଡିଏ ମେଣ୍ଟ (ମହାଯୁତି ମେଣ୍ଟ-ବିଜେପି, ଏନ୍‌ସିପି (ଅଜିତ୍ ପୱାର ଗୋଷ୍ଠୀ)-ଶିବସେନା (ଶିନ୍ଦେ ଗୋଷ୍ଠୀ)କୁ ମିଳିତ ଭାବେ ୨୩୫ ଆସନ ମିଳିଛି। ଯେତେବେଳେ କି ଏକାକି ବିଜେପିକୁ ଏଠାରେ ୧୩୨ ଆସନ ମିଳିଛି। ସେହିପରି ସହଯୋଗୀ ଦଳ ଶିବସେନା (ଶିନ୍ଦେ ଗୋଷ୍ଠୀ)କୁ ୫୭ ଆସନ ଏବଂ ଏନ୍‌ସିପି (ଅଜିତ୍ ପୱାର ଗୋଷ୍ଠୀ)କୁ ୪୧ ଆସନ ମିଳିଛି। ସେହିପରି ବିଜେପିର ଅନ୍ୟ ଛୋଟମୋଟ ସହଯୋଗୀ ଦଳଙ୍କ ଖାତାକୁ ୫ଟି ଆସନ ଯାଇଛି। ଅନ୍ୟପକ୍ଷେ ମହାରାଷ୍ଟ୍ରର ବିରୋଧୀ ମେଣ୍ଟ ଅର୍ଥାତ୍ ମହାବିକାଶ ଅଘାଡି (ଏମ୍‌ଭିଏ- କଂଗ୍ରେସ- ଶିବସେନା (ଉଦ୍ଧବ ଠାକରେ ଗୋଷ୍ଠୀ) ଏବଂ ଏନ୍ ?ସିପି( ଶରଦ ପୱାର ଗୋଷ୍ଠୀ) ମେଣ୍ଟକୁ ମିଳିତ ଭାବେ ମାତ୍ର ୪୯ଟି ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଉଦ୍ଧବ ଗୋଷ୍ଠୀ ଶିବସେନା ଏଥର ମୋଟ୍ ୯୫ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ମାତ୍ର ୨୦ଟି ଆସନ ଜିତିପାରିଛି। ସେହିପରି କଂଗ୍ରେସ ୧୦୧ ଆସନରେ ପ୍ରାର୍ଥୀ ଦେଇଥିଲା କିନ୍ତୁ ମାତ୍ର ୧୬ଟି ଆସନରେ ଦଳକୁ ସନ୍ତୁଷ୍ଟ ରହିବାକୁ ପଡିଛି। ସେହିପରି ଶରଦ ପୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ୮୬ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ୧୦ଟିରେ ବିଜୟ ଲାଭ କରିଛି। କିନ୍ତୁ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି ଇଣ୍ଡିଆ ମେଣ୍ଟ ଅଧୀନରେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି) ଏଠାରେ ୨ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ୨ଟି ଯାକ ଆସନରେ ବିଜୟୀ ହୋଇଛି। ସେହିପରି ଅନ୍ୟ କେତେକ ସହଯୋଗୀ ଦଳ ତଥା ସର୍ମ୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ଏମ୍‌ଭିଏ ମେଣ୍ଟ ମାତ୍ର ୪୯ଟି ଆସନକୁ ହିଁ ଅକ୍ତିଆର କରିପାରିଛି। ଗତ ୫୦ ବର୍ଷ ମଧ୍ୟରେ ଏହା ସମସ୍ତ ବିରୋଧୀ ଦଳଙ୍କ ପାଇଁ ଦଳଗତ ସବୁଠୁ ଖରାପ ପ୍ରଦର୍ଶନ ବୋଲି କୁହାଯାଉଛି।୨୦୧୯ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏମ୍‌ଭିଏ ମେଣ୍ଟ ମୋଟ୍ ୭୨ଟି ଆସନ ଜିତିବାରେ ସମର୍ଥ ହୋଇଥିଲା। କିନ୍ତୁ ୨୦୨୪ ଅର୍ଥାତ୍ ଚଳିତ ବିଧାନସଭା ନିର୍ବାଚନରେ ଏହି ସଂଖ୍ୟା ୪୯କୁ ହ୍ରାସ ପାଇଛି। ଏହାକୁ ନେଇ ବିରୋଧୀ ଦଳ ଇଭିଏମ୍‌କୁ ଦୋଷାରୋପ କରିବା ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷେ ୨୦୧୯ରେ ଏନ୍‌ଡିଏ ମେଣ୍ଟକୁ ମହାରାଷ୍ଟ୍ରରେ ମୋଟ୍ ୧୮୭ ଆସନ ମିଳିଥିବା ବେଳେ ଏଥର କିନ୍ତୁ ୪୮ଟି ଆସନ ଅଧିକ ଅର୍ଥାତ୍ ୨୩୫ ଆସନ ମିଳିଛି। ଦଳଗତ ପ୍ରଦର୍ଶନକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଆରମ୍ଭ କରି ଦଳର ସମସ୍ତ ବରିଷ୍ଠ ନେତା ଏବଂ ତୃଣମୂଳ କର୍ମୀମାନେ ମଧ୍ୟ ବେଶ୍ ଉତ୍ସାହିତ ହୋଇପଡିଛନ୍ତି। ଦିଲ୍ଲୀ ମୁଖ୍ୟ କାର୍ଯ୍ୟାଳୟରେ ମୋଦୀ ଦଳୀୟ କର୍ମୀ ଏବଂ ବିଜୟୀ ନେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷେ ଝାଡଖଣ୍ଡରେ କିନ୍ତୁ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟକୁ ପରାଜୟ ସ୍ୱୀକାର କରିବାକୁ ପଡିଛି। ଏନ୍ ?ଡିଏ ମେଣ୍ଟ ଏଠାରେ ମାତ୍ର ୨୪ଟି ଆସନରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୋଇଛି। ଶାସକ ଦଳ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଏବଂ କଂଗ୍ରେସ ମେଣ୍ଟ ଏଠାରେ ବିପୁଳ ଜନାଦେଶ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଝାଡଖଣ୍ଡବାସୀ ପୁଣିଥରେ ରାଜ୍ୟରେ ଜେଏମ୍‌ଏମ୍ ନେତୃତ୍ୱାଧୀନ ମେଣ୍ଟକୁ ସରକାର ଗଢ଼ିବାକୁ ସୁଯୋଗ ଦେଇଛନ୍ତି। ନିର୍ବାଚନ ଆୟୋଗଙ୍କ ଘୋଷଣା ଅନୁସାରେ ୮୧ ବିଧାନସଭା ଆସନ ବିଶିଷ୍ଟ ଝାଡଖଣ୍ଡରେ ଜେଏମ୍‌ଏମ୍-କଂଗ୍ରେସକୁ ନେଇ ଗଠିତ ଇଣ୍ଡିଆ ମେଣ୍ଟ ଏଠାରେ ୫୬ ଆସନ ହାତେଇବାରେ ସଫଳ ହୋଇଛି। ୨୦୧୯ ବିଧାନସଭା ନିର୍ବାଚନରେ ଏହି ମେଣ୍ଟ ମୋଟ୍ ୪୮ ଆସନ ଜିତିପାରିଥିଲା। ଅର୍ଥାତ୍ ଚଳିତ ନିର୍ବାଚନରେ ମେଣ୍ଟ ଅଧିକ ୮ଟି ଆସନ ଜିତିବାରେ ସଫଳ ହୋଇଛି। ଏଥିମଧ୍ୟରେ ଏକାକୀ ହେମନ୍ତ ସୋରେନ୍‌ଙ୍କ ନେତୃତ୍ୱାଧୀନ ଜେଏମ୍‌ଏମ୍ ୪୩ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ୩୪ଟି ଆସନରେ ବିଜୟୀ ହୋଇଛି। ସେହିପରି କଂଗେ ୩୦ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ୧୬ଟି ଆସନରେ ଜିତିବାରେ ସମର୍ଥ ହୋଇଛି। ମେଣ୍ଟର ଅନ୍ୟତମ ସହଯୋଗୀ ଦଳ ଆରଜେଡି ଏଠାରେ ୭ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ୪ଟିରେ ବିଜୟୀ ହୋଇଛି।ସେହିପରି ଅନ୍ୟ ସହଯୋଗୀ ଦଳଗୁଡ଼ିକଙ୍କ ଖାତାକୁ ୨ଟି ଆସନ ଯାଇଛି।

# ଆଜି ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୨୩/୧୧: କାଲି ମିଳିବ ସୁଭଦ୍ରା ପ୍ରଥମ କିସ୍ତିର ତୃତୀୟ ଦଫା ଟଙ୍କା। ଆଧାର ସହ ମୋବାଇଲ୍ ଲିଙ୍କେଜ୍ ସମସ୍ୟା ହେଉ କି ଜମି ଯୋଗ୍ୟତା କାରଣ, ଏଥିପାଇଁ ବାଦ୍ ପଡ଼ିଥିବା ୨ଲକ୍ଷ ୬୭ ହଜାର ଆବେଦନକାରୀଙ୍କ ମଧ୍ୟରୁ ଯାଞ୍ଚ କରାଯାଇ ସମସ୍ୟା ସମାଧାନ ପରେ କାଲି ୨୫ ପ୍ରତିଶତ ମହିଳାଙ୍କୁ ବି ଟଙ୍କା ମିଳିବ। ସୁନ୍ଦରଗଡ଼ରେ ଏଥିପାଇଁ ବଡ଼ ଆୟୋଜନ ହୋଇଥିବାବେଳେ ଟଙ୍କା ପାଇବା ଶୁଣି ଖୁସି ହୋଇଛନ୍ତି ହିତାଧିକାରୀ। ସୁଭଦ୍ରା ହିତାଧିକାରୀଙ୍କ ପାଇଁ ବଡ଼ ଖବର । ପ୍ରଥମ କିସ୍ତିରୁ ବାଦ୍ ୨୫ ପ୍ରତିଶତ ମହିଳାଙ୍କୁ କାଲି ମିଳିବ 'ସୁଭଦ୍ରା' ଟଙ୍କା । ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯୋଜନା ପ୍ରଥମ କିସ୍ତି ଟଙ୍କା ପାଇବାରୁ ବାଦ୍ ପଡ଼ିଥିବା ୨ଲକ୍ଷ ୬୭ ହଜାର ମହିଳାଙ୍କ ଆବେଦନପତ୍ରର ଯାଞ୍ଚ ଶେଷ ହୋଇଛି । ସେମାନଙ୍କ ମଧ୍ୟରୁ ୨୫ ପ୍ରତିଶତ ମହିଳାଙ୍କୁ କାଲି ସହାୟତା ମିଳିଯିବ। ବାକି ଯେଉଁ ଆବେଦନକାରୀ ଜମି ଯୋଗ୍ୟତା ପାଇଁ ବାଦ୍ ପଡ଼ିଛନ୍ତି, ସେମାନଙ୍କର ମଧ୍ୟ ତଥ୍ୟ ଯାଞ୍ଚ ପାଇଁ ବ୍ଲକସ୍ତରକୁ ରିପୋର୍ଟ ଯାଇଛି । ସେଠି ସମାଧାନ ହୋଇଗଲେ, ସେମାନଙ୍କୁ ଡିସେମ୍ବରରେ ଟଙ୍କା ମିଳିବ। ଅନ୍ୟପକ୍ଷରେ ପାଖାପାଖି ୫ ଲକ୍ଷ ମିସ୍ ମ୍ୟାଚ୍ ଆବେଦନର ସମାଧାନ ହୋଇ ନଥିବା କହିଛନ୍ତି ପ୍ରଭାତୀ। ସେମାନଙ୍କ ଆଧାର, ଆକାଉଣ୍ଟ, ମୋବାଇଲ ନମ୍ବର ସଂଯୋଗ ପରେ ଯୋଜନାରେ ସାମିଲ୍ କରାଯିବ। ଯାଞ୍ଚ ସରିବା ପରେ ସେମାନଙ୍କ ଖାତାକୁ ଆର ମାସରେ ସହାୟତା ଟଙ୍କା ଯିବ। ହିତାଧିକାରୀଙ୍କୁ ସଚେତନ କରିବାକୁ ଘରକୁ ସରକାରୀ କର୍ମଚାରୀ ଯିବେ ବୋଲି ବି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ। ସେପଟେ ଆସନ୍ତାକାଲି ପ୍ରଥମ କିସ୍ତିର ତୃତୀୟ ଦଫା ସୁଭଦ୍ରା ଟଙ୍କା ମିଳୁଥିବା କଥା ଶୁଣି ଉତ୍କଣ୍ଠାରେ ଗଞ୍ଜାମ ଖଲ୍ଲିକୋଟ ଅଞ୍ଚଳର ଦୁଇ ଆବେଦନକାରୀ ଚଞ୍ଚଳା ନାହାକ ଓ ବନି ନାହାକ। ଚଞ୍ଚଳାଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ଓ ମୋବାଇଲ୍ ନମ୍ବର ଠିକ୍‌ରେ ସଂଯୋଗ ହୋଇନଥିବାରୁ ତାଙ୍କ ଫର୍ମ ଖାରଜ ହୋଇ ଯାଇଥିଲା, ହେଲେ ଏବେ ତାହା ଠିକ୍ ହୋଇ ଯାଇଛି । ସେମିତି ବନି ନାହକ ନାମ୍ନୀ ଏ ଗରିବ ମହିଳାଙ୍କର ୫ ଏକର ଚାଷ ଜମି ରହିଥିବା ଦର୍ଶାଇ ତାଙ୍କ ଫର୍ମ ବି ରିଜେକ୍ଟ ହୋଇ ଯାଇଥିଲା । ପରେ ତାହା ବି ଯାଞ୍ଚ ହୋଇ ଯାଇଥିବାରୁ ସେ ମଧ୍ୟ ଆସନ୍ତାକାଲି ଟଙ୍କା ପାଇବାର ଆଶା ରଖିଛନ୍ତି । ସେପଟେ ଭଦ୍ରକ ବାସୁଦେବପୁର ଅଞ୍ଚଳରେ ଘରକୁ ଘର ବୁଲି ସରକାରୀ କର୍ମଚାରୀମାନେ, ହିତାଧିକାରୀଙ୍କୁ ବୁଝାଉଥିବାରୁ ତୃତୀୟ ଦଫାରେ ବହୁ ବାଦ୍ ପଡ଼ିଥିବା ହିତାଧିକାରୀ ସାମିଲ ହୋଇ ପାରିଥିବା କହିଛନ୍ତି ସ୍ଥାନୀୟ ବିଡିଓ । ତେଣେ ସୁଭଦ୍ରା ପ୍ରଥମ କିସ୍ତିର ତୃତୀୟ ଦଫା ଟଙ୍କା ବାଣ୍ଟିବାକୁ ଆସନ୍ତାକାଲି ସୁନ୍ଦରଗଡ଼ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ। ସ୍ଥାନୀୟ ସରକାରୀ କଲେଜ ସାମ୍ନା ପଡ଼ିଆରେ ଏଥିପାଇଁ ହୋଇଛି ବ୍ୟାପକ ଆୟୋଜନ। ଏହି ପର୍ଯ୍ୟାୟରେ ଅଙ୍ଗନବାଡ଼ି କର୍ମୀଙ୍କୁ ବି ଟଙ୍କା ମିଳିବ।

# କ୍ୟାବିନେଟ ନିଷ୍ପତ୍ତି – କୁଳପତି ଚୟନରେ ସାମିଲ ହେବେ ଶିକ୍ଷାବିତ

ଭୁବନେଶ୍ୱର,୨୩/୧୧: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଜିର କ୍ୟାବିନେଟ ବୈଠକରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଓଡିଶାରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏହି ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରାଯାଉଛି। ଶ୍ରୀ ଆହୁଜା କହିଛନ୍ତି, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶୈକ୍ଷିକ ଉତ୍କର୍ଷତା, ଗୁଣାତ୍ମକ ଗବେଷଣା ନିମନ୍ତେ ଏବଂ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ପ୍ରାପ୍ତି ଦିଗରେ ହେଉଥିବା ସମସ୍ୟାର ସମାଧାନ କରିବାକୁ ଏହି ସଂଶୋଧନ କରାଯାଇଛି। ସଂଶୋଧନର ମୁଖ୍ୟ ଦିଗଗୁଡ଼ିକ ହେଉଛି ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଉନ୍ନତି ଆଣିବା, ଅଧିକ ସ୍ୱାୟତ୍ତତା ସହିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସଶକ୍ତ କରିବା ତଥା ଉତ୍ତରଦାୟିତ୍ୱ ବଜାୟ ରଖିବା ଏବଂ ଅଧ୍ୟାପକ ନିଯୁକ୍ତି ଓ କୁଳପତି ଚୟନ ପ୍ରକ୍ରିୟାରେ ଏକାଡେମିକ୍ ପ୍ରଫେସନାଲମାନଙ୍କୁ ଜଡିତ କରିବା। ଏହି ଆଇନରେ ସଂଶୋଧନ କରି ରାଜ୍ୟ ସରକାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବା ସହ କୋର୍ଟ ମାମଲା ହେତୁ ଶିକ୍ଷକ ନିଯୁକ୍ତିରେ ଆସିଥିବା ସ୍ଥାଣୁତା ଦୂର କରିବାକୁ ଲକ୍ଷ୍ୟ ରଖିଛନ୍ତି। ନିଯୁକ୍ତି ପାଇଁ ଅଧିକ ସ୍ୱଚ୍ଛ ଏବଂ ସମୟ ସୀମା ବଦ୍ଧ ପ୍ରଣାଳୀ ସୃଷ୍ଟି କରିବାକୁ ଏହି ପରିବର୍ତ୍ତନଗୁଡିକ ପରିକଳ୍ପନା କରାଯାଇଛି।




# କୋରେଇରେ ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



କୋରେଇ, ୨୩/୧୧ (ନି.ପ୍ର): କୋରେଇ ସଭା ଗୃହରେ କୋରେଇ ବିଡ଼ିଓ ଅବନୀ କାନ୍ତ ସାହୁ ଙ୍କ ତତ୍ୱାବଧାନ ରେ ଏକ ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିର ରେ ଯାଜପୁର ଜିଲ୍ଲା ପାଳ ପି ଅନ୍ୱେଷା ରେଡି ଓ ଯାଜପୁର ଆରକ୍ଷୀ ଅଧିକ୍ଷ୍ୟକ ଯସପ୍ରୀତି ଶ୍ରୀମଲ ଯୋଗ ଦେଇଥିବା ବେଳେ ସବୁ ବିଭାଗ ର ଅଧିକାରୀ ମାନେ ଯୋଗ ଦେଇଥିଲେ। ଆଜିର ଶିବିର ରେ ମୋଟ ୮୨ ଟି ଅଭିଯୋଗ ହୋଇଥିବା ବେଳେ ବ୍ୟକ୍ତିଗତ ଅଭିଯୋଗ ୪୯ ଟି ଓ ସାମୁହିକ ଅଭିଯୋଗ ୪ ଟି ହୋଇଛି, ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଇଁ ୨୯ ଜଣ ଆବେଦନ କରିଥିଲେ। ତନ୍ମଧ୍ୟରୁ ୩୬ ଟି ଅଭିଯୋଗ ର ତତ୍କାଳ ସମାଧନ ହୋଇଥିବା ବେଳେ ଅନ୍ୟ ସବୁ ଅଭିଯୋଗ ବିଚାରଧୀନ ଅଛି।ସାମୁହିକ ଅଭିଯୋଗ ମଧ୍ୟରୁ ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଓ ସାଥି ମାନେ ଶିକ୍ଷା ବର୍ଷ ସରିବାକୁ ବସିଥିବା ବେଳେ କୋରେଇ ରେ ସମସ୍ତ ସରକାରୀ ବିଦ୍ୟାଳୟ ରେ ପିଲାମାନଙ୍କୁ ପୋଷାକ ବଣ୍ଟନ ହୋଇ ନଥିବା ଅଭିଯୋଗ କରିଥିଲେ। ଜିଲ୍ଲାପାଳ ମହୋଦୟା ଏହାକୁ ଗମ୍ଭୀରତା ର ସହ ନେଇ ଜିଲ୍ଲା ଶିକ୍ଷା ଅଧିକାରିଣୀ କୁ ଜଲଦି ପୋଷାକ ବଣ୍ଟନ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।ସେହିପରି ବରିଷ୍ଠ ସାମ୍ବାଦିକ ଆଶୁତୋଷ ମହାନ୍ତି ଓ ସାଥି ସାମ୍ବାଦିକ ମାନେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ରେ ଅବସ୍ଥାପିତ ଥିବା ଏଷ୍ଟିମେଟର ଦୀପକ ଆଚାର୍ଯ୍ୟ ଙ୍କ ନାମରେ ସାମୁହିକ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏହାର ତଦନ୍ତ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେହୁରିଆ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଶୁଣାଣୀ ଶିବିର ରେ ଏକ ବ୍ୟତିକ୍ରମ ଦେଖା ଯାଇଥିଲା।ଏହି ଶିବିର କୁ ଜିଲ୍ଲାପାଳ ପ୍ରଥମେ ଆସିଥିବା ବେଳେ ସେତେବେଳେ କୌଣସି ବିଭାଗର ଅଧିକାରୀଙ୍କ ଦେଖା ନଥିଲା। ଏଥିରୁ ସ୍ୱଷ୍ଟ ଅନୁମେୟ କି ଅଭିଯୋଗ ଶୁଣିବାକୁ ଜିଲ୍ଲାପାଳ ଯେତେ ତତ୍ପର ଶହ ନେଉଛନ୍ତି ବ୍ଲକ ପ୍ରଶାସନ ସେତେ ତତ୍ପର ନୁହେଁ ଯାହା ଦେଖିବାକୁ ମିଳିଥିଲା।

# ଏମସିଏଏମ କଲେଜରେ ବିଦ୍ୟାର୍ଥୀ ବୌଦ୍ଧିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

## କେବଳ ଡିଗ୍ରୀ ପଛରେ ଗଡ଼ାଉଥିବାରୁ ଛାତ୍ର ଛାତ୍ରୀଙ୍କ ବୌଦ୍ଧିକ ବିକାଶ ଘଟୁ ନାହିଁ



ବାରିପଦା, ୨୩/୧୧ (ନି.ପ୍ର): ସାମ୍ପ୍ରତିକ ସମୟରେ ଅଧିକାଂଶ ଛାତ୍ରଛାତ୍ରୀ ମାନେ କଲେବଲେ ଅଧିକ ମାର୍କ ରଖିବା ସହିତ କେବଳ ଡିଗ୍ରୀ ହାସଲ କରିବା ପଛରେ ଗଡ଼ାଇଛନ୍ତି । ଏଣୁ ଅଧିକାଂଶ ଯୁବକ ଯୁବତୀ ଙ୍କ ଭିତରେ ବୌଦ୍ଧିକ ବିକାଶ ଘଟିବାର ଦେଖା ଯାଉନାହିଁ. ଏକ ସର୍ଭେ ଅନୁସାରେ ବିଭିନ୍ନ ଡିଗ୍ରୀ ସେର୍ଟିଫିକେଟ ଧାରୀଙ୍କ ମଧ୍ୟରୁ ମାତ୍ର ଶତକଡା ୩୦ ଭାଗଙ୍କ ପାଖରେ ପ୍ରକୃତ ଯୋଗ୍ୟତା ଥାଏ. ଏଣୁ ସମାଜରେ ନୈତିକତା ର ସ୍ଖଳନ ଘଟୁଛି ବୋଲି ଚିନ୍ମୟ ମିଶନ ନୋଏଡା ଉତ୍ତର ପ୍ରଦେଶର ଆଚାର୍ଯ୍ୟ ସ୍ୱାମୀ ଚିଦ୍ରୁପାନନ୍ଦ ସରସ୍ୱତୀ ଆଜି ସ୍ଥାନୀୟ ମହାରାଜପୁର ସ୍ଥିତ ମୟୁରଭଞ୍ଜ ଏକାଉଣ୍ଟେନ୍ସି ଏଣ୍ଡ ମେନେଜମେଣ୍ଟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଦନ ଦେଇ କହିଛନ୍ତି । ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ଉଦଳା ଚିନ୍ମୟ ମିଶନ ଆଚାର୍ଯ୍ୟ ବ୍ରହ୍ମଚାରୀ ଅଚ୍ୟୁତ୍ୟ ଚୈତନ୍ୟ, ବ୍ରହ୍ମଚାରୀ ଅନିକେତ ଚୈତନ୍ୟ, ଚିନ୍ମୟ ମିଶନ ବାରିପଦାର ସମ୍ପାଦକ ଅଜିତ ବେହେରା, ଚିନ୍ମୟ ଯୁବ କେନ୍ଦ୍ରର ସଭାପତି ସବ୍ୟସାଚୀ ପଲେଇ, ସମ୍ପାଦକ ବିଷ୍ଣୁପଦ ବେରା ପ୍ରମୁଖ ଉପସ୍ଥିତ ଥିଲେ. ଉପାଧ୍ୟକ୍ଷ ସଂଘମିତ୍ରା ରାଉତ, ଏନଏସଏସ ସଂଯୋଜକ ମଦନ ମହାନ ସାହୁ, ଦେବବ୍ରତ ବିଶ୍ୱାଳ, ସୁଜାତା ପାଲ, ସତ୍ୟ ନାରାୟଣ ଦାସ, ପ୍ରତିଭା ଦାସ ରୁପମଞ୍ଜରୀ ବେହେରା, ସସ୍ମିତା ସି, ଅଙ୍କିତା ସିଂ କବିତା ସାହୁ, ଲକ୍ଷ୍ମୀ ଚାପେୟାର, ମିନାକ୍ଷୀ ସାହୁ, ଅଭିଜିତ ପଟ୍ଟନାୟକ, ଅଭିଜିତ ପଟ୍ଟନାୟକେ, ମୀରା ସେନାପତି, ପ୍ରିତମ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ଅସହାୟ ଅଜଣା ବ୍ୟକ୍ତି ଉଦ୍ଧାର

ବଣାଇ, ୨୩/୧୧ (ନି.ପ୍ର):ବଣାଇ ବ୍ଲକ ଅନ୍ତର୍ଗତ କେନାଭେଟା ଗ୍ରାମ ଛକରେ ଅସହାୟ ଅବସ୍ଥାରେ ପଡି ରହିଥିବା ଅଜଣା ମାନସିକ ଅକ୍ଷମ ବ୍ୟକ୍ତିକୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରିଥିବା ଜଣା ପଡିଛି । ଘଟଣାରୁ ପ୍ରକାଶ ଏକ ଅଜଣା ବ୍ୟକ୍ତି କେନାଭେଟା ଛକରେ ବୁଲୁ ଥିବା ନଜର ସ୍ଥାନୀୟ ଲୋକଙ୍କ ନଜରରେ ଆସିଥିଲା । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ତାକୁ ଗୋଟିଏ ଦୋକାନ ପାଖରେ ଦୁଇ ମାସ ହେଲା ରଖିଛନ୍ତି । ସେ ନିଜର ପରିଚୟ ମଧ୍ୟ କହି ପାରୁନଥିବା ଜଣା ପଡିଛି । ଆଜି ଅନଲି ହେଲ୍ପ ତରଫରୁ ସମାଜସେବୀ ଯୁଗଳ କିଶୋର ବେହେରାଙ୍କ ସହିତ କିଛି ଜଣ ଯୁବକ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣିରେ ଅଭିଯୋଗ କରିଛନ୍ତି । ଖୁବ ଶୀଘ୍ର ତାର ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି । ବଣାଇ ଅଞ୍ଚଳରେ ବିଭିନ୍ନ ଆଡୁ ବୃଦ୍ଧ ବୃଦ୍ଧା ଆସି ବୁଲୁ ଛନ୍ତି ତେଣୁ ତୁରନ୍ତ ସେମାନଙ୍କୁ ପ୍ରଶାସନ ଥଇଥାନ କରିବା ପାଇଁ ଜନ ସାଧାରଣ ଦାବୀ କରିଛନ୍ତି ।

# ଶତାଧିକ ଚାଷୀଙ୍କ ଉପସ୍ଥିତିରେ ମାଣ୍ଡିଆ କ୍ଷେତ୍ର ଦିବସ ପାଳିତ



ବୌଦ୍ଧ, ୨୩/୧୧ (ନି.ପ୍ର):ନୂଆପଡା ଗାଁରେ ଆୟୋଜିତ ମଣ୍ଡିଆ କ୍ଷେତ୍ର ଦିବସ କାର୍ଯ୍ୟକ୍ରମରେ ନୂଆପଡା,ଚମ୍ପାମାଳୀ,ବିରନରସିଂହପୁର, ବିରାମଚନ୍ଦ୍ରପୁର ,ହାଟଗାଁ,ବରଝୁଲି, ମହୁଲବୁରି, ମଥୁରା ଅଞ୍ଚଳରୁ ଶତାଧିକ କୃଷକ, କୃଷି ମିତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ସ୍ଥାନୀୟ ଅଗ୍ରଣୀ ଚାଷୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ଏଲକେବିକେ ଅନୁଷ୍ଠାନ,ସରସରା , ଶ୍ରୀ ଅନ୍ନ ଅଭିଯାନ ସହାୟତାରେ ଆୟୋଜନ କରାଯାଇଥିଲା। ବ୍ଲକ ସଂଯୋଜକ ସିତାକାନ୍ତ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭାର ଆରମ୍ଭ କରିଥିଲେ ଏବଂ କାର୍ଯ୍ୟକ୍ରମ ବିବରଣୀ ଜଣାଇ ଥିଲେ। ମାଣ୍ଡିଆ ଚାଷୀ ଚକ୍ରଧର ମଲ୍ଲିକ ଓ ମମତା ମଲ୍ଲିକ ଙ୍କ ମିଲେଟ୍ ଚାଷ କ୍ଷେତ୍ରରେ ହୋଇଥିବା ଦୁଇଟି ଫସଲ କାଟିବା ପରୀକ୍ଷା ବିଷୟରେ ତଥ୍ୟ ଭାଗୀଦାରମାନଙ୍କ ସହ ଆଦାନ ପ୍ରଦାନ କରିଥିଲେ। ବିରନରସିଂହ ପୁର ପଞ୍ଚାୟତ ସରପଞ୍ଚ ଚନ୍ଦନା ବେହେରା ଶ୍ରୀ ଅନ୍ନ ଅଭିଯାନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଉପସ୍ଥିତଙ୍କ ସହ ତାଙ୍କ ଉଦ୍ୟମକୁ ଉତ୍ସାହିତ କରିବାରେ ପ୍ରେରଣା ଦେଇଥିଲେ। ବିଏଓ ସବ୍ୟସାଚୀ ଦାସ ଚାଷ ଉତ୍ପାଦନ ବୃଦ୍ଧି ଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ, ଯାହା ଚାଷୀମାନଙ୍କ ପାଇଁ ମୂଲ୍ୟବାନ ଶିଖ୍ୟା ହେଉଥିଲା।ପୁରୁଷୋତ୍ତମ ସାହୁ(ଏଏଓ) ଜୈବ ସାରର ବ୍ୟବହାର ବିଷୟରେ ବିବରଣୀ ଦେଇ ଜାଣାଇଥିଲେ ଯେ କିପରି ପ୍ରାକୃତିକ ପଦ୍ଧତି ମିଲେଟ୍ ଚାଷକୁ ସୁରକ୍ଷା କରିପାରିବ। ମିଲେଟ୍ କୃଷକମାନଙ୍କୁ ସୁସ୍ଥ ଜମି ରଖିବା ପାଇଁ ଜୈବ ଖାଦ୍ୟ ସାରର ଗୁରୁତ୍ୱ ବୁଝାଇ ଦେଇଥିଲେ। ଜଣେ ସଫଳ ଅଗ୍ରଣୀ ଚାଷୀ ହିସାବରେ ନୂଆପଡ଼ାର ପୂର୍ଣ୍ଣ ଚନ୍ଦ୍ର ସାହୁ ଙ୍କୁ ଏଲ କେ ବି କେ ଅନୁଷ୍ଠାନ ତରଫରୁ ବ୍ଲକ କୃଷି ଅଧିକାରୀ ସବ୍ୟସାଚୀ ଦାସ ଙ୍କ କରକମଳରୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଗଲା । ଅମରେନ୍ଦ୍ର ଭୋଇ ଏବଂ ପୁନିଆ ସାହୁ ଙ୍କ ସହିତ ସମସ୍ତ ସିଆରପି ଶ୍ରୀ ଅନ୍ନ ଅଭିଯାନ,ଏହି କାର୍ଯ୍ୟ କ୍ରମକୁ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଧର ମହାନନ୍ଦିଆ ସମସ୍ତ ଅତିଥି ଓ

# ମହାପ୍ରୟାଣ ଗାଡ଼ିକୁ ଉଦ୍ଘାଟନ କଲେ ବିଧାୟକ



ପାତ୍ରପୁର, ୨୩/୧୧ (ନି.ପ୍ର):ଗଞ୍ଜାମ ଜିଲ୍ଲା ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କ ଦ୍ୱାରା ମହାପ୍ରୟାଣ ଗାଡି ଓ ଅଲଟ୍ରାସାଉଣ୍ଡ ସୁବିଧା ଓ ରୋଗୀଙ୍କ ପାଇଁ ପାଇଁ ସୁଷମ ରନ୍ଧା ଖାଦ୍ୟ ବଣ୍ଟନ ପରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ମହାପ୍ରୟାଣ ଗାଡ଼ି ନଥିବା ଯୋଗୁଁ ବହୁ ଗରୀବ ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଉଥିଲେ।ଉକ୍ତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ଃ ସମ୍ବିଦ ବେଗରାୟ ,ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସ ଉପସ୍ଥିତ ଥିବାବେଳେ ପାତ୍ରପୁରର ସ୍ୱୟଂ ସହାୟିକା ଗୋଷ୍ଠି ମହିଳା, ଏମ୍‌କେ, ସି ଆର୍ ପି,ବ୍ୟାଙ୍କମିତ୍ର କୃଷିମିତ୍ର , ପ୍ରାଣୀମିତ୍ର, ଆଶାକର୍ମୀ ଓ ସମସ୍ତ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସେବା ପାଇଁ ଦୀର୍ଘବର୍ଷ ହେଲା ଦାବୀ ହେଉଥିବାବେଳେ ଏବେ କାର୍ଯ୍ୟକାରି ହେବାକୁ ଯାଉଥିବାରୁ ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି।

# ପ୍ରିତି,ପ୍ରଦିପ ମିଶିକି ଖାଇ ଯାଇଛନ୍ତି ଜିଲ୍ଲା ଖଣିଜ ପାଣ୍ଠି !

## ବିନା ସୂଚନା ଫଳକରେ ଚାଲିଛି ସରକାରୀ ସ୍ପୋର୍ଟସ କମ୍ପ୍ଲେକ୍ସ କାର୍ଯ୍ୟ



ଦାନଗଦି, ୨୩/୧୧ (ନି.ପ୍ର): ଯାଜପୁର ଜିଲ୍ଲା ରେ ଥିବା ଜିଲ୍ଲା ଖଣିଜ ପାଣ୍ଠି କୁ ପୂର୍ବରୁ ଥିବା ସରକାରଙ୍କ ସୁକିନ୍ଦା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରିତିରଞ୍ଜନ ଓ ତାଙ୍କ ର ଚେଲା ଚାମୁଣ୍ଡା ମାନେ ଖୁଲମଖୁଲା ହରି ଲୁଟ କରିଛନ୍ତି। ଏହି ହରି ଲୁଟ୍ ର ମୁଖ୍ୟ ତଥା ଯୋଗାଡିଆ ଭାବରେ କାର୍ଯ୍ୟ କରୁଥିଲେ ବିଜେଡି ସୁକିନ୍ଦା ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଜେଡି ଯୁବ ସଭାପତି ପ୍ରଦିପ ମହାନ୍ତି। ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ବିଜେଡି ସରକାର ସମୟରେ ଯେତେ ସବୁ ପ୍ରକଳ୍ପ ର ଠିକାଦାର ଠିକାଦାରି କରିବା ପାଇଁ ଆସନ୍ତି। ପ୍ରଥମେ ପ୍ରଦିପ ମହାନ୍ତି ଙ୍କୁ ଦର୍ଶନ କରିବା ପାଇଁ ପଡେ, ସେଠାରେ ଦବାନବା ଫାଇନାଲ ହେବା ପରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥାଏ। ଯାହା ଫଳରେ ଠିକାଦାର ପ୍ରଦୀପ ଙ୍କ ସହଯୋଗ ପାଇବା ପରେ ମନଇଛା ଦୁର୍ନୀତି କରିବା ପାଇଁ ପଛଘୁଞ୍ଚା ଦିଏ ନାହିଁ।ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ବିଜେଡି ସରକାର ସମୟରେ ଯେତେ ସବୁ ପ୍ରକଳ୍ପ ହୋଇଛି ସବୁ ପ୍ରକଳ୍ପ ନିମ୍ନ ମାନର କାର୍ଯ୍ୟ ହୋଇଥିବା ବହୁ ସମୟରେ ଅଭିଯୋଗ ହୋଇଥିବା ଦେଖିବାକୁ ମିଳିଛି।ଯାହା ର ଜଳନ୍ତା ଉଦାହରଣ ରଣା ଗୁଣ୍ଡି ପଞ୍ଚାୟତ ର ନିର୍ମାଣ ହେଉଥିବା ସ୍ପୋର୍ଟସ କମ୍ପ୍ଲେକ୍ସ, ପାଖାପାଖି ୧୪ କୋଟି ଟଙ୍କାର ପ୍ରକଳ୍ପ ରେ ହେଉଥିବା ସମସ୍ତ କାର୍ଯ୍ୟ ନିମ୍ନ ମାନର। ମାତ୍ର ପୂର୍ତ୍ତ ବିଭାଗ ର ଅଧିକାରୀ ନିରବ ଦ୍ରଷ୍ଟା ସାଜିଥିବା ଯୋଗୁଁ ପୂର୍ତ୍ତ ବିଭାଗ କାର୍ଯ୍ୟଧାରା କୁ ନେଇ ସନ୍ଦେହ ସୃଷ୍ଟି ହେଉଛି।ସ୍ପୋର୍ଟସ କମ୍ପ୍ଲେକ୍ସ ହେଉଥିବା ଢଲେଇ ରେ ମାନ ଅନୁସାରେ ବାଲି, ଗୋଡ଼ି ନମିଶାଇ ହାତରେ ମିଶାଇ ଢଲେଇ କରୁଥିବା ଦେଖିବାକୁ ମିଳିଛି। ଯାହା କି ବ୍ଲିଚିଂ ପ୍ଲାଣ୍ଟ ର ଢଲେଇ କରିବା ପାଇଁ ନିର୍ଦ୍ଦେଶ ଅଛି।ଠିକ୍ ସେହିପରି ଲୁହା ରଡ଼ ରେ ନିୟମ ଅନୁସାରେ ରିଙ୍ଗ,ବାଇଣ୍ଡର ନବାନ୍ଧି ସବୁ ବେନିୟମ ରେ କାର୍ଯ୍ୟ କରୁଛନ୍ତି। ନିକଟସ୍ଥ କାରଖାନା ରୁ ବାହାରୁଥିବା ବର୍ଯ୍ୟଜ ବସ୍ତୁ ପକାଇ ପ୍ଲିଣ୍ଟି କୁ ବୁଜୁ ଥିବା ବେଳେ ସ୍ପୋର୍ଟସ କମ୍ପ୍ଲେକ୍ସ ଚାରି ପାଖରେ ଚାଷ ଜମି ରହିଛି। ଯାହା କି ସମ୍ପୁର୍ଣ୍ଣ ବେଆଇନ କାର୍ଯ୍ୟ ହୋଇଥିବା ବେଳେ କିପରି ପ୍ରଦୂଷଣ ବିଭାଗ ଏହି କାର୍ଯ୍ୟ କୁ ବିରୋଧ କରିନାହାନ୍ତି। ତାହା ବଡ଼ ?ପ୍ରଶ୍ନବାଚି ସୃଷ୍ଟି ହେଉଛି। ସବୁ ଠାରୁ ବଡ଼କଥା ଯେଉଁ ଦିନ ଶୁଭ ପଡିଥିଲା ସେହି ଦିନ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପୂର୍ବତନ ମନ୍ତ୍ରୀ ଙ୍କୁ ଅବଗତ କରାଇଥିଲେ କି ସ୍ପୋର୍ଟସ କମ୍ପ୍ଲେକ୍ସ ପ୍ରକଳ୍ପଟି ର କାର୍ଯ୍ୟାଦେଶ ସରିଯାଇଛି। ବିନା କାର୍ଯ୍ୟାଦେଶ ରେ କିପରି ଜଣେ ରାଜ୍ୟ ର ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ପ୍ରକଳ୍ପ କୁ ଫିତା କାଟି ଶୁଭାରମ୍ଭ କରିବା ସହିତ ନିଜର ପ୍ରତିକ୍ରିୟା ରେ ଆସନ୍ତା ୧୦ ମାସରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପାଇଁ ପ୍ରତିକ୍ରିୟା ରଖିଥିଲେ।ନା ନିର୍ବାଚନ ଆସୁଥିବା ଯୋଗୁଁ ଲୋକମାନଙ୍କୁ ଭୂଆଁ ବୁଲେଇବା ପାଇଁ ଏହା ଥିଲା ଗୋଟିଏ ନିର୍ବାଚନୀ ଚାଲ୍ ଯାହା କି କାମ କଲାନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।୨୦୨୪ ମସିହା ଫେବୃଆରୀ ମାସ ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ବର୍ତ୍ତମାନ ସୁଧା ପ୍ରକଳ୍ପ ଟି ଭୂଇଁ ରୁ ଉଠିପାରିନାହିଁ। ତେଣୁ ଏହି କାର୍ଯ୍ୟ ରେ ସଂପୃକ୍ତ ଥିବା ସରକାରୀ ଓ ବେସରକାରୀ ବ୍ୟକ୍ତି ବିଶେଷଙ୍କୁ ତଦନ୍ତ ପରିସର ଭୁକ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନୂତନ ସରକାରଙ୍କୁ ଅଞ୍ଚଳ ବାସୀ ଦାବି କରୁଥିବା ଦେଖିବାକୁ ମିଳିଛି।

# ସମୀରଙ୍କ ଦେହାନ୍ତରେ ମୁଖ୍ୟ ସଚେତକଙ୍କ ଶୋକ ପ୍ରକାଶ



ବୌଦ୍ଧ, ୨୩/୧୧ (ନି.ପ୍ର): ଓଡିଶାର ବରିଷ୍ଠ ବିଜେପି ନେତା ସମୀର ଦେ ଙ୍କ ଦେହାନ୍ତ ଖବର ଶୁଣି ଶୋକ ପ୍ରକାଶ ଜଣାଇଛନ୍ତି ଓଡିଶା ସରକାର ଙ୍କ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ ପ୍ରଧାନ । ସେ ଜଣେ ମିଷ୍ଟ ଭାସି, ଦୃଢ଼ବାଦୀ ନେତା. ଓଡିଶା ବିଜେପି ର ଜଣେ ଦକ୍ଷ ନେତା, ତିନି ତିନି ଥର ବିଧାୟକ ହୋଇ ଲୋକଙ୍କ କାମ କରିଥିବା ଏବଂ ତାଙ୍କର ଦେହାନ୍ତ ଖବର ଶୁଣିବା ପରେ ସେ ଶୋକ ପ୍ରକାଶ କରିବା ସହ ତାଙ୍କର ଅମର ଆତ୍ମା ର ସଦଗତି ଓ ବର୍ତ୍ତମାନ ଅସହାୟ ପରିବାରଙ୍କୁ ସାହସ ଧର୍ଯ୍ୟ ଦିଅନ୍ତୁ ଏତିକି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାଥନା କରିଛନ୍ତି ।

### ଅଭିଯୋଗର ୧୮ ଦିନ ପରେ ପୁଲିସ ହାତ ଖାଲି, ଡ଼ିଆଇଜିଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ, କାର୍ଯ୍ୟାନୁଷ୍ଠାନ ନହେଲେ

# ଆସନ୍ତା ୨୭ ରେ ଥାନାରେ ଧାରଣା



ଦଶରଥପୁର ୨୩/୧୧() : ମଙ୍ଗଳପୁର ଥାନା ପାଲଟପୁର ପଂଚାୟତ ଅଧିନ କଣ୍ଟିବାଙ୍କ ଗ୍ରାମର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ାଙ୍କୁ ଆକ୍ରମଣ ଘଟଣାରେ ପୁଲିସର ଖାମଖିଆଲି ନୀତି ଏବଂ ବିଜେଡି ଚାପରେ ମାମଲାକୁ ଚପାଇଦେବାକୁ ବସିଛି, ଏଣୁ ଏଥିନେଇ ଆଜି ସନ୍ଧ୍ୟାରେ କଂଗ୍ରେସର ଏକ ପ୍ରତିନିଧି ଦଳ ଯାଜପୁର ସର୍କିଟ ହାଉସରେ ଡିଆଇଜି ସତ୍ୟଜିତ ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି, ଡ଼ିଆଇଜିଙ୍କ ସହ ଜିଲ୍ଲାପାଳ ପି ଅନେଶ୍ୱା ରେଡ୍ଡୀ, ଏସପି ୟସ ପ୍ରତାପ ଶ୍ରୀମଲ ଉପସ୍ଥିତ ଥିଲେ, ତୁରନ୍ତ ଅଭିଯୋଗର କାର୍ଯ୍ୟାନୁଷ୍ଠାନ ନିଆନାଗଲେ ଆସନ୍ତା ୨୭ ତାରିଖରେ ମଙ୍ଗଳପୁର ଥାନାରେ ଧାରଣା ଦିଆଯିବ ବୋଲି ସୂଚନା ଦିଆଯାଇଛି, ଅଭିଯୋଗକୁ ଗୁରୁତର ସହ ଆଲୋଚନା କରି ସମସ୍ତ ଘଟଣା ବୁଝିବା ସହିତ ଖୁବ ଶୀଘ୍ର ଘଟଣାର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡ଼ିଆଇଜି ପ୍ରତିଶୃତି ଦେଇଥିଲେ, ସୂଚନାଥାଉକି ଚଳିତ ମାସ ୬ ତାରିଖ ସଂଧ୍ୟା ସମୟରେ ନିଜ ଘରକୁ ଫେରୁଥିବା ବେଳେ ସେହି କଣ୍ଟିବାଙ୍କ ଗ୍ରାମର ଉମେଶ ଦାସଙ୍କ ଯୋଜନା ମୁତାବକ ୬ରୁ ଅଧିକ ଦୁର୍ବୃତ ଭରତଙ୍କୁ ଆକ୍ରମଣ କରିଥିଲେ । ଏ ସଂପର୍କରେ ଭରତ ମଙ୍ଗଳପୁର ଥାନାରେ ଘଟଣା ଦିନ ହିଁ ଲିଖିତ ଅଭିଯୋଗ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବ।

# ଇ.ପି.ଏଫ ପେନସନାର ସଙ୍ଘ ପକ୍ଷରୁ ବିକ୍ଷୋଭ

## ସର୍ବନିମ୍ନ ୯ହଜାର ଟଙ୍କା ପେନସନ ସହ ମହଙ୍ଗା ଭତ୍ତା ପ୍ରଦାନ ଦାବି




ବାରିପଦା, ୨୩/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଶତାଧିକ ଇ.ପି.ଏଫ ପେନସନ ଭୋଗୀ ବରିଷ୍ଠ ନାଗରିକ ମାନେ ବାରିପଦାସ୍ଥିତ ମୟୁରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମାସିକ ଇ.ପି.ଏଫ. ପେନସନ ସର୍ବନିମ୍ନ ୯ ହଜାର ଟଙ୍କା କରାଯିବା ସହିତ ମହଙ୍ଗା ଭତ୍ତା, ଆୟୁଷ୍ମାନ ଭାରତ ଯୋଜନାରେ ସମସ୍ତ ପେନସନଭୋଗୀ ମାନଙ୍କୁ ସାମିଲ କରିବା ଓ ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶ ଅନୁଯାୟୀ ବର୍ଦ୍ଧିତ ପେନସନ ପ୍ରଭୃତି ଦାବୀ ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ରଧାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲା ସଭାପତି ମଦନ ମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଏ.ଆଇ.ଟି.ୟୁ.ସି.ର ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ରାଜ୍ୟ ପରିବହନ ନିଗମର ଜିଲ୍ଲା ସମ୍ପାଦକ ରଘୁନାଥ ପଣ୍ଡା, ଅଲ ଓଡ଼ିଶା ଇ.ପି.ଏଫ. ଆସୋସିଏସନର ଜିଲ୍ଲା ଉପସଭାପତି ମଧୁସୁଦନ ଜେନା, ସମ୍ପାଦକ ଗୋପାଳ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ବାରମ୍ବାର ଦାବୀ ସତ୍ତ୍ୱେ ସରକାର ଦାବୀ ପୂରଣ କରୁନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । କେନ୍ଦ୍ର ସରକାର ଆସନ୍ତା ଡିସେମ୍ବର ମାସ ମଧ୍ୟରେ ଦାବୀ ପୂରଣ ନକଲେ ଡିସେମ୍ବର ୧୮ ତାରିଖ ଦିନ ସଂସଦ ଭବନ ( ଦିଲ୍ଲୀ )ରେ ଧାରଣା ବିକ୍ଷୋଭ ସହିତ ଆଗାମୀ ଦିନରେ ବରିଷ୍ଠ ନାଗରିକ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଆନ୍ଦୋଳନ କାରୀ ମାନେ ଚେତାବନୀ ଦେଇଥିଲେ । ରାମଚନ୍ଦ୍ର ପଣ୍ଡା, ସୁବୋଧ ଚନ୍ଦ୍ର ନାଏକ, ମେନକା ଦାସ, ସଂଯୁକ୍ତା ଖିଲାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ, କେଶବତୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମ୍ବାଦିକ ସ୍ୱର୍ଗତ ରଞ୍ଜନ ପଟ୍ଟନାୟକଙ୍କୁ ଓଜେୟୁର ଶ୍ରଦ୍ଧାଞ୍ଜଳି



ନବରଙ୍ଗପୁର,୨୩/୧୧(ନି.ପ୍ର): ଓଡ଼ିଶା ସାମ୍ବାଦିକ ସଙ୍ଘ (ଓଜେୟୁ) ତରଫରୁ ସାମ୍ବାଦିକ ସ୍ୱର୍ଗତ ରଞ୍ଜନ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଆଜି ମଧ୍ୟାହ୍ନରେ ଓଡ଼ିଶା ସାମ୍ବାଦିକ ସଙ୍ଘ ଜିଲ୍ଲା ସଭାପତି ଶିବ ଶଙ୍କର ତ୍ରିପାଠୀଙ୍କ ଆବାହକତ୍ୱରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିବା ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋଜ ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଲେଖକ ବିଜୟ ଚୌଧୁରୀ, ସଙ୍ଘର ରାଜ୍ୟ ସମ୍ପାଦକ ବାଙ୍କ ବିହାରୀ ବିଷୋୟୀ ମଞ୍ଚାସୀନ ଥିବା ବେଳେ ଓ ସଙ୍ଘର ରାଜ୍ୟ ଉପଦେଷ୍ଟା ରାକେଶ ଗୁପ୍ତା ମଞ୍ଚ ପରିଚାଳନା କରିଥିଲେ । ସ୍ୱର୍ଗତ ରଞ୍ଜନ ପଟ୍ଟନାୟକ ସାମ୍ବାଦିକ ଥିବା ସହ ଜଣେ କର୍ମଠ ବ୍ୟକ୍ତି, ସମାଜସେବୀ, ରାଜନେତା ଓ ଦକ୍ଷ ସଭା ସଂଯୋଜକ ଥିଲେ । ତାଙ୍କ ଭଳି ବ୍ୟକ୍ତିତ୍ୱଙ୍କ ବିୟୋଗରେ ସଙ୍ଗଠନ ଓ ସାମ୍ବାଦିକ ମହଲରେ ଏକ ବିରାଟ ଶୂନ୍ୟ ସ୍ଥାନ ସୃଷ୍ଟି ହେଲା ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ଦୀର୍ଘ ଚଉଦ ବର୍ଷ ଧରି ସେ ମୁଖ କର୍କଟ ରୋଗରେ ପୀଡିତ ଥିବା ସତ୍ତ୍ୱେ ପ୍ରତିଦିନ କିପରି ତାଙ୍କ ଖବରକାଗଜରେ ଖବର ପ୍ରସାରଣ ହେବ ସେ ବିଷୟରେ ତତ୍ପରତା ଦେଖାଉ ଥିଲେ । ଯେକୌଣସି ସାମ୍ବାଦିକଙ୍କ ଅଫିସ ଗତ କିମ୍ବା ନିଜସ୍ୱ ଅସୁବିଧାରେ ସଙ୍ଗେ ସଙ୍ଗେ ସାହାଯ୍ୟର ହାତ ବଢ଼ାଇ ଆସୁଥିଲେ ।ଆଜିର ଏହି ସଭାରେ ଓଜେୟୁ ତରଫରୁ ଜିଲ୍ଲା ସମ୍ପାଦକ ଜାନକୀ କାନ୍ତ ବିଷୋୟୀ, କୋଷାଧ୍ୟକ୍ଷ ଦେବୀ ପ୍ରସାଦ ମହାପାତ୍ର, ଶିବ ଶଙ୍କର ବିଷୋୟୀ, ବିଷ୍ଣୁ ବିଷୋୟୀ, ପିଣ୍ଟୁ ଶତୃଶଲ୍ୟ ନିଜ ଶ୍ରଦ୍ଧାଞ୍ଜଳି ଭାବ ବ୍ୟକ୍ତ କରିଥିଲେ । ଅନ୍ୟ ଆମନ୍ତ୍ରିତ ସାମ୍ବାଦିକ ମାନଙ୍କ ମଧ୍ୟରୁ କିଶୋର ପଟ୍ଟନାୟକ, ରବି ପଟ୍ଟନାୟକ, ଏ. ସତୀଶ, ପ୍ରଭଞ୍ଜନ ତ୍ରିପାଠୀ, ଫାଲଗୁନି ପାତ୍ର, ଦେବୀ ପ୍ରସାଦ ପଟ୍ଟନାୟକ, ଶିବ ପ୍ରସାଦ ପଣ୍ଡା, ଦୁର୍ଗା ପ୍ରସାଦ ପାଢ଼ୀ ପ୍ରମୁଖ ସ୍ୱର୍ଗତ ରଞ୍ଜନ ପଟ୍ଟନାୟକଙ୍କ ସହ ନିଜ ନିଜ ଅନୁଭୂତି ବଖାଣିବା ବେଳେ ସଭା ଗୃହରେ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇ ଉଠିଥିଲା ।

## ଏମସିଏଏମ କଲେଜ ଓଡ଼ିଆ ବିଭାଗର ପାଠଚକ୍ର

ବାରିପଦା ତା ୨୩/୧୧: ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ଓଡ଼ିଆ ବିଭାଗ ତରଫରୁ ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାର ଗଠନ କଳା ଶୀର୍ଷକ ଏକ ଦିବସୀୟ ପାଠଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଏବଂ ବିଭାଗୀୟ ମୁଖ୍ୟ ଡ଼କ୍ଟର ଠାକୁରା ଚରଣ ମାରାଣ୍ଡି ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଗୋରୁମହିଷାଣୀ ଆଇରନ କଲେଜର ଓଡ଼ିଆ ବିଭାଗ ଅଧ୍ୟାପକ ଡ଼କ୍ଟର ଦିଗାମ୍ବର ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୁଦ୍ଧଦେବ, ଉତ୍କଳ ମଣି ଗୋପବନ୍ଧୁ ଦାସ, କବିବର ରାଧାନାଥ ରାୟଙ୍କ କବିତା ଏବଂ ବାଙ୍ଗରିପୋଷୀ ଘାଟି ଉପରେ ଏକ ସୁନ୍ଦର ରଚନା ପାଠ କରିବା ସହିତ ଓଡ଼ିଆ ଭାଷାର ଗୁରୁତ୍ୱ ଉପରେ ଛାତ୍ର ଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ । ବିଭାଗୀୟ ଅଧ୍ୟାପିକା ତୃପ୍ତି ଦାସ କବିତା ପାଠ କରିବା ସହିତ କବିତା ପଠନର ଶୈଳୀ ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ. ସ୍ନାତକୋତ୍ତର ଛାତ୍ରୀ ଇପ୍ସିତା ବେହେରା, ଅର୍ଚ୍ଚନା ବାରିକ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ଉମାବତୀ ପାତ୍ର, ସରିତା ବିନ୍ଧାଣୀ, ସ୍ନେହଲତା ପ୍ରଧାନ, ରୁଦ୍ର ବେହେରା, ପ୍ରମିଳା ମହାନ୍ତ, ଲିଜାରାଣୀ ବିଶ୍ୱାଳ, ମାନସ ଗିରି, ଛବିରାଣୀ ମହାନ୍ତ ପ୍ରମୁଖ କବିତା ପାଠ କରିଥିଲେ । ଶେଷରେ ସ୍ନାତକୋତ୍ତର ଶେଷ ବର୍ଷର ଛାତ୍ରୀ ମୋନାଲିସା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ସ୍ତରୀୟ ଏକାଦଶତମ କୃଷି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି

କେନ୍ଦ୍ରାପଡ଼ା ୨୩/୧୧(ନି.ପ୍ର): ଏକାଦଶତମ କୃଷି ଗଣନା ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ପାଇଁ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଜିଲ୍ଲାର ଯୋଜନା ଓ ପର୍ଯ୍ୟାଲୋଚନା ଏକକ କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ।ଏହି ଗଣନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୩୧୭ ଟି ନମୂନା ଗ୍ରାମ ଏବଂ ତୃତୀୟ ପର୍ଯ୍ୟାୟ ପାଇଁ ୧୧୧ ଟି ନମୂନା ଗ୍ରାମରେ ସର୍ଭେ କରାଯିବ । ଏଥିରେ ନମୂନା ଗ୍ରାମ ଗୁଡିକରୁ ଚାଷ ଜମିର ତଥ୍ୟ,ନାମ ମାତ୍ର ଚାଷୀ, କ୍ଷୁଦ୍ର ଚାଷୀ,ମଧ୍ୟମ ତଥା ଅର୍ଦ୍ଧ ମଧ୍ୟମ ଏବଂ ବଡ ଚାଷୀ ମାନେ ବ୍ୟବହାର କରୁଥିବା ବିଭିନ୍ନ କୃଷି ଉତ୍ପାଦନ ସମ୍ବନ୍ଧୀୟ ତଥ୍ୟ ଯଥା ରାସାୟନିକ ସାର, କୀଟନାଶକ ଔଷଧ,କୃଷି ଯନ୍ତ୍ରପାତି, କୃଷି ଋଣ, ଇତ୍ୟାଦି ଉପରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବ । ଏହି ଗଣନା କାର୍ଯ୍ୟ ରେ ତିନୋଟି ବିଭାଗର ଯଥା ରାଜସ୍ୱ, କୃଷି ଏବଂ ଯୋଜନା ସଂଯୋଜନା ବିଭାଗର ୪୮ଜଣ ପ୍ରାଥମିକ ଗଣନାକାରୀ ଏବଂ ୨୭ ଜଣ ପର୍ଯ୍ୟବେକ୍ଷକ ନିୟୋଜିତ ରହିବେ । ଏହି ତାଲିମ୍ ଶିବିରରେ,ଜିଲ୍ଲାର ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ କଲ୍ୟାଣ କୁମାର ରାଏ,ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଶ୍ରୀଯୁକ୍ତ ଦେବଦାସ ଦତ୍ତ,ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ଅଶୋକ ବଳିଆର ସିଂହ, ପ୍ରାଣି ସମ୍ପଦ କାର୍ଯ୍ୟାଳୟର ଶ୍ରୀଯୁକ୍ତ ସୁଧାଂଶୁ ଶେଖର ମଣ୍ଡଳ,ଅତିରିକ୍ତ ତହସିଲଦାର ତଥା ସମସ୍ତ ପ୍ରାଥମିକ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକର ଉପ ନିର୍ଦ୍ଦେଶିକା ଶ୍ରୀମତୀ ଆରତୀ ନାୟକ କୃଷି ଗଣନାର ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ପାଇଁ ତାଲିମ୍ ପ୍ରଦାନ କରିଥିଲେ ଏବଂ ଷ୍ଟାଟିଷ୍ଟିକାଲ୍ ଅଫିସର ଶ୍ରୀମତୀ ପୁଷ୍ପାଞ୍ଜଳି ପଣ୍ଡା ସହଯୋଗ କରିଥିଲେ ।

## ନବରଙ୍ଗପୂର୍ ଠାରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଦିବସ ପାଳିତ



ନବରଙ୍ଗପୁର:୨୩/୧୧(ନି.ପ୍ର): ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ଥାପିତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା ସହ ସ୍ମୃତି ସଭା,ପୁରସ୍କାର ବିତରଣ ଉତ୍ସବରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଦିବସ ମହାସମାରୋହରେ ପାଳିତହୋଇଯାଇଛି । ସକାଳ ୯.୦୦ ଘ ସମୟରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ସ୍ମୃତି ସଭାରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ପୂଜ୍ୟପୂଜା କରିଥିଲେ । ଏହି ଅବସରରେ ମୁଖ୍ୟବକ୍ତା ରୂପେ ଡ଼ ବିଜୟ ମିଶ୍ର, ସମ୍ମାନୀତ ଅତିଥି ରୂପେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ବିଜୟ ଚୌଧୁରୀ, ନାରାୟଣ ପଣ୍ଡା, ଜେମାମଣି ବିଶୋଇ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ ରେଶମଲାଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭ ରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଓ ସଂଗ୍ରାମ ଉପରେ ସମ୍ୟକ୍ ସୁଚନା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ସଭା ପରିଚାଳନା କରିଥିଲେ । ସ୍ମୃତିସଭାରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ସହ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।ଅତିଥି ଗଣ ନିଜ ବକ୍ତବ୍ୟରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ , ସାହସିକତା, ଜାତିପ୍ରିତି ,ଦେଶପ୍ରେମକୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଉପସ୍ଥିତ ଛାତ୍ର ଛାତ୍ରୀ ଙ୍କୁ ଆହ୍ୱାନ କରିଥିଲେ । ଗତ ୨୧.୧୧.୨୦୨୪ ତାରିଖରେ ସହିଦ ଲକ୍ଷଣ ନାୟକଙ୍କ ଜୀବନୀ ସଂପର୍କିତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ସ୍ତର ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ ।ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ଡି ଏସ ଏସ ଓ ସୁଧାଂଶୁ ପାତ୍ର, ପୌରପାଳିକା ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ସହରର ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଜନଜାତିୟ ଗୌରବ ବର୍ଷ ପାଳନ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା ଓ ତାଲିମ କାର୍ଯ୍ୟକ୍ରମ



ନବରଙ୍ଗପୁର:୨୩/୧୧(ନି.ପ୍ର): ଆଦିବାସୀ ସଂଗ୍ରାମୀ ବିର୍ଶା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକ ଉତ୍ସବ ଅପାଳନ ଅବସରରେ ୨୦୨୫ ମସିହାକୁ "ଜନଜାତୀୟ ଗୌରବ ବର୍ଷ" ରୂପେ ପାଳନ କରିବା ନିମନ୍ତେ ଓଡିଶା ସରକାରଙ୍କ ନିର୍ଦ୍ଦେଶରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ୧୨ ଗୋଟି ପଞ୍ଚାୟତର ୨୪ ଟି ଗ୍ରାମ ଯଥା:- ଗୋଡେଗାଁ, ଖୁଟୁଲୁଗୁଡା, ସାନଓଲମା, ବରକିଗୁଡା, ଭାଲୁଗୁଡା, ପରସବେଡା, ମେଣ୍ଡ୍ରା, ମେଣ୍ଡ୍ରିଗୁଡା, ଗୋଦମାଗୁଡା, ଛେଲିବେଡା, ପାରିଆବେଡ଼ା, ଖୁଟୁଗୁଡା, ଡ଼ଙ୍ଗରିଗୁଡା, ଡଙ୍ଗରା, କହକାଗୁଡା, କୁରୁପା, ମୁଣ୍ଡୀଗୁଡା, ମାଝିଗୁଡା, ଦରଗୁଲା, ଫୁଲଭଟ୍ଟା, ତାଳବେଡା, ସରଗୁଡା, ଝାଲିଆଗୁଡା ଓ ମେଞ୍ଜର ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ତଥା ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଗ୍ରାମସଭାରେ ସରପଞ୍ଚ ଓ ୱାର୍ଡ ସଭ୍ୟସଭ୍ୟା ମାନଙ୍କୁ ପ୍ରଥମେ ସ୍ୱାଗତ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏଥିରେ ଭାରତର ସମ୍ବିଧାନ ମୁଖବନ୍ଧ ପଠନ, ସ୍ୱଚ୍ଛତା ଓ ନିଶା ସେବନ ନ କରିବା ପାଇଁ ଶପଥ ଗ୍ରହଣ କରଯାଇଥିଲା, ସ୍ୱତନ୍ତ୍ର ନିମନ୍ତ୍ରୀତ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା, ପେସା ଆଇନ, ଜଙ୍ଗଲ ଅଧିକାର ଆଇନ, ସ୍ଥାନୀୟ କରଣ ଦୀର୍ଘ ସ୍ଥାୟୀ ଓ ସଂକଳ୍ପ ବିଷୟରେ ପ୍ରଦାନ କରାଯାଇଥିଲା । ଏହାସହ ପଞ୍ଚାୟତ ଉନ୍ନୟନ ସୂଚକଙ୍କ ଓ ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ଶେଷରେ ପ୍ରତି ଗ୍ରାମରେ ୧୦ ଟି ଲେଖାଏଁ ବୃକ୍ଷ ରୋପଣ କରାଯାଇଥିଲା । ଏଥିରେ ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ନେଟୀ, ସହକାରୀ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସଂମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ଅଙ୍ଗନୱାଡି ସୁପରଭାଇଜର ରୋଜାଲିନ ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝି, ଦକ୍ଷତା ବ୍ଲକ ସହଭାଗୀ ମୋନାଲ ପରିଡା, ବିପିସି ଯୋଗେନ୍ଦ୍ର ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ପର୍ଶୁରାମ ମାଳୀ, ଅର୍ଜୁନ ଭତ୍ରା, ହଳଧର ଜାନୀ, ଦିବ୍ୟଶଙ୍କର ପୂଜାରୀ, ରୂପାଲୀ ମଣ୍ଡଳ, କାମିନୀ ହରିଜନ, ପେସା ସଂଯୋଜକ ଶୁଭଶ୍ରୀ ମହାଙ୍କୁଡ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ୱାର୍ଡ ସଭ୍ୟ/ସଭ୍ୟା, ଏଡିଇଓ, ଜିଆରଏସ, ଏମବିକେ, ଅଙ୍ଗନୱାଡି କର୍ମୀ ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

## ଅଜୟ ଦାଶ ସ୍ମାରକୀ ସଭାରେ ଯୋଗ ଦେଲେ ମହାମାନ୍ୟ ରାଜ୍ୟପାଳ




ବାରିପଦା ତା ୨୩/୧୧: ବାରିପଦା ସ୍ଥିତ ସହିଦ ସ୍ମୃତି ଭବନରେ ଆୟୋଜିତ ୧୩ତମ ଅଜୟ ଦାଶ ସ୍ମାରକୀ ସଭାରେ ଓଡ଼ିଶାର ମହାମାନ୍ୟ ରାଜ୍ୟପାଳ ଶ୍ରୀଯୁକ୍ତ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ତଥା ମୟୂରଭଞ୍ଜର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଜୟ ଦାଶଙ୍କ ସ୍ମୃତି ସମାଜ ଗଠନ ପାଇଁ ପଥ ପ୍ରଦର୍ଶକ ହୋଇ ରହିବ ବୋଲି କହିଥିଲେ । ଅଜୟ ଦାଶ ସ୍ମୃତି କମିଟିର ସଭାପତି ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଅର୍ଥନୀତି ପ୍ରାଧ୍ୟାପକ ଡ. ମୋହିତ କୁମାର ଷଡଙ୍ଗୀ, ସମ୍ମାନୀୟ ବକ୍ତା ଭାବେ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବ୍ଲକ ଚେୟାରମ୍ୟାନ ବୈଦ୍ୟନାଥ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱର୍ଗତଃ ଦାଶଙ୍କ ଧର୍ମପତ୍ନୀ ସୁମତୀବାଳା ଦାଶ ମହାମହିମ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ପରିପ୍ରେକ୍ଷୀରେ ଚିକିତ୍ସା କ୍ଷେତ୍ରରେ ଡଃ. କରୁଣାକର ମହାପାତ୍ର, ରାଜନୀତି କ୍ଷେତ୍ରରେ ଶ୍ରୀ ପଦ୍ମଲୋଚନ ହାଇବ୍ରୁ, ସାରସ୍ୱତ କ୍ଷେତ୍ରରେ ଡଃ କବିତା ବାରିକ, ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାଶ, କଳା କ୍ଷେତ୍ରରେ ଶ୍ରୀଯୁକ୍ତ ସୌର ବିହାରୀ ଦାସ, କ୍ରୀଡା କ୍ଷେତ୍ରରେ ଶ୍ରୀ ନନ୍ଦକିଶୋର ପଟନାୟକ(ମରଣୋତ୍ତର), ଆଇନ ଏବଂ ସମାଜସେବା କ୍ଷେତ୍ରରେ, କୃଷ୍ଣ ଚନ୍ଦ୍ର ଦାସ, ମନୋରଞ୍ଜନ ପଟ୍ଟନାୟକ, ସଂଗଠନ କ୍ଷେତ୍ରରେ, ଯୋଗଗୁରୁ ରାକେଶ ମହାନ୍ତ ଏବଂ ଶିକ୍ଷା କ୍ଷେତ୍ରରେ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ତିନି ବର୍ଗର ବିଦ୍ୟାର୍ଥୀ କୁମାରୀ ଜ୍ୟୋତିକା ମହାପାତ୍ର (ସାଧାରଣ), ମିନାକ୍ଷୀ ବେହେରା (ଦିବ୍ୟାଙ୍ଗ), ବୁଦ୍ଧେଶ୍ୱର ମୁର୍ମୁ (ଆଦିବାସୀ) ଙ୍କୁ ଅଜୟ ଦାଶ ମେଧା ବୃତ୍ତି ପାଞ୍ଚ ହଜାର ଟଙ୍କା ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା. ଶ୍ରୀଯୁକ୍ତ ଆଶିଷ କୁମାର ବଶା ମଂଚ ପରିଚାଳନା କରିଥିବାବେଳେ, କୃଷ୍ଣ ଚନ୍ଦ୍ର ଦାସ, ଜୟନ୍ତ ପଣ୍ଡା, ସନତ କୁମାର ଦାଶ, ଅଂଶୁମାନ ଦାସ, ଦେବୀଦତ୍ତ ଦାସ, ମନୋରଞ୍ଜନ ପଟ୍ଟନାୟକ ତଥା ଅଜୟ ଦାଶ ସ୍ମାରକୀ ସମିତିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

## ସପୋର୍ଟ ଟୁ ପୋର ପ୍ରିଜୋନାର ସ୍କିମରେ ଖଲାସ ହେଲେ ଦୁଇ କଏଦୀ

ବାରିପଦା ତା ୨୩/୧୧: ବାରିପଦା ମଣ୍ଡଳ କାରାଗାର ରେ ଦୁଇଜଣ ସଜା କାଟୁଥିବା ଅନ୍ତେବାସୀ କୁନୁ ଓରଫ ଜୟନ୍ତ ସାମନ୍ତରାୟ ଏବଂ ଖୁଦୁ ଓରଫ ଖୁଦିରାମ ମାରାଣ୍ଡି ବାରିପଦା ମଣ୍ଡଳ କାରାଗାରରୁ ସପୋର୍ଟ ଟୁ ପୋର ପ୍ରିଜୋନାର ସ୍କିମରେ ରେ ଖଲାସ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି. ସୂଚନା ମୁତାବକ ଉପରୋକ୍ତ ଦୁଇ ଅନ୍ତେବାସୀ ସଜାକାଟି ସାରିବା ପରେ ମାନ୍ୟବର ଅଦାଲତଙ୍କ ଦ୍ୱାରା ନିର୍ଦ୍ଧାରିତ ଜୋରିମନା ଅନାଦାୟ ବାବଦକୁ ସଜା କାଟୁଥିଲେ । ଏବଂ ଜୋରିମାନା ଟଙ୍କା ମାନ୍ୟବର ଅଦାଲତଙ୍କ ଠାରେ ପରିଶୋଧ କରିପାରିବେ ନାହିଁ ବୋଲି କାରାଗାରର ବରିଷ୍ଠ ଅଧିକ୍ଷକ ସୁଜିତ କୁମାର ରାଉଳଙ୍କ ଠାରେ ତାଙ୍କର ଅକ୍ଷମତା ପ୍ରକାଶ କରିବାରୁ ବରିଷ୍ଠ ଅଧିକ୍ଷକ ସରକାରଙ୍କ ଦ୍ୱାରା ପ୍ରଚଳିତ ଧାରା ସପୋର୍ଟ ଟୁ ପୋର ପ୍ରିଜୋନାର ସ୍କିମରେ ରେ ଅନ୍ତର୍ଭୁକ୍ତ କରି ଦୁଇଜଣଙ୍କ ନାମ ଡିଏଲଏସଏ ର ସମ୍ପାଦକ ଙ୍କୁ ସୁପାରିସ କରିଥିଲେ । ଡିଏଲଏସଏ ର ସମ୍ପାଦକ ଏବଂ ମୟୁରଭଞ୍ଜ ଜିଲ୍ଲାପାଳହେମକାନ୍ତ ସୟ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାନ୍ୟବର କାରା ମହାନିର୍ଦ୍ଦେଶକ ଉକ୍ତ ଜୋରିମାନା ଟଙ୍କା ପ୍ରଦାନ କରିବାରୁ ଦୁଇଜଣ ଅନ୍ତେବାସୀ କାରାଗାରରୁ ମୁକ୍ତ ହୋଇ ସମାଜର ମୂଖ୍ୟ ସ୍ରୋତରେ ସାମିଲ ହେବାକୁ ସକ୍ଷମ ହୋଇପାରିଛନ୍ତି । ବରିଷ୍ଠ ଜେଲ ଅଧିକ୍ଷକ ସୁଜିତ କୁମାର ରାଉଳ ଓ କାରାପାଳ ଶଶୀକାନ୍ତ ମହାଳିକଙ୍କର ଏତାଦୃଶ କାର୍ଯ୍ୟକୁ ବାରିପଦା ବୁଦ୍ଧିଜିବୀ ମହଲରେ ପ୍ରସଂସା କରାଯାଇଅଛି ।

## ଭଂଜପୁର ଜଗଦ୍ଧାତ୍ରୀମେଳାର ନବମ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ




ବାରିପଦା - ତା :- ୨୩/୧୧/୨୦୨୪ ରିଖ ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ଦଶମ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ମୟୁରଭଞ୍ଜ ଆର୍ଟ ଫାଉଣ୍ଡେସନ, ପରେ ପରେ ନଂ - ୧ ଡ୍ୟାନ୍ସ ଗ୍ରୁପ ଓ ଶେଷରେ ଇନସ୍ପାୟାର ଡ୍ୟାନ୍ସ ଗ୍ରୁପର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା ଓ ସମସ୍ତ ସାଂସ୍କୃତିକ ଦଳକୁ ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡା ଓ ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଅଂଶ ଗ୍ରହଣ ପ୍ରମାଣ ପତ୍ର ଦେଇ ଉତ୍ସାହିତ କରିଥିଲେ । ଏହି ଅବସରରେ ଚିତ୍ରାଙ୍କନ, କୁଇଜ ଓ ନୃତ୍ୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ହାତରେ ପୁରସ୍କୃତ କରାଯାଇଥିଲା । କମିଟିର କାର୍ଯ୍ୟକାରୀ ସଭାପତି କୃଷ୍ଣଓନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ ଓ ସମ୍ମାନିତ ଅତିଥି ଭାବେ ସମସ୍ତ କାଉନସିଲର ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । ବାରିପଦା ମ୍ୟୁନିସିପାଲିଟି ତରଫରୁ ମେଳାର ବିକାଶ ପାଇଁ ୫୦ ହଜାର ଟଙ୍କାର ପ୍ରତ୍ସାହନ ରାଶି ପ୍ରଦାନ କରାଯାଇଥିଲା । କମିଟି ତରଫରୁ ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ପୂଜା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ମେଳା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି ମଧ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ । ସୋମନାଥ ସିଂହ ଓ ଆଲୋକ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଆସନ୍ତା କାଲି ମୁମ୍ବାଇ ନାଇଟ୍ସର କାର୍ଯ୍ୟକ୍ରମରେ ସୁନାମଧନ୍ୟ ମ୍ୟୁଜିକ ଏରେଞ୍ଜର ଗିରିଶ ବିଶ୍ୱାଙ୍କ ସମେତ ଇଣ୍ଡିଆନ ଆଇଡଲ ବିଜେତା ଇଶିତା ଓ ପିୟୁଷଙ୍କ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଜଣାଇଛନ୍ତି ।

## ଠିକାଦାର ଟିପଚିହ୍ନ ନେଇ ହିତାଧିକାରୀ ଙ୍କ ଆବାସ ଟଙ୍କା ହଡପ କଲେ

ନବରଙ୍ଗପୁର ୨୩/୧୧(ନି.ପ୍ର): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ବୋବେଇ ପଞ୍ଚାୟତ ଅନ୍ତର୍ଗତ ଚୋରବେଡା ଗ୍ରାମର ସୁକମତି ଗଣ୍ଡ ଙ୍କ ବର୍ଷେ ହେଲା ଆବାସ ଯୋଜନା ଘର ଫାଉଣ୍ଡେସନ କରି ଜଲେଙ୍ଗପାରା ସମିତି ସଭ୍ୟ ରାଜେଶ ଅଧିକାରୀ ଠିକାନେଇ ହିତାଧିକାରୀ ଙ୍କ ଆଙ୍ଗୁଠି ଛାପ ନେଇ ୪୦ ହଜାର ଟଙ୍କା ହଡପ ଅଭିଯୋଗ କରିଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି ।ସେହିପରି ଚୋରବେଡା ଗ୍ରାମ ର ଜିତେନ୍ ଗଣ୍ଡ ଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଘର ଆସିଥିବା ବେଳେ ସମିତି ସଭ୍ୟ ରାଜେଶ ଅଧିକାରୀ ଦୁଇ ବର୍ଷ ହେଲା ଫାଉଣ୍ଡେସନ ନ କରି ଟିପ ଚିହ୍ନ ନେଇ ୪୦ ହଜାର ଟଙ୍କା ହଡପ କରିଥିବା ଅଭିଯୋଗ, ସେହିପରି ଚୋରବେଡା ଗ୍ରାମର ଲକମୁ ଗଣ୍ଡ ଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଘର ଆସିଥିବା ବେଳେ ବର୍ଷେ ହେବ ଘରର ଖାଲି ଫାଉଣ୍ଡେସନ କରି ପଇସା ଆତ୍ମସାତ କରିଥିବା ବେଳେ ଲକମୁ ମରି ଗଲେ, କିନ୍ତୁ ତାଙ୍କ ଘର ସମ୍ପୂର୍ଣ୍ଣ ତିଆରି ନ କରି ୪୦ ହଜାର ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି ଲକମୁ ଗଣ୍ଡ ଙ୍କ ସ୍ତ୍ରୀ ହିରାବାଇ ଗଣ୍ଡ,ଗରିବ ହିତାଧିକାରୀ ଙ୍କ ବିଶ୍ୱାସ ରେ ବିଷ ଦେଇ ଆବାସଯୋଜନା ର ଅର୍ଥ ୪୦ ହଜାର ଟଙ୍କା ଆତ୍ମସାତ କରିଥିବା ଜଣେ ସମିତିସଭ୍ୟ ଙ୍କ ନାମରେ ଅଭିଯୋଗ ଆଣିଲେ ହିତାଧିକାରୀ, ଏହି ବିଷୟରେ ରାଇଘର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମିସାଗର ମାଝୀ ଙ୍କୁ ପଚାରିବାରୁ ଏହି ଘଟଣା ପ୍ରତି ଦୃଷ୍ଟି ଦେଇ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।



## ଡେରାବିଶ ବ୍ଲକରେ ଜାଲ ସାର୍ଟିଫିକେଟ ଦେଇ ଚାକିରୀ ହାତେଇଥିବାର ଚେର ଲମ୍ବି ଲମ୍ବି ଯାଉଛି

କେନ୍ଦ୍ରାପଡ଼ା ତା ୨୩/୧୧: ବସୂପୂର୍ ପଞ୍ଚାୟତର ଏମ ବି କେ ପଦବୀରେ ହୋଇଛି ବ୍ୟାପକ ଅନିୟମିତତା ର ଅଭିଯୋଗ ହୋଇଛି । ପ୍ରତି ପଞ୍ଚାୟତରେ ଏମ ବି କେ ଏବଂ ସି ଆର ପି ପୋଷ୍ଟ ପାଇଁ ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ହଜାର ହଜାର ସଂଖ୍ୟାରେ ଆବେଦନ ପହଞ୍ଚି ଥିଲା ।ନିର୍ଦ୍ଧାରିତ ସମୟସୀମା ରେ ପହଞ୍ଚିଥିବା ଆବେଦନ ଗୁଡ଼ିକୁ ସରକାରଙ୍କ ଦିଆଯାଇଥିବା ଗାଇଡ ଲାଇନ୍ ଅନୁସାରେ ବାଛିବା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଅଭିଯୋଗ ଅନୁସାରେ ଏମ ବି କେ ଚୟନ ପ୍ରକିୟା ଠାରୁ ନେଇ ଏମ୍ ବି କେ ନିଯୁକ୍ତି କରିବା ପର୍ଯ୍ୟନ୍ତ ପ୍ରତି ପ୍ରକ୍ରିୟାରେ ହୋଇଛି ଚଞ୍ଚକତା । ପ୍ରକୃତ ଶିକ୍ଷାଗତ ଯୋଗ୍ୟତା ପାଇଥିବା ପ୍ରାର୍ଥୀନୀ ଙ୍କୁ ମାତ୍ ଦେଇଛନ୍ତି ଜାଲ୍ ଶିକ୍ଷାଗତ ପ୍ରମାଣ ପତ୍ର ଧାରି । ଆଉ ହାତେଇ ନେଇଛନ୍ତି ଏମ ବି କେ ପୋଷ୍ଟ । ଏହି କେଳେଙ୍କାରୀରେ କୁଆଡେ ସାମିଲ ଅଛନ୍ତି ବ୍ଲକର ଏବଂ ମିଶନ୍ ଶକ୍ତିର ବଡ଼ ବଡ଼ ଅଧିକାରୀଙ୍କ ସମେତ ଏକ ଜାଲ ସାର୍ଟିଫିକେଟ ତିଆରି କରୁଥିବା ରାକେଟ । ଧିରେ ଧିରେ ଯେତିକି ଗୁମର ଫିଟୁଛି,ଅଭିଯୋଗର ଫର୍ଦ୍ଦ ସେତିକି ଲମ୍ବୁଛି । ପ୍ରଥମେ ଜଅଁରାବାରିମୁଳ ତା ପରେ ଚାନ୍ଦୋଳ ପଞ୍ଚାୟତ ଏବେ ଅଭିଯୋଗ ହୋଇଛି ବସୁପୂର୍ ପଞ୍ଚାୟତ ଏମ ବି କେ ପୋଷ୍ଟର ଅନିୟମିତତା ପାଇଁ । ଯଦି ଜାଲ ସାର୍ଟିଫିକେଟ ଧରି ଚାକିରୀ ପାଇବେ , ତେବେ ଯୋଗ୍ୟ ପ୍ରାର୍ଥୀ କରିବେ କଣ ବୋଲି ଏବେ ଚିନ୍ତାରେ ଯୁବ ପୀଢ଼ି ।ଗୋଟେ ପରେ ଗୋଟେ ଅଭିଯୋଗର ସତ୍ୟତା ଆସିବାପରେ କାହିଁକି ଚୁପ୍ ଚାପ୍ ପ୍ରଶାସନ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କଲେଣି । ଦେଖିବାକୁ ବାକି ରହିଲା , କେଉଁ ପର୍ଯ୍ୟନ୍ତ ଲମ୍ବିଛି ଏହି ଫର୍ଜିବାଡା ର ଚେର । ତଦନ୍ତ ହେଉଛି କି ମିଳିମିଶି ଚାପିଦେଉଛନ୍ତି ଉପରିସ୍ଥ ଅଧିକାରୀ । କିପରି ଏହି ଚ୍ୟାଲେଞ୍ଜ କୁ ସାମ୍ନା କରୁଛନ୍ତି କେନ୍ଦ୍ରାପଡ଼ା କୁ ନୂଆକରି ଆସିଥିବା ଜିଲ୍ଲାପାଳ ।

## ଡ୍ରିମ୍ ଇଣ୍ଡିଆ ସ୍କୁଲ ପରିସରରେ ୫ମ ତମ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ

କେନ୍ଦ୍ରାପଡା, ୨୩/୧୧(ନି.ପ୍ର): ଗରାପୁର ସନ୍ନିକଟ ଡ୍ରିମ୍ ଇଣ୍ଡିଆ ସ୍କୁଲ ପରିସରରେ ପୂର୍ବାହ୍ନ ୮ ଘଟିକା ସମୟରୁ ଦିନ ତମାମ ବିଦ୍ୟାଳୟର ଅଧକ୍ଷା ବିଜୟ ଲକ୍ଷ୍ମୀ କରଙ୍କ ଅଧକ୍ଷତାରେ ପ୍ରାୟ ୨ଶହରୁ ଅଧିକ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ମେଗା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥୀଭାବେ କେନ୍ଦ୍ରାପଡା ଏବିଡିଓ ଅନିରୁଦ୍ଧ ବେହେରା, ମୁଖ୍ୟ ବକ୍ତାଭାବେ ଗୁଲନଗର ହାଇ ସ୍କୁଲର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ସାମଲଙ୍କ ସମେତ ସମ୍ମାନୀୟ ଅତିଥି ଭାବେ ଜବାହାର ନବଦ୍ୱୟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବବୁଲ୍ ପ୍ରଧାନ ପ୍ରମୂଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୂର୍ତନ ଜ୍ଞାନ କୌଶଳରେ ନିର୍ମିତ ବିଭିନ୍ନ ଯନ୍ତ୍ର ପାତି ଗୁଡିକୁ ବୁଲି ଦେଖିବା ସହିତ ସେହି ଯନ୍ତ୍ର ପାତି ଗୁଡ଼ିକର ଉପ କାରିତା ସମ୍ପର୍କରେ ପଚାରି ବୁଝିଥିଲେ । ଏହିକାର୍ଯ୍ୟ କ୍ରମରେ ସହକାରୀ ଶିକ୍ଷକ ସୂଦର୍ଶନ ବେହେରା, ରମେଶ କୁମାର ଜେନା, ସନ୍ଦୀପ କୁମାର ଜେନା, ଅମ୍ବୁଜ ସେଠୀ, ସୁବ୍ରତ ବରାଳ, ସେକ୍ ଅଜିମ୍, ବିଣାପାଣୀ ହାତୀ, ସ୍ନେହାଞ୍ଜଳି ଭୋଳ, ସୋନମ ବିଶ୍ୱାଳ, ମୋନାଲିସା ସାମନ୍ତରାୟ, ଅମ୍ବିକା ମହାନ୍ତି, ନୂତନ ପ୍ରିୟ ଦର୍ଶିନୀ, ଅରୁଣା ସ୍ୱାଇଁ, ରାଜଶ୍ରୀ ଦାସ, ପ୍ରିୟଙ୍କା ଜେନା, ରସ୍ମିତା ପ୍ରଧାନ, ସ୍ୱପ୍ନେନ୍ଦୁ ସ୍ୱାଇଁ ଓ ସୁଶ୍ରୀ ଦାସ ପ୍ରମୂଖ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସମସ୍ତ ସାହାଯ୍ୟ ସହଯୋଗ କରିଥିଲେ ।

## ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ବେଳେ ପୋଲିସର ଚଢ଼ାଉ- ଡମ୍ପର,ଜେସିବି,୬ ଟ୍ରାକ୍ଟର ଜବତ୍ ସହ ୫ ଗିରଫ

ଜଳେଶ୍ୱର,୨୩/୧୧(ନି.ପ୍ର): ବେଆଇନ ଦିବା ରାତ୍ରି ଚୋରା ବାଲି ପରିବହନ ବେଳେ ଜଳେଶ୍ୱର ପୋଲିସ, ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୧ଟି ବାଲି ବୋଝେଇ ଡମ୍ପର, ୧ଟି ଜେସିବି ଓ ୬ ଟି ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ୫ ଜଣଙ୍କୁ ଗିରଫ କରିଛି ।ସୂଚନା ଅନୁଯାୟୀ ବାଲି ସୌରାତ ଗୁଡ଼ିକ ମାଇନିଙ୍ଗ ହାତକୁ ଯିବା ପରେ ବାଲି ମାଫିଆ ମାନେ ସକ୍ରିୟ ହୋଇ ବେପରୁଆ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗ କୁ ଚାଲାଣ କରି ମୋଟା ଅଙ୍କର ଅର୍ଥ ହଡ଼ପ କରୁଥିବା ବିଭିନ୍ନ ସମୟରେ ଖବର କାଗଜରେ ପ୍ରକାଶିତ ହେବା ସହ ରାସ୍ତାରେ ଯିବା ଆସିବାରେ ବିପଦ ସୃଷ୍ଟି ହୋଇ ଆସୁଥିଲା ।ବିଭିନ୍ନ ଦିଗରୁ ଅଭିଯୋଗ ଓ ଅବରୋଧ ଗଣ୍ଡଗୋଳ ମଧ୍ୟ ହେଉଥିଲା । ତେଣୁ ବିଭିନ୍ନ ଅପରାଧିକ କାର୍ଯ୍ୟ ରୋକିବା ପାଇଁ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠି ଙ୍କ ନେତୃତ୍ୱରେ ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଥିବା ସରକାରୀ ବାଲି ସୌରାତ ଗୁଡିକର ରାସ୍ତା ଉପରେ ଅତର୍କିତ ଚଢ଼ାଉ କରାଯାଇଥିଲା । ସରକାର, ଜଳେଶ୍ୱର ଅଞ୍ଚଳରେ,କୌଣସି ବାଲି ସୈରାତ କୁ ବାଲି ଉତ୍ତୋଳନ ଲାଗି ଅନୁମିତ ପ୍ରଦାନ କରି ନଥିବା ବେଳେ,ଏହାର ସୁଯୋଗ ନେଇ ବାଲି ମାଫିଆ ମାନେ ପୋଲିସକୁ ଚକମା ଦେଇ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଅବାଧରେ ଚିଲାଣ କରୁଥିଲେ । ଗୁରୁବାର ରାତ୍ରରେ ବାଲି ପରିବହନ କରୁଥିବା ବେଳ ଜଳେଶ୍ୱର ପୋଲିସ ଖବର ପାଇ ଲକ୍ଷ୍ମଣନାଥ, ଆମ୍ବଳିଅଠା ନାକା ପଏଣ୍ଟ, ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୋଟିଏ ଡମ୍ପର, ଗୋଟିଏ ଜେସିବି ମେସିନ ଓ ୬ ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହିତ ୫ ଜଣଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରୀ ରଖିଛି । ଜଳେଶ୍ୱର ପୋଲିସ,ସେମାନଙ୍କ ନାମରେ ୫୮୦/୯୦, ୯୧, ୯୨/୨୪ ମୂଳେ ଏକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି ।ଆଗକୁ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ କୁ ନେଇ ନେଇ ଅଧିକ ଧରପଗଡ ହେବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ସେଠି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ବିଭିନ୍ନ ସରକାରୀ ଉନ୍ନୟନମୂଳକ କାର୍ଯ୍ୟ ଓ ଆବାସ ଯୋଜନା, ନିର୍ମାଣ ହେଉଥିଲେ ମଧ୍ୟ ସୁବର୍ଣ୍ଣରେଖା ନଦୀରେ,ବାଲି ସୈରାତ ଖୋଲୁ ନଥିବାରୁ ଚୋରି ଅଧିକ ବୃଦ୍ଧି ପାଉଛି ବୋଲି ଆଲୋଚନା ହେଉଛି ।

ସଂପାଦକୀୟ

# ପଛୁଆବର୍ଗର ଉନ୍ନତି

ଦେଶ ସ୍ୱାଧୀନତା ହେବାର ୭୪ ବର୍ଷ ହେଲାଣି । ଦେଶରେ ଶିକ୍ଷିତ ଓ ଉଚ୍ଚ ବର୍ଗର ଲୋକମାନେ ଉପରକୁ ଉଠିବାରେ କୌଣସି ବାଧା ନାହିଁ । ଓଡ଼ିଶ ପରି ଏକ ପଛୁଆ ରାଜ୍ୟରେ ପ୍ରାୟ ପଚାଶ ପ୍ରତିଶତ ଲୋକ ହେଉଛନ୍ତି ଅନୁସୂଚିତ ଜାତି ଓ ଜନଜାତିର ଏବଂ ଆଉ କେତେକ ଅନ୍ୟାନ୍ୟ ପଛୁଆବର୍ଗର । ଆମ ରାଜ୍ୟରେ ସ୍ୱଚ୍ଛ ଓ ଶିକ୍ଷିତ ବର୍ଗର ଲୋକ ସଂଖ୍ୟା କମ୍ । ତେଣୁ ସେମାନଙ୍କ ସ୍ୱଚ୍ଛଳତା ବାରି ହୋଇପଡେ, ଅନ୍ୟମାନଙ୍କ ସହିତ ତୁଳନା କଲେ । ଗୋଟିଏ ବିଷୟରେ ଅନୁସୂଚିତ ବର୍ଗର ଜାତି ଓ ଜନଜାତି ତଥା ପଛୁଆ ବର୍ଗର ଗରିବମାନଙ୍କ ସଂଖ୍ୟା ପଚାଶ ପ୍ରତିଶତ । ଗତ ଦୁଇ ତିନି ବର୍ଷ ମଧ୍ୟରେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଚାଘର ବା କୁଡ଼ିଆ ବଦଳରେ ପକ୍କାଘର ଯୋଗାଇ ଦିଆଯାଉଛି । ପାନୀୟ ଜଳ ଓ ପାଇଖାନା ମଧ୍ୟ ରହିଛି । ଏହା ଯେ ସେମାନେ ବର୍ତ୍ତମାନ ବି ପୂର୍ବପରି ରହିଥିଲେ ମଧ୍ୟ ସେମାନଙ୍କୁ ପକ୍କାଘର ମିଳିଥିବାରୁ ସେମାନେ ସରକାରୀ ଗଣନାରେ ଭଲ ଅବସ୍ଥାରେ ଅଛନ୍ତି । ମୟୂରଭଞ୍ଜ, କେନ୍ଦୁଝର ପ୍ରଭୃତି ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତିର ସଂଖ୍ୟା ଏବଂ ଅନନ୍ତ କିଛି ବର୍ଗର ଲୋକ ଉପରକୁ ଉଠିବାରେ ପୂର୍ବପରି ବାଧାବିଘ୍ନ ଲାଗି ରହିଥିବାରୁ ଏବେ ସରକାର ସେମାନଙ୍କ ସଂଖ୍ୟା ଜାଣିବା ପାଇଁ ପଦକ୍ଷେପ ନେବା ସ୍ଥିର ହୋଇଛି । ଅନୁସୂଚିତ ଜାତି ଓ ଜନଜାତିଙ୍କର ଗୋଟିଏ ସୁବିଧା ଅଛି ଯେ, ସେମାନେ ଚାଳିଶି ପ୍ରତିଶତରୁ କିଛି ଅଧିକ ଶିକ୍ଷାକ୍ଷେତ୍ରରେ ଓ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଚାଳିଶ ପ୍ରତିଶତରୁ ଅଧିକ ସ୍ଥାନ ସଂରକ୍ଷଣ ସୁବିଧା ପାଇଛନ୍ତି । କିନ୍ତୁ ଏମାନଙ୍କ ଶିକ୍ଷା ଓ ନିଯୁକ୍ତିର ବିଶ୍ଳେଷଣ କଲେ ଜଣାଯାଏ ଯେ, ସେମାନଙ୍କ ମଧ୍ୟରୁ ତୁଳନାତ୍ମକ ଦୃଷ୍ଟିରେ କମ୍‌ସଂଖ୍ୟକ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକରେ ଉଚ୍ଚ ପଦପଦବୀରେ ନିଯୁକ୍ତ ଅଛନ୍ତି । ମୟୂରଭଂଜ ନିକଟବର୍ତ୍ତୀ ଏକ ଖଣି ଅଂଚଳ, ଜାମ୍‌ସେଦ୍‌ର ଇସ୍ପାତ କାରଖାନା ଓ ଅନ୍ୟାନ୍ୟ ଶିଳ୍ପ ଅନୁଷ୍ଠାନରେ ବହୁ ବ୍ୟକ୍ତି ତଳଶ୍ରେଣୀରେ ନିଯୁକ୍ତି ପାଇଥିବାବେଳେ ଆସାମ ଚାଷ ବଗିଚା, କୋଲକାତାର ମଧ୍ୟ ଅନେକ ଶିଳ୍ପାନୁଷ୍ଠାନରେ ଅନୁସୂଚିତ ଜାତି ଓ ଜନଜାତିର ଏବଂ ପଛୁଆ ବର୍ଗର ଲୋକମାନେ କାମ କରନ୍ତି । ଏହି ଲୋକମାନେ ବିଲବାଡି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରନ୍ତି । କାରଣ ସତୁରୀ ବର୍ଷ ହେଲା ଏଇ ଅନୁସୂଚିତ ଜାତି ଓ ଜନଜାତି ତଥା ଅନ୍ୟାନ୍ୟ ପଛୁଆ ବର୍ଗଙ୍କ କ୍ଷେତ୍ରରେ ବେଶି କିଛି ଉନ୍ନତି ହୋଇନାହିଁ । ବରଂ ଗ୍ରାମାଂଚଳରେ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନ ଭୋଜନ, ବହି ଓ ପୋଷାକ ଯୋଗାଇ ଦେଇ ପିଲାମାନଙ୍କ ମଧ୍ୟରେ ପାଠପଢ଼ା ନେଇ ଆଗ୍ରହ ସୃଷ୍ଟି କରିବା ପାଇଁ ସରକାରୀ ସ୍ତରରେ ପ୍ରଚେଷ୍ଟା ଚାଲିଛି । ସେଥିମଧ୍ୟରୁ କିଛି ପିଲା ପାଠଛାଡି ଅନ୍ୟକାମ ବା ମୂଲ କରିବା ପାଇଁ ସହରବଜାରକୁ ଯାଆନ୍ତି । ଏବେବି ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସେମାନଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ । ରାଜ୍ୟରେ ପଛୁଆ ବଗର ଓ ଜନଜାତିଙ୍କ ସଂଖ୍ରା ଅଧିକ ତଥାପି ସେମାନଙ୍କ ପାଇଁ ନିଯୁକ୍ତି ପାଇବା ସମ୍ଭାବନା ସନ୍ତୋଷଜନକ ନୁହେଁ । ଏମାନଙ୍କ ସଂଖ୍ୟା ଚିହ୍ନଟ କରି ଏମାନଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସରକାର ସୁଦୃଷ୍ଟି ଦିଅନ୍ତେ, ତେବେ ଦଶବର୍ଷ ମଧ୍ୟରେ ସେମାଙ୍କ ମଧ୍ୟରୁ ଅନେକ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଆନ୍ତେ । ଏ ବିଷୟ କେବଳ ଓଡ଼ିଶା ନୁହେଁ, ଅନ୍ୟାନ୍ୟ ରାଜ୍ୟମାନଙ୍କ ପାଇଁ ମଧ୍ୟ ପ୍ରଣିଧାନଯୋଗ୍ୟ ।

# ଜଳବାୟୁ ନ୍ୟାୟ କ୍ଷେତ୍ରରେ ଭାରତବର୍ଷର ସବୁଜ ପ୍ରତିବଦ୍ଧତା

ଡ. ଚିତରଂଜନ ମିଶ୍ର

ଆମେରିକାର ରାଷ୍ଟ୍ରପତି ଭାବେ ଜୋ ବାଇଡେନଙ୍କ ନିର୍ବାଚନ ଜଳବାୟୁ ପରିବର୍ତ୍ତନକୁ ସର୍ବୋଚ୍ଚ ଗ୍ଲୋବାଲ ଏଜେଣ୍ଡା ଭାବେ ବିଶ୍ୱ ପୃଷ୍ଠଭୂମିରେ ଉପସ୍ଥାପନ କରିବାରେ ପରମ ସହାୟକ ହୋଇପାରିଛି । ବିଶ୍ୱ ଜଳବାୟୁ ଉଚ୍ଚାଭିଳାଷର ଅଭିବୃଦ୍ଧି ପାଇଁ ତାଙ୍କର ପ୍ରତିଜ୍ଞାକୁ ରକ୍ଷା କରିବା କ୍ଷେତ୍ରରେ ଏହା ଏକ କୂଟନୈତିକ ଉଦ୍ୟମ ଭାବେ ପରମ ସହାୟକ ହୋଇଥିଲା । ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଅଟଳ ଓ ଦୃଢପ୍ରତିଜ୍ଞ ହେବା ସହ ଏହା ମଧ୍ୟ ଟ୍ରାନ୍ସ-ଆଟଲାଂଟିକ୍ ସଂପର୍କର ପୁନଃ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କ ପାଇଁ ଏକ ଅମୋଘ ଅସ୍ତ୍ର ଭାବେ ସାବ୍ୟସ୍ତ ହୋଇଥିଲା । ଅପର ପକ୍ଷରେ ଅନ୍ତର୍ଦ୍ଦେଶୀୟ ଫାଟକୁ ଆମେରିକୀୟ କଂଗ୍ରେସରେ ଥିବା ଡେମୋକ୍ରାଟମାନଙ୍କର କ୍ଷୀଣପ୍ରାୟ ନିୟନ୍ତ୍ରଣର କବଳରୁ ଦୂରକୁ ଠେଲି ଦେବାରେ ମଧ୍ୟ ଏହା ମହ□ର ଭୂମିକା ସଂପାଦିତ କରିଥିଲା । ଏହା ମଧ୍ୟ ତାଙ୍କ ଟିମ୍ ସଦସ୍ୟମାନଙ୍କର ପୂର୍ବାଧିକାରୀମାନଙ୍କ ଉଚ୍ଚାକାଙ୍କ୍ଷା ସହ ବେଶ୍ ତାଳ ଖାଉଅଛି ଯାହାକି ଆମେରିକାର ପୂର୍ବତନ ସେକ୍ରେଟାରୀ ଅଫ ଷ୍ଟେଟ ଓ ସଂପ୍ରତି ଜଳବାୟୁ ପରିବ□ନ କ୍ଷେତ୍ରରେ ଆମେରିକା ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର କୂଟନୈତିକ ଦୂତ ଭାବେ ଅବସ୍ଥାପିତ ହୋଇଥିବା ଜନ କେରୀଙ୍କ ନେତୃତ୍ୱରେ ପରିଚାଳିତ ହେଉଅଛି । ଏହି ଟିମ୍‌ର ଅଧିକାଂଶ ସଦସ୍ୟ ପୁରୁଣା ଜଳବାୟୁ ଯୋଦ୍ଧା ଭାବେ ପରିଗଣିତ ହୋଇଥାନ୍ତି ଏବଂ ତନ୍ମଧ୍ୟରୁ ଅଧିକାଂଶ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଂଟନଙ୍କ ସମୟରୁ ମଧ୍ୟ କାର୍ଯ୍ୟକରି ଆସୁଛନ୍ତି ।

**ଆମେରିକାର ଅଦମ୍ୟ ପଦକ୍ଷେପ** :ଏହା ଅତ୍ୟନ୍ତ କୌତୂହଳର କଥା ଯେ ଆମେରିକା ନିଜର ସ୍ୱତଃପ୍ରବୃତ୍ତ ପ୍ରତିବଦ୍ଧତା ସହ କେବଳ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ପ୍ୟାରିସ ରାଜିନାମାରେ ତତ୍‌କାଳୀନ ଆମେରିକା ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଦସ୍ତଖତର ସଫଳତା ପଛରେ ଲମ୍ବା ପାହୁଣ୍ଡ ପକାଇ ଚାଲୁନାହିଁ ବରଂ ଏହା ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବଲ୍ୟୁ ବୁଶ୍‌ଙ୍କ ସମୟର ଅଙ୍ଗୀକାରବଦ୍ଧତାକୁ ମଧ୍ୟ ଅତ୍ୟନ୍ତ ସମ୍ମାନର ସହ ପାଳନ କରୁଅଛି । ମେଜର ଇକୋନୋମିକ ଫୋରମ ବା ପ୍ରମୁଖ ଅର୍ଥନୈତିକ ମତର ପୁନଃ ଆବାହନ କରିବା ସହ ଜଳବାୟୁ କାର୍ଯ୍ୟକ୍ରମର ଅୟଂଆରମ୍ଭ ସ୍ୱରୂପ ଏପ୍ରିଲ ୨୨-୨୩,୨୦୨୧ରେ ବିଶ୍ୱର ୪୦ଟି ଅଗ୍ରଣୀ ରାଷ୍ଟ୍ରମାନଙ୍କର ନେତୃବୃନ୍ଦଙ୍କୁ ନେଇ ଜଳବାୟୁ ଶିଖର ସମ୍ମିଳନୀର ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜନ କରିବା ଆମେରିକା ରାଷ୍ଟ୍ରପତିଙ୍କ ଜଳବାୟୁ ପ୍ରତିବଦ୍ଧତାକୁ ସ୍ୱତଃ ପ୍ରମାଣିତ କରିଥାଏ । 'ପ୍ରମୁଖ ଅର୍ଥନୈତିକ ମଂଚ' ଯାହାକି ମାର୍ଚ୍ଚ-୨୦୧୯ରେ ଶୁଭାରମ୍ଭ ହୋଇଥିଲା ତାହା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍‌ଲ୍ୟୁ ବୁଶଙ୍କ ଯୁଗରେ ହିଁ ଜନ୍ମ ନେଇଥିଲା ଯାହାର ମୁଖ୍ୟ ଆଭିମୁଖ୍ୟ ଥିଲା ଜଳବାୟୁକୁ ପ୍ରଦୂଷିତ କରୁଥିବା ମୁଖ୍ୟ ନିର୍ଗମନକାରୀ ରାଷ୍ଟ୍ରମାନଙ୍କୁ ଆଣି ଗୋଟିଏ ମଂଚରେ ଠିଆ କରାଇବା । ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମାଧାନ ପାଇଁ ଆଗକୁ ପାଦଟିଏ ପକାଇବା କ୍ଷେତ୍ରରେ ଏହା ମଧ୍ୟ ପ୍ରବଳ ଉଦ୍ୟମ, ସଫଳତା ଓ ଦୃଢ ପ୍ରତିଜ୍ଞାର ରୂପରେଖ ନେଇଛି । ଭିନ୍ନ ଭିନ୍ନ ରାଷ୍ଟ୍ରର ଭିନ୍ନ ଭିନ୍ନ କର୍ତ୍ତବ୍ୟବୋଧ ଏବଂ ଐତିହାସିକ ଦାୟିତ୍ୱବୋଧ ସଂପର୍କିତ ନୀତି ନିୟମକୁ ପ୍ରଣିଧାନ ନକରି ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମାଧାନର ସୂତ୍ର ଖୋଜି ବାହାର କରିବାକୁ ପଡିବ କାରଣ ଏହା ହେଉଛି ଜଳବାୟୁ ସମ୍ବନ୍ଧୀୟ କଥୋପକଥନର କେବଳ ମାତ୍ର ପବିତ୍ର ନୀତିନିୟମ ଓ ବିଶ୍ୱ ବାୟୁମଣ୍ଡଳରେ ସବୁଜ ଗୃହ ବାଷ୍ପର ଦଶନ୍ଧି ଦଶନ୍ଧି ଧରି ରାଜତ୍ୱର ଭୟଙ୍କର ପରିଣାମ । ବିଶ୍ୱରେ ମୁଣ୍ଡଟେକି ଦୃଶ୍ୟମାନ ହେଉଥିବା ଅର୍ଥନୀତି ସଂପନ୍ନ ରାଷ୍ଟ୍ରମାନେ ନିଜକୁ ସବୁଜ ଗୃହ ବାଷ୍ପର ମୁଖ୍ୟ ବା ଗୁରୁତ୍ୱପୂର୍ଣ୍ଣ ଉତ୍ସର୍ଜନକାରୀ ଭାବେ ନାମିତ କରିବାକୁ ପ୍ରବଳ ଅନିଚ୍ଛା ପ୍ରକାଶ କରିବା କାରଣରୁ ଏପ୍ରିଲ -୨୦୨୧ର ଶିଖର ବୈଠକକୁ 'ମେଜର ଇକୋନୋମିକ ଫୋରମ' ପରିବର୍ତ୍ତେ 'ମେଜର ଇକୋନୋମିକ ମିଟିଂ' ବୋଲି ପୁନଃ ନାମିତ କରାଗଲା । ଏହା ପଛର ପ୍ରମୁଖ କାରଣଟି ଥିଲା 'ଗ୍ରସ୍ ଡୋମୋଷ୍ଟିକ ପ୍ରୋଡକ୍ଟ ବା ମୋଟ ଆଭ୍ୟନ୍ତରୀଣ ଉତ୍ପାଦ (ଜି.ଡି.ପି) ସହ 'ଗ୍ରିନ ହାଉସ ଗ୍ୟାସ୍' ବା ସବୁଜ ଗୃହ ବାଷ୍ପ (ଜି.ଏଚ.ଜି) ର ସ୍ପଷ୍ଟ ସଂଯୋଗକରଣ । ଯଦିଓ ଏହି ମିଟିଂର ଅର୍ଥ ବା ଉଦ୍ଦେଶ୍ୟ କାହାକୁ ଅଛପା ନଥିଲା ତେବେ ଏହାର ଶୀରୋନାମାର ପୁନଃ ନାମକରଣ ବିଶ୍ୱରେ ମୁଣ୍ଡଟେକି ଦୃଶ୍ୟମାନ ହେଉଥିବା ଅର୍ଥନୀତି ସଂପନ୍ନ ରାଷ୍ଟ୍ରମାନଙ୍କ ପାଇଁ ଏହା ଏକ ବଡ ଅନୁଭବ ଥିବା ଯେଉଁଠାରୁ କି ପଛକୁ ଫେରିଆସିବାର ଆଉ କୌଣସି ସମ୍ଭାବନା ନଥିଲା ।

**କଠୋର ବାର୍ତ୍ତା, ସୀମା କର ଧାର୍ଯ୍ୟକରିବା-** ଏଥରକ ବିଶ୍ୱର ବିଭିନ୍ନ ରାଷ୍ଟ୍ରମାନଙ୍କୁ ସବୁଜ ଗୃହ ବାଷ୍ପର ନିର୍ଗମନକୁ ହ୍ରାସ କରିବା କ୍ଷେତ୍ରରେ ପ୍ରଣୋଦିତ, ପ୍ରଚୋଦିତ ଓ ଉତ୍ସାହିତ କରିବାର ଅର୍ଥ ସେମାନଙ୍କୁ ଆଗକୁ ଠେଲିଦେବା ସହ ସମାନ ହୋଇଯାଇଛି ଅର୍ଥାତ୍ ସେମାନଙ୍କୁ କୁହାଯାଇଛି ଯେ ୨୦୫୦ମସିହା ସୁଦ୍ଧା ସବୁଜ ଗୃହ ବାଷ୍ପର ନିର୍ଗମନକୁ 'ନେଟ ଜିରୋ' ସ୍ତରକୁ ଆଣିବାକୁ ପଡିବ ଏବଂ ତତ୍‌ସହ ଏହି ଅନ୍ତର୍ଦ୍ଦେଶୀୟ ଲକ୍ଷ୍ୟସ୍ଥଳ ହାସଲ କରିବା ପାଇଁ ସେମାନଙ୍କୁ ବିଶ୍ୱସନୀୟ ଯୋଜନା ମଧ୍ୟ ପ୍ରସ୍ତୁତ କରିବାକୁ ପଡିବ । ବାସ୍ତବରେ ଚୀନ ଯେ କି ୨୦୬୦ ମସିହା ସୁଦ୍ଧା 'ନେଟ ଜିରୋ' ସ୍ତରରେ ପହଂଚିବା ପାଇଁ ସ୍ୱତଃସିଦ୍ଧ ବୋଲି ଗ୍ରହଣ କରିନେଇଛି ତାକୁ କଠୋର ବାର୍ତ୍ତା ମାଧ୍ୟମରେ ତାଗିଦ କରି କୁହାଯାଇଛି ଯେ ନା ୨୦୬୦ ମସିହା ସୁଦ୍ଧା ନୁହେଁ ବରଂ ତୁମକୁ ୨୦୫୦ ମସିହା ସୁଦ୍ଧା 'ନେଟ ଜିରୋ' ସ୍ତରରେ ନିଶ୍ଚିତ ରୂପେ ପହଂଚିବାକୁ ପଡିବ ।

ଆମେରିକାର ନୂଆ ପ୍ରଶାସନର ଇଙ୍ଗିତ ଅନୁଯାୟୀ ମିଳିତ ଜାତିସଂଘର ମହାସଚିବ ବିଭିନ୍ନ ରାଷ୍ଟ୍ରମାନଙ୍କ ସହ କଥା ହୋଇ ସେମାନେ ତୁରନ୍ତ ନିଜ ନିଜ ରାଷ୍ଟ୍ରରେ 'ଜାତୀୟ ଜଳବାୟୁ ଜରୁରୀ ଅବସ୍ଥା' ଘୋଷଣା କରିବାକୁ ଆହ୍ୱାନ ଦେଇଛନ୍ତି ଏବଂ ସମ୍ମିଳିତ ଭାବେ ସେମାନେ କିଭଳି ୨୦୫୦ ମସିହା ସୁଦ୍ଧା 'କାର୍ବନ- ନ୍ୟୁଟ୍ରାଲ ୱାର୍ଲ୍ଡ' ବା ଅଙ୍ଗାରକ ନିରପେକ୍ଷ ବିଶ୍ୱ ପ୍ରତିଷ୍ଠା କରିବେ ସେ ନେଇ ବିହିତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଦିନରେ ବିଶ୍ୱ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନର ପ୍ରାୟ ୬୫ ପ୍ରତିଶତକୁ ପ୍ରତିନିଧିତ୍ୱ କରୁଥିବା ରାଷ୍ଟ୍ରମାନେ ଏହି ପ୍ରସ୍ତାବକୁ ଗ୍ରହଣ କରିଛନ୍ତି । ପରନ୍ତୁ ମିଳିତ ଜାତିସଂଘର ମହାସଚିବ ୨୦୨୧ ମସିହା ସୁଦ୍ଧା ଏହି ଛବି ୯୦ ପ୍ରତିଶତରେ ପହଂବା ଆଶା ବ୍ୟକ୍ତ କରିଛନ୍ତି । ଏ ସମସ୍ତ ଯୋଜନା ଏବଂ ତାହାର ସଂପାଦନ ନିଃସନ୍ଦେହ ଭାବେ ଆନ୍ତର୍ଜାତିକ ସମୀକ୍ଷା, ପରୀକ୍ଷା, ସତ୍ୟତାର ନିର୍ଣ୍ଣୟ ଓ ପ୍ରତିପାଦନ ଉପରେ ନିର୍ଭର କରିଥାଏ । କୌଣସି ରାଷ୍ଟ୍ର ପକ୍ଷରେ ଏହାକୁ ଅସ୍ୱୀକାର କରିବା ଏକ ଲଜ୍ଜାଜନକ ବିଷୟ ଭାବେ ସାବ୍ୟସ୍ତ ହେବ ଏବଂ ସେହି ରାଷ୍ଟ୍ରର ନାଁ ବଦନାମ ହେବା ସ୍ୱତସିଦ୍ଧ । ଐତିହାସିକ ଦାୟିତ୍ୱବୋଧ ଏବଂ ବିଭେଦୀକରଣର ନିଶ୍ଚିତରୂପେ ଏହି କଥୋପକଥନରେ କୌଣସି ସ୍ଥାନ ନାହିଁ ଏବଂ ବିକାଶର ଧାରା ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୁଏ ନାହିଁ । ବିଶାଳ ଗର୍ଭରେ ଜନସଂଖ୍ୟାକୁ ଧାରଣ କରିଥିବା ଏବଂ ଏକ ବୃହତମ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ରର ମାନ୍ୟତା ଲାଭ କରିଥିବା ଭାରତବର୍ଷ ଏଭଳି କଥୋପକଥନର ଛକ ରାସ୍ତାରେ ଦଣ୍ଡାୟମାନ ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବନି ଯଦିଓ ଏହାର ମୁଣ୍ଡପିଛା 'କାର୍ବନ ଫୁଟ ପ୍ରି' ବା ଅଙ୍ଗାରକ ପାଦ ଚିହ୍ନ ଅସାଧାରଣ ଭାବେ କ୍ଷୁଦ୍ର ଏବଂ ଅତ୍ୟାବଶ୍ୟକ ବିକାଶ ଅତ୍ୟନ୍ତ ବିଶାଳକାୟ । ଏହି ପ୍ରସ୍ତାବିତ ଗ୍ଲୋବାଲ ଲକ୍ଷ୍ୟସ୍ଥଳର ଆହ୍ୱାନ ସହିତ ୟୁରୋପୀୟ ୟୁନିଅର ଅଙ୍ଗାରକ ସୀମା କର ଲାଗୁ କରିବାର ସ୍ୱତନ୍ତ୍ର ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଯେଉଁ ସବୁ ରାଷ୍ଟ୍ର ମାତ୍ରାଧିକ ଅଙ୍ଗାରକ ନିର୍ଗମନ ପରିମାଣର ଟାର୍ଗେଟକୁ ହ୍ରାସ ନକରିବେ ଅବା ଏ ନେଇ ବିଶ୍ୱ ରାଜିନାମା ନହୋଇପାରିଲେ ତାହା ଏକତରଫା ଭାବେ କରିବେ ସେହି ସବୁ ରାଷ୍ଟ୍ରମାନଙ୍କ ଉପରେ ଏହି ଅଙ୍ଗାରକ ସୀମା କର ଲାଗୁ କରାଯିବ । ଆଜିର ସ୍ଥିତି ଅନୁଯାୟୀ ଆମେରିକା ପ୍ରଶାସନ ଏହି ଅଙ୍ଗାରକ ସୀମା କରକୁ ନେଇ କୌଣସି ନିର୍ଦ୍ଦିଷ୍ଟ ମନୋଭାବ ବା ମତ ପୋଷଣ କରୁନାହିଁ । ହେଲେ କାଲି ସକାଳେ ଯେ ଚକ ନ ଘୁରି ଯିବ ସେ ସମ୍ଭାବନାକୁ ମଧ୍ୟ କେହି ଏଡାଇ ଦେଇପାରିବେ ନାହିଁ । ଏଭଳି ଏକ ଦୃଶ୍ୟପଟ୍ଟରେ ବିଶ୍ୱବାଣିଜ୍ୟ ପ୍ରତିଷ୍ଠାନର ସାଂପ୍ରତିକ ନିୟମ ଅନୁଯାୟୀ ପରିବେଶ ଦୃଷ୍ଟିକୋଣରୁ ଟିକସ ଆଦାୟର କୌଣସି ବ୍ୟବସ୍ଥା ନଥିଲେ ମଧ୍ୟ ତହିଁରେ ପରିବର୍ତ୍ତନ କରିବା ମଧ୍ୟ କିଛି ବଡ କଥା ନୁହେଁ ।

**ପେ-ଇନ୍ ଚିନ୍ତାଧାରା ଆଧାରିତ ପୁଞ୍ଜିର ସୃଷ୍ଟି** -ଜଳବାୟୁ ଆଲୋଚନାରେ ପୁଞ୍ଜିର ମୁଦ୍ରା ବିଶେଷ କରି ପୁଞ୍ଜିର ଅଭାବ ଏକ ଚିରସ୍ଥାୟୀ କଥା । ଏ ପରିପ୍ରେକ୍ଷୀରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ନିକଟ ଅତୀତରେ ଭାରତବର୍ଷ ପାଇଁ ଏକ ପ୍ରସ୍ତାବ ଉପସ୍ଥାପନା କରିଛନ୍ତି । ତାଙ୍କ ପ୍ରସ୍ତାବ ଅନୁଯାୟୀ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ମୁଣ୍ଡ ପିଛା ହାରାହାରି ୫ଟନ ଅଂଗାରକ ଉତ୍ସର୍ଜନ ବ୍ୟତିରେକ ଆହୁରି ଅଧିକ ଅଂଗାରକ ଉତ୍ସର୍ଜନ କଲେ ସେମାନଙ୍କୁ ଏକ 'ଗ୍ଲୋବାଲ ଫଣ୍ଡ'କୁ ଅର୍ଥ ଦେବାକୁ ପଡିବ । ଏହା ନିଶ୍ଚିତରୂପେ କୋଇଲାର ବ୍ୟବହାରକୁ ହତୋତ୍ସାହ କରୁଥିଲାବେଳେ ଅଣପାରମ୍ପରିକ ଶକ୍ତି ଉତ୍ସକୁ ପ୍ରୋତ୍ସାହିତ କରିଥାଏ । ଯେଉଁସବୁ ରାଷ୍ଟ୍ରମାନେ ଅଂଗାରକ ଉତ୍ସର୍ଜନର ବୈଶ୍ୱିକ ହାରାହାରି ପରିମାଣ ଠାରୁ ଅଧିକ ଉତ୍ସର୍ଜନ କରିବେ ସେମାନଙ୍କୁ ଏହି 'ଗ୍ଲୋବାଲ ଫଣ୍ଡ'ରେ ଅର୍ଥ ଦେବାକୁ ପଡିବ ଆଉ ଯେଉଁ ରାଷ୍ଟ୍ରମାନେ ବୈଶ୍ୱିକ ହାରାହାରି ପରିମାଣ ଠାରୁ କମ ପରିମାଣର ଅଙ୍ଗାରକ ଉତ୍ସର୍ଜନ କରିବେ ସେମାନେ ଏହି ଫଣ୍ଡରୁ ଅର୍ଥ ପାଇବେ । ଭାରତବର୍ଷର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଆମେ ଜାଣିପାରିବା ଯେ ଏଭଳି ଏକ ପ୍ରସ୍ତାବ ଆକର୍ଷଣୀୟ ହୋଇପାରେ କାରଣ ଆଜିର ଦିନରେ ଭାରତବର୍ଷରେ ମୁଣ୍ଡପିଛା ଅଙ୍ଗାରକାମ୍ଳ ବାଷ୍ପର ଉତ୍ସର୍ଜନ ପରିମାଣ ମାତ୍ର ୨ଟନ ଅଟେ ଏବଂ ଅଣପାରମ୍ପରିକ ଶକ୍ତି ଉତ୍ସକୁ ପ୍ରୋତ୍ସାହନ ଦେବାରେ ଭାରତବର୍ଷ ମଧ୍ୟ ବିଶ୍ୱରେ ଅସାଧାରଣ ରେକର୍ଡ ସୃଷ୍ଟି କରିଛି । ପରନ୍ତୁ ଭାରତବର୍ଷ ଭଳି ଏକ ପ୍ରମୁଖ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର ଏଭଳି 'ଗ୍ଲୋବାଲ ଫଣ୍ଡ'ରୁ ଲାଭବାନ ହେବା ଅବା କୌଣସି ରିହାତି ପାଇବା କ୍ଷେତ୍ରରେ ରାଜନୀତି ପ୍ରତିବନ୍ଧକ ସାଜିବନିତ ? ହେଲେ ଏଭଳି ସମ୍ଭାବନା କ୍ଷୀଣ ଲାଗୁଛି । ଜଳବାୟୁକୁ ନେଇ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସମାଧାନମୂଳକ ଆଲୋଚନା ବା ମୀମାଂସା କେବଳ ପରିବେଶ ଏବଂ ମାନବ ସୁରକ୍ଷା ଏବଂ ଏପରିକି ଶକ୍ତି ଉତ୍ସକୁ ନେଇ ନୁହେଁ ପରନ୍ତୁ ଏହା 'ଗ୍ଲୋବାଲ ଗଭର୍ଣ୍ଣାନ୍ସ' ଉପରେ ମଧ୍ୟ ପର୍ଯ୍ୟବସିତ ଅଟେ ଯାହାକି ଏବେ ଠାରୁ ଅତ୍ୟନ୍ତ ବଳିଷ୍ଠ ଭାବରେ ଅଗ୍ରସର ହେବ ଯାହା ଫଳରେ କି ଭାରତବର୍ଷ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ର ସହ ନିଜର ଯାତ୍ରାପଥକୁ ମଧ୍ୟ ଅତ୍ୟନ୍ତ ଯତ୍ନର ସହ କ୍ରମାଙ୍କନ କରିପାରିବ । ଜଳବାୟୁ ନ୍ୟାୟ ଭାରତବର୍ଷ ପାଇଁ ଅତ୍ୟାବଶ୍ୟକ ଓ ବାଧ୍ୟତାମୂଳକ ଅଟେ । ଏହା ମାଧ୍ୟମରେ ଭାରତବର୍ଷ ନିଜର ସବୁଜ ଓ ପ୍ରକୃତିଧର୍ମୀ ଅଙ୍ଗୀକାରବଦ୍ଧତାକୁ ସ୍ୱତଃସିଦ୍ଧ କରିପାରିବା ସଂଗେ ସଂଗେ ନିଜର ସର୍ବଦିଗବ୍ୟାପ୍ତ ବିକାଶ ଓ ବୈଶ୍ୱିକ ଉଚ୍ଚାଭିଳାଷକୁ ମଧ୍ୟ ଚରିତାର୍ଥ କରିପାରିବ ଏବଂ ନିଜ ପାଇଁ କାର୍ବନ ଏବଂ ପଲିସି ସ୍ପେଶ ଉପଲବ୍ଧ କରିପାରିବ । ଭାରତବର୍ଷର କୂଟନୈତିକ ଏବଂ ସମାଧାନମୂଳକ ଆଲୋଚନା ସଂକ୍ରାନ୍ତୀୟ ସମସ୍ତ ପ୍ରଚେଷ୍ଟା ଖୁବଶୀଘ୍ର ଉପସଂହାରରେ ଉପନୀତ ହେବା ଏକାନ୍ତ ଆବଶ୍ୟକ ।

ବରମୁଣ୍ଡା ହାଉସିଂ ବୋର୍ଡ, ଭୁବନେଶ୍ୱର

# 'ବିନା ଯୁଦ୍ଧେ ଦେବି ନାହିଁ ସୂଚ୍ୟଗ୍ର ମେଦିନୀ'

ଅନ୍ତର୍ଯାମୀ ପଟ୍ଟନାୟକ

ତା ୦୩.୦୪.୨୦୨୧ରିଖରେ ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲା ଅନ୍ତର୍ଗତ ଟେକୁଲଗୁଡମର ପାହାଡ଼ରୁ ସୁରକ୍ଷାକର୍ମୀଙ୍କ ଉପରେ ନକ୍ସାଲଙ୍କ ଆକ୍ରମଣ ଆରମ୍ଭ ହୋଇ ପାହାଡ଼ ତଳ ଅଂଚଳରେ ଶେଷ ହୋଇଥିଲା, ଯେଉଁଥିରେ ବାଇଶଜଣ ଅର୍ଦ୍ଧ-ସାମରିକ ବାହିନୀ ସୁରକ୍ଷା କର୍ମୀ ଶହୀଦ ହୋଇଥିଲେ । ଅବଶ୍ୟ, କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଯୁଦ୍ଧ ବା ଅନ୍ୟ କୌଣସି ମୁକାବିଲାରେ ମୃତ ସାମରିକ ବା ଆଣ-ସାମରିକ ବାହିନୀର ଯବାନବାନଙ୍କୁ 'ଶହୀଦ ଉପାଧି'ରେ ଭୂଷିତ କରାଯିବାର ସରକାରୀ ନିୟମ ନାହିଁ ।ସୃଷ୍ଟି ଆରମ୍ଭରୁ 'ଜମି ପାଇଁ ନାଟ' ଚାଲିଆସିଛି । କିଏ, 'ବିନା ଯୁଦ୍ଧେ ଦେବି ନାହିଁ ସୂଚ୍ୟଗ୍ର ମେଦିନୀ' କହିଲା ବେଳକୁ ଆଉ କେହି କହୁଛନ୍ତି 'ଆମେ ଅଲବତ ନେବୁ' । ଓଡ଼ିଶା ସାହିତ୍ୟ ଜଗତର ଅନ୍ୟତମ ଉଜ୍ଜ୍ୱଳ ନକ୍ଷତ୍ର ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ଅମର କୃତି 'ମାଟିର ମଣିଷ'ର ବରଜୁ ସିନା ଗପରେ ନିଜ ସାନଭାଇ 'ଛକଡ଼ି' ପାଇଁ ସବୁ ଛାଡ଼ି ଦେଇ ପଳାଇଥିଲେ, କିନ୍ତୁ ବାସ୍ତବିକ ଜୀବନରେ ସେପରି ହୁଏ ନାହିଁ । 'ଆମେ ଚାଷୀ, ମୂଲିଆ, ଶ୍ରମିକ ଓ ଗରିବଙ୍କ ପାଇଁ ସଂଘର୍ଷରତ' ବୋଲି ଦାବି କରୁଥିବା ବାମପନ୍ଥୀମାନେ ୧୯୪୬ ମସିହାରୁ ୧୯୫୧ ମସିହା ଯାଏ ଛଅବର୍ଷ କାଳ ସେତେବେଳେ ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିବା ତେଲେଙ୍ଗାନା ଓ ବିଦାର ଜିଲ୍ଲାରେ 'ଜମି ଚଷୁଛନ୍ତି ଯିଏ-ଜମିର ମାଲିକ ହେବେ ସିଏ' ଦାବିରେ ଆନ୍ଦୋଳନ କରିଥିଲେ । ଏହା ପରେ ବିନୋବାଜୀ 'ଭୂଦାନ ଆନ୍ଦୋଳନ' ଆରମ୍ଭ କରିଥିଲେ । ପଶ୍ଚିମବଙ୍ଗ ପ୍ରଦେଶର ଦାର୍ଜିଲିଂ ଜିଲ୍ଲାର ସିଲିଗୁଡ଼ି ସବ-ଡ଼ିଭିଜନ ଅନ୍ତର୍ଗତ ନକ୍ସଲବାରୀ ପଂଚାୟତର ବେଙ୍ଗାଇ-ଜୋତ ଗାଁରେ ତା ୨୫.୦୫.୧୯୬୭ରିଖରେ 'ଫସଲ ଉପରେ ଆମର ଅଧିକାର' କହୁଥିବା ଚାଷୀଙ୍କ ଉପରକୁ ପୋଲିସ ଗୁଳି ଚଳାଇବାରୁ ୯ଜଣ ଚାଷୀ ଓ ଦୁଇଜଣ ପିଲାଙ୍କର ମୃତ୍ୟୁ ହୋଇଥିଲା, ଯେଉଁଥିରୁ ଉଗ୍ର ବାମପନ୍ଥୀମାନେ ଆରମ୍ଭ କରିଥିଲେ 'ନକ୍ସଲବାରୀ ଆନ୍ଦୋଳନ' । ସେଇ ବାମପନ୍ଥୀମାନଙ୍କ ଭିତରୁ କିଛି ପଶ୍ଚିମବଙ୍ଗର ଶାସନରେ ଥିବାବେଳେ, ପୂର୍ବ-ମେଦିନାପୁର ଜିଲ୍ଲାର ନନ୍ଦିଗ୍ରାମ ଚାଷୀମାନେ 'ଶିଳ୍ପ ପାଇଁ ଜମି ଦେବେ ନାହିଁ' ବୋଲି ଜିଦ ଧରନ୍ତେ, ତା ୧୪.୦୩.୨୦୦୭ରିଖରେ, ସେହି ବାମପନ୍ଥୀ ସରକାରଙ୍କ ପୋଲିସ ଗୁଳିରେ ଚଉଦ ଜଣ ମରିଥିଲେ ଓ ଶହେ ଜଣ ନିଖୋଜ ହୋଇଥିଲେ । ସେହି ଜମିକୁ ଇଣ୍ଡୋନେସିଆର 'ସଲିମ ଶିଳ୍ପସଂସ୍ଥା'କୁ ଦିଆଯିବାର ଥିଲା, ଯେଉଁ ଶିଳ୍ପସଂସ୍ଥାର ପୂର୍ବତନ ମାଲିକ ଇଣ୍ଡୋନେସିଆରେ ଲକ୍ଷ ଲକ୍ଷ କମ୍ୟୁନିଷ୍ଟଙ୍କ ହତ୍ୟାର ଆୟୁଧ ଥିଲେ ।କିଛିବର୍ଷ ତଳେ ଏବେ ଭୀମା-କୋରେଗାଓଁ ଘଟଣାରେ ଆରୋପି ଭାରଭାର ରାଓ ଓଡ଼ିଶା ପ୍ରାନ୍ତର ଭୁବନେଶ୍ୱରର 'ରାଷ୍ଟ୍ରଭାଷା ପ୍ରଚାର ସମିତି ପଡ଼ିଆ'ରେ ଅନୁଷ୍ଠିତ ଏକ ସଭାରେ ଯୋଗ ଦେଇଥିଲେ । ତା' ପୂର୍ବରୁ ଏକ ଅନୁଶୀଳନରୁ ଜଣାପଡ଼ିଥିଲା ଯେ 'ତତ୍କାଳୀନ ବ୍ୟବସ୍ଥାରେ ମ୍ରିୟମାଣ ହୋଇ ବହୁ ସହରୀ ସ୍ୱାର୍ଥପର ଲୋକେ ବି ନକ୍ସଲ ଆନ୍ଦୋଳନ ପ୍ରତି ସମବେଦନା ରଖିଥିଲେ ଯାହା ନକ୍ସଲମାନଙ୍କ ଅଯଥା ହିଂସା ଯୋଗୁ ପୁଣି ମିଳେଇ ଯାଇଥିଲା' । ସେଇ ବାବଦରେ ତାଙ୍କୁ ଜଣେ ପଚାରନ୍ତେ ସେ କିଛି ଉତର ଦେଇନଥିଲେ । ପୋଲିସମାନେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରୁନଥିବାର ବାସ୍ତବିକତାରେ ମ୍ରିୟମାଣ ହୋଇ ପ୍ରକାଶ ସିଂ ନାମକ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ସୁପ୍ରିମକୋର୍ଟରେ 'ପୋଲିସ ସଂସ୍କାର' ପାଇଁ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ । ତା ୨୨.୧୨.୨୦୦୬ରିଖରେ ସୁପ୍ରିମକୋର୍ଟଙ୍କ ତରଫରୁ ଏକ ସାତଦଫା ନିୟମାବଳୀ ପ୍ରସ୍ତୁତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା, ଯାହା ଗତ ପନ୍ଦର ବର୍ଷ ଧରି ବନ୍ଦ ଲଫାପରେ ରହିଛି । ଅବଶ୍ୟ ତାହା କାର୍ଯ୍ୟକାରୀ ହୋଇଥିଲେ ଯେ ଅବସ୍ଥାରେ ବିଶେଷ କିଛି ପରିବର୍ତ୍ତନ ହୋଇଥାନ୍ତା ଓ ବିନା ନିର୍ଦ୍ଦେଶରେ ବି କରି ହୁଅନ୍ତା ନାହିଁ, ତାହା ଅଲଗା କଥା ।ସେଇ ପ୍ରକାଶ ସିଂହଙ୍କ ସହ ଏକ ସାକ୍ଷାତକାର Times of India ନାମକ ଏକ ସର୍ବଭାରତୀୟ ଅଂଗ୍ରେଜୀ ଭାଷାର ସମ୍ବାଦପତ୍ରର ତା ୪.୧୨.୨୦୧୮ରିଖର ସଂସ୍କରଣରେ ପ୍ରକାଶିତ ହୋଇଥିଲା । ସେହି ସାକ୍ଷାତକାରରେ, ତାଙ୍କ ପ୍ରତି 'ସରକାରଙ୍କ ବିଫଳତା ନକ୍ସଲବାଦର ଜନ୍ମଦାତା କି, ଜନ୍ମ ନେବାର ସୂଚନା କି' ରୂପକ ପ୍ରଶ୍ନର ଉତରରେ ସେ କହିଥିଲେ 'ଏପରି ମତାମତ ସମ୍ପୂର୍ଣ୍ଣ ରୂପେ ସ୍ପୃହଣୀୟ ନୁହେଁ, କିନ୍ତୁ ଏହା ବି ସତ୍ୟ ଯେ ଶାସକ ଓ ପ୍ରଶାସକମାନେ ସଠିକ ଭାବରେ କାମ କରୁନଥିବାରୁ ଏହାର ସୃଷ୍ଟି ହୋଇଛି । ରାଜନୈତିକ ଗୁଣ୍ଡା, ଜବରଦସ୍ତ ଚାନ୍ଦା ଆଦାୟକାରୀ ଓ ଲୁଟେରା ଶକ୍ତିମାନେ ଏହି ଆନ୍ଦୋଳନରେ ପଶିଯାଇଛନ୍ତି । ତଥାପି ବି, ବର୍ତ୍ତମାନର ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭରସା ରଖୁନଥିବା କିଛି ସମର୍ପିତ ଲୋକଙ୍କ ଦ୍ୱାରା ଏହି ଆନ୍ଦୋଳନ ଚାଲିଛି । ସରକାର 'ସହରୀ ନକ୍ସଲ'ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ସହରର ଅନ୍ୟାନ୍ୟ ଦୁଷ୍ଟବ୍ରଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ପରିତାପର ବିଷୟ । ସେହି ସହରୀ ଦୁଷ୍ଟବ୍ରଣମାନଙ୍କ ଭିତରେ ଅଛନ୍ତି ଜଙ୍ଗଲୀପଶୁଙ୍କ ଭଳି ବ୍ୟବହାର କରୁଥିବା (rapacious) ରାଜନେତା ଯିଏ କି ଦେଶର ରକ୍ତକୁ ଶୋଷୁଛନ୍ତି, ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀ (Bureaucrats) ଯେଉଁମାନେ ନିଜ ପାଇଁ ଅମାପ ସମ୍ପତି ସୃଷ୍ଟି କରୁଛନ୍ତି ଏବଂ ଦୁର୍ନୀତିଗ୍ରସ୍ତ ପୋଲିସ ବ୍ୟକ୍ତିସମୂହ ଯେଉଁମାନଙ୍କର ଅପରାଧୀମାନଙ୍କ ସହ ଯୋଗସୂତ୍ର ରହିଛି । ଏମାନେ ମଧ୍ୟ ଅର୍ବାନ ନକ୍ସଲଙ୍କ ଭଳି ଗଣତନ୍ତ୍ର ପ୍ରତି ବିପଦ' । 'ସୂଚ୍ୟଗ୍ର ମେଦିନୀ' ପାଇଁ ଲଢେଇର କ'ଣ ସତରେ ଅନ୍ତ ଅଛି ?

# ବିପ୍ଳବ ବହ୍ନିର ଅନ୍ୟ ନାମ ମାଳତୀ

ହିମାଂଶୁ ଶେଖର ଆଚାର୍ଯ୍ୟ

କେବଳ ଉତ୍କଳ ନୁହେଁ, ସମଗ୍ର ଭାରତର ମହୀୟସୀ ନାରୀ ମାନଙ୍କ ମଧ୍ୟରେ ମାଳତୀ ଚୌଧୁରୀ ଅଗ୍ରଗଣ୍ୟା । ତାଙ୍କ ଜୀବନ ସଂଘାତ-ସଂଘର୍ଷର ନିରବିଚ୍ଛିନ୍ନ ପ୍ରବାହ । ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସେ ଦେଶ ଓ ଦଶର ସେବାରେ ନିୟୋଜିତ କରିଛନ୍ତି । ଜଣେ ବିପ୍ଳବିଣୀ ଓ ଜନନାୟିକା ଭାବେ ସେ ଯେଉଁ ସଫଳତାଓ ସୁଖ୍ୟାତି ଅର୍ଜନ କରିଯାଇଛନ୍ତି ତାର ପଟାନ୍ତର ନାହିଁ । ଅଣଖିଆର ଭୋକିଲା ଚାଷୀର ପିଣ୍ଡାତଳ ହେଉ କି ପିକେଟିଂରେ ଆହତ ବାନର ସେନାର ପାପୁଲିରେ ମମତାର ମଲମ ବୋଳିହେଉ, ନୂଆଖାଲିର ବିଧ୍ୱସ୍ତ ମାନବିକତାର ମନୋବଳ ପ୍ରତିଷ୍ଠା ହେଉ କି ଦରିଦ୍ର-ଭୋକିଲାକୁ ଆହା କରିବାରେ ହେଉ ବା ବନ ଜଙ୍ଗଲ ପାହାଡ ଭିତରେ ଥିବା ଆଦିବାସୀଙ୍କ ଶୁଖିଲା ମୁହଁରେ ହସ ଫୁଟାଇବାରେ ହେଉ, ଜୀବନସାରା ସେବା ହେଉଛି ତାଙ୍କ ଜୀବନର ବ୍ରତ । ଏହି କିମ୍ବଦନ୍ତୀ ମହିଳା ୧୯୦୪ ମସିହା ଜୁଲାଇ ୨୬ ତାରିଖରେ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ସେତେବେଳର ପାଟନା ହାଇକୋର୍ଟର ସୁନାମଧନ୍ୟ ବାରିଷ୍ଟର କୁମୁଦନାଥ ସେନ୍ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଚୌଧୁରୀ ପରିବାରର କୁଳବଧୂ ଓ ମହାନ ଦେଶଭକ୍ତ ଓ ରାଷ୍ଟ୍ରନୀତିଜ୍ଞ ନବକୃଷ୍ଣ ଚୌଧୁରୀଙ୍କ ଧର୍ମପତ୍ନୀ । ବାଲ୍ୟକାଳରୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର, ବାପୁ ମହାତ୍ମା ଓ ସନ୍ଥ ବିନୋବାଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ସେମାନଙ୍କ ତ୍ୟାଗ ଓ ଆଦର୍ଶରେ ନିଜକୁ ଗଢି ନେଇଥିଲେ । ସେହିପରି ପରେ ବଡ଼ ଯା' ରମାଦେବୀ, ଦେଢଶୁର ଗୋପବନ୍ଧୁ ଚୌଧୁରୀ, ସ୍ୱାମୀ ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶ ତାଙ୍କୁ ଜଣେ ସଫଳ ନାରୀନେତ୍ରୀ ହେବାରେ ଯଥେଷ୍ଟ ସହାୟକ ହୋଇଥିଲା । ପ୍ରଦୀପର ସଳିତା ଭଳି ତିଳ ତିଳ ନିଜେ ଜଳି ସ୍ୱାଧୀନତା ଆନ୍ଦୋଳନ,ପ୍ରଜାମଣ୍ଡଳ ଆନ୍ଦୋଳନ,ସମାଜବାଦୀ ଆନ୍ଦୋଳନ ଆଉ ନାଗରିକ ସୁରକ୍ଷାରେ ତାଙ୍କ ଅବଦାନ ଭୁଲିହେବନି ।

୧୯୨୭ ମସିହା ଜୁଲାଇ ୨୭ ତାରିଖରେ ବଙ୍ଗୀୟ ବ୍ରାହ୍ମକନ୍ୟା ମାଳତୀ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କଲାପରେ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା । ଏହାପରେ ସେ ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀ ହୋଇ ଏକ ମହାନ ବିପ୍ଳବିଣୀ ମହିଳା ରୂପେ ଆତ୍ମପ୍ରକାଶ କରିଥିଲେ । ଦାମ୍ପତ୍ୟ ସୁଖକୁ ପଛରେ ପକାଇ ମାଳତୀ ଚୌଧୁରୀ ଜମିଦାର ଉଆସ ଛାଡି ତରିକୁନ୍ଦ ଠାରେ ଥିବା କୃଷି ଫାର୍ମରେ ଯାଇ ରହିଲେ । କଲିକତାର ସୁନାମଧନ୍ୟ ବାରିଷ୍ଟରଙ୍କ ଝିଅ ମାଳତୀଙ୍କ ପାଇଁ ନା ସେଠାରେ ଥିଲା ଗାଧୁଆଘର ନା ପାଇଖାନା । ଆଦର୍ଶ ପତ୍ନୀ ଥିଲେ ସେ । ସେଠାରେ ସ୍ୱାମୀ ନବକୃଷ୍ଣଙ୍କ ସହ ମିଶି ଚଳିବାରେ ମାଳତୀ ଦେବୀଙ୍କର କୌଣସି ଆପ□ ନଥିଲା । ଏହି କୃଷି ଆଶ୍ରମରେ ମାଳତୀ ଦେବୀ ସ୍ୱାମୀଙ୍କ ସହ ମିଶି କୃଷିକାର୍ଯ୍ୟ ଆରମ୍ଭ କରିଥିଲେ । ଏଥସହିତ ନୈଶ୍ୟ ବିଦ୍ୟାଳୟ ସ୍ଥାପନ, ଅସ୍ପୃଶ୍ୟତା ନିବାରଣ ଓ ଯୁବ ସଂଗଠନ ଆଦି କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିଥିଲେ ସେ । ସ୍ୱାମୀ ସ୍ତ୍ରୀ ଉଭୟେ କିଛିଦିନ ଏହି ଫାର୍ମରେ ରହିବା ପରେ ତରିକୁନ୍ଦ କୃଷିଫାର୍ମକୁ କର୍ମୀସଂଘକୁ ଦାନ କରିଦେଇଥିଲେ । ମାଳତୀ ଦେବୀ ନିଜର ସମସ୍ତ ସୁନା ଗହଣାକୁ ସଂଘ ହାତରେ ଅର୍ପଣ କରିଦେଇଥିଲେ । ଏଥିରୁ ମିଳିଥିବା ଟଙ୍କାରେ କଂଗ୍ରେସ ସମାଜବାଦୀ କର୍ମୀସଂଘର ମୁଖପତ୍ର 'ସାରଥୀ' ପତ୍ରିକା ପ୍ରକାଶିତ ହୋଇଥିଲା । ୧୯୩୪ରେ ଏହି ସଂଘ ସର୍ବ ଭାରତୀୟ କଂଗ୍ରେସ ଦଳରେ ମିଶିଯାଇଥିଲା ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହ ଡାକରା ଦେଲେ । ଓଡ଼ିଶାର ଇଂଚୁଡି ଓ କୁଜଙ୍ଗରେ ଏହି ଲବଣ ଆଇନ ଭଙ୍ଗକରି ମାଳତୀ ଚୌଧୁରୀ ଜେଲ୍ ଗଲେ । ଏହାପରେ ବିଦେଶୀ ଦ୍ରବ୍ୟ ବର୍ଜନ, ନିଶା ନିବାରଣ ଓ ଗାଁ ଗାଁ ବୁଲି ସତ୍ୟାଗ୍ରହ କାର୍ଯ୍ୟ କରିବା ଯୋଗୁ ସେ ବନ୍ଦୀ ହୋଇ ପୁଣି ଛ' ମାସ ପାଇଁ ଶିଶୁକନ୍ୟା ଉ□ରା ସହ ଭାଗଲପୁର ସେଂଟ୍ରାଲ୍ ଜେଲ୍‌ରେ ରହିଲେ । ୧୯୩୧ ମସିହା ଗାନ୍ଧୀ-ଇରୱିନ୍ ଚୁକ୍ତିରେ ମାଳତୀ ଦେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୁନଶ୍ଚ ୧୯୩୨ରେ ଗିରଫ ହୋଇ ଶିଶୁପୁତ୍ର ବିନାୟକ ସହ ହଜାରିବାଗ୍ ଜେଲ୍‌ରେ ରହିଥିଲେ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବାରୁ ବ୍ରିଟିଶ୍ ସରକାର ତାଙ୍କୁ ଅଟକବନ୍ଦୀ କରି ରଖିଥିଲେ । ୧୯୪୨ରେ ଜେଲରୁ ମୁକ୍ତି ପାଇବା ପରେ ଦୁସ୍ଥ, ଦରିଦ୍ର, ଆଦିବାସୀ ଓ ଅନାଥ ଶିଶୁଙ୍କ ସେବା କରିବା ପାଇଁ ମାଳତୀ ଚୌଧୁରୀ ଅନୁଗୁଳ ଠାରେ ଆରମ୍ଭ କରିଥିଲେ ବାଜିରାଉତ ଛାତ୍ରାବାସ । ବାଜିରାଉତଙ୍କ ସ୍ମୃତିରେ ଆରମ୍ଭ ଏହି ଛାତ୍ରାବାସରେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସେ । ନବବାବୁ ଓ ମାଳତୀ ଦେବୀ ଏହି ଛାତ୍ରାବାସର ବାପାମା' ସଦୃଶ ଥିଲେ । ଏହି ଛାତ୍ରାବାସରେ ସେ ଦୁହେଁ ବାପି ଓ ନୁମା ନାମରେ ପରିଚିତ ଥିଲେ । ଦେଶ ସ୍ୱାଧୀନ ହେବାପରେ ମଧ୍ୟ ସେ ଆଦିବାସୀ ସେବା, ନାରୀ ଜାଗରଣ, କର୍ମୀ ତାଲିମ୍ ଆଦି କାର୍ଯ୍ୟକ୍ରମ କରିବା ସଙ୍ଗେ ସଙ୍ଗେ ଅନ୍ୟାୟ ଓ ଅନୀତି ବିରୋଧରେ ଜୀବନପଣ କରି ଲଢୁଥିଲେ । ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବି ମାଳତୀ ଦେବୀ ନିଜର କର୍ମକ୍ଷେତ୍ର ବାଜିରାଉତ ଛାତ୍ରାବାସ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ହୋଇ ରହିଥିଲେ । ଆଦିବାସୀଙ୍କ ମଧ୍ୟରୁ ଅଜ୍ଞାନ ଓ ଦାରିଦ୍ର୍ୟ ଦୂର କରିବା ପାଇଁ ଏବଂ ସେମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ଓ ଶୋଷଣକୁ ବନ୍ଦ କରିବା ପାଇଁ ସେ ଉତ୍କଳ ନବଜୀବନ ମଣ୍ଡଳ ଗଢିଥିଲେ ।

ଜଣେ ବିପ୍ଳବିଣୀ ଭାବେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିବା ସହିତ ସମାଜରୁ ଦୁର୍ନୀତି, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ମାଳତୀ ଦେବୀଙ୍କ ଦୃଢତା ତାଙ୍କୁ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଦେଇଛି। ଖଟିଖିଆ ମଣିଷ, ଦରିଦ୍ର ଚାଷୀ ଓ ମଜଦୁର ହୃଦୟରେ ପ୍ରାଣ ସଂଚାର କରିବା ଥିଲା ତାଙ୍କ ଜୀବନର ବ୍ରତ । ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳଧରି ମାନବ ସେବାରେ ନିଜକୁ ସେ ଉତ୍ସର୍ଗୀକୃତ କରିଛନ୍ତି । ସ୍ନେହ, ଆଦର ଓ ସେବାଯତ୍ନ ଯୋଗୁଁ ତାଙ୍କୁ ୧୯୮୭ରେ ଜାତୀୟ ପୁରସ୍କାର ମିଳିଥିଲା । ମହିଳା, ଶିଶୁକଲ୍ୟାଣ ଓ ଉନ୍ନୟନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୧୯୮୮ରେ ତାଙ୍କୁ ଯମୁନାଲାଲ ବଜାଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏସବୁ ଅର୍ଥକୁ ସେ ମାଳତୀ ଦେବୀ - ନବକୃଷ୍ଣ ଟ୍ରଷ୍ଟ ଗଠନରେ ବିନିଯୋଗ କରିଥିଲେ । ୧୯୯୫ରେ ଉତ୍କଳ ସମ୍ମାନ ଓ ୧୯୯୮ରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ସମ୍ମାନ 'ଦେଶୀକୋତମ' ଉପାଧିରେ ତାଙ୍କୁ ଭୂଷିତ କରାଯାଇଥିଲା । ୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ମହୀୟସୀ ମହିଳା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବାଜିରାଉତ ଛାତ୍ରାବାସରେ । କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସ ପଟରେ ଚିରଦିନ ପାଇଁ । ସତରେ ତାଙ୍କ ତ୍ୟାଗର ତୁଳନା ନାହିଁ ।



# ବନ୍ଧୁକରୁ ବାଦ୍ୟ ଯନ୍ତ୍ର

ନିକୋଲା ମୈକ୍ୟୁରା ସର୍ବିୟାର ନିବାସୀ ଅଟନ୍ତି। ସେ ନୋଭ୍ୱି ସାଦ ଏକାଡେମୀ ଅଫ ଆର୍ଟସ୍‌ରେ ଆସିଷ୍ଟାଂଟ୍ ପ୍ରଫେସର ଅଛନ୍ତି। ଆପଣ ଏକଥା ଜାଣିଥିବେ ଯେ, ସର୍ବିୟାରେ ବର୍ଷ ବର୍ଷ ଧରି ଯୁଦ୍ଧ ଲାଗି ରହିଥିଲା। ତେଣୁ ଏଠାରେ ରକେଟ୍ ଲଂଚର ସହିତ ବେକାର ହୋଇଯାଇଥିବା ଅସ୍ତ୍ରଶସ୍ତ୍ରର ଏକ ବଡ ଡମ୍ପିଂ ଗ୍ରାଉଣ୍ଡ ଅଛି। ଏହି ଡମ୍ପିଂ ଗ୍ରାଉଣ୍ଡକୁ ନିକୋଲା ପ୍ରତି ସପ୍ତାହକୁ ବୁଲିବାକୁ ଆସନ୍ତି। ଆଉ ଅଦରକାରୀ ଭାବେ ପଡି ରହିଥିବା ରାଇଫଲ, ହେଲମେଟ୍, ମିସାଇଲ୍ ଖୋଜି ଖୋଜି ନିଜ ଷ୍ଟୁଡିଓକୁ ନେଇ ଆସନ୍ତି। ସେହିସବୁ ବିନାଶକାରୀ ଅସ୍ତ୍ରଶସ୍ତ୍ରକୁ ସେ ନିଜର ସୃଜନଶକ୍ତିର ପ୍ରୟୋଗ କରି ସୁମଧୁର ଧ୍ୱନି ବାହାରୁଥିବା ବାଦ୍ୟରେ ରୂପାନ୍ତରିତ କରନ୍ତି। ୪୨ ବର୍ଷୀୟ ନିକୋଲାଙ୍କର ଏହି କଳାକୁ ସମସ୍ତେ ବେଶ୍ ପ୍ରଶଂସା କରୁଛନ୍ତି। ଏହି କଳା ଏବେ ଭାଇରାଲ ହେବାରେ ଲାଗିଛି। ଏବେ ସେ ଆର୍ମି ଟ୍ୟାଙ୍କକୁ ବି ବାଦ୍ୟ ଯନ୍ତ୍ରରେ ରୂପାନ୍ତରିତ କରିବାକୁ ଚାହୁଁଛନ୍ତି। ଏହାକୁ ସେ ଏମିତି ଏକ ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଂଟ୍‌ରେ ରୂପାନ୍ତରିତ କରିବାକୁ ଚାହାନ୍ତି, ଯାହାକୁ ଏକାଥରେ ୫ ଜଣ ସଙ୍ଗୀତକାର ବଜାଇପାରିବେ। ତାଙ୍କର ଆଉ ଏକ ସ୍ୱପ୍ନ ହେଉଛି ଅସ୍ତ୍ରଶସ୍ତ୍ରରେ ନିର୍ମିତ ବାଦ୍ୟ ଯନ୍ତ୍ରର ଏକ ଅର୍କେଷ୍ଟ୍ରା କରିବା। ତା ସହ ସେହି ବାଦ୍ୟଯନ୍ତ୍ରକୁ ବଜାଇବା ପାଇଁ ଯୁଦ୍ଧରେ ଲଢ଼ିଥିବା ସୈନିକଙ୍କୁ ତାଲିମ ଦେବାକୁ ବି ଚାହାନ୍ତି। ଆଉ ସାରା ପୃଥିବୀରେ ଭ୍ରମଣ କରି ଏହି ଅର୍କେଷ୍ଟ୍ରା ମାଧ୍ୟମରେ ବାର୍ତ୍ତା ଦେବାକୁ ଚାହାନ୍ତି ଯେ, ସଙ୍ଗୀତର ଲହରି ଜାରି ରହୁ, ଯୁଦ୍ଧ ନ ହେଉ।



# କଥା ୧୧ ବର୍ଷର

ଦେଖୁ ଦେଖୁ ୧୧ ବର୍ଷ ବିତିଗଲାଣି। ହେଲେ କେତୋଟି ହାତଗଣତି ସିନେମାରେ ଅଭିନୟ କରିଛନ୍ତି ସେ। ହେଲେ ଏ ନେଇ ବେଶ୍ ଖୁସି ମଧ୍ୟ ଅଛନ୍ତି। ସେ ହେଲେ ଜରିନ୍ ଖାଁ। ୨୦୧୦ରେ ବୀର ଫିଲ୍ମରୁ ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା। ତା' ପରେ ରେଡ୍ଡି, ହାଉସ୍‌ଫୁଲ୍-୨, ହେଟ୍ ଷ୍ଟୋରି-୩, ୧୯୨୧ ସିନେମା ବ୍ୟତୀତ ମ୍ୟୁଜିକ ଭିଡିଓ ପ୍ୟାର୍ ମାଙ୍ଗା ହୈ'ରେ ଆକ୍ଟିଂ କରିଥିଲେ। ନିଜର ଏହି ୧୧ ବର୍ଷର କ୍ୟାରିୟର ବିଷୟରେ ଜରିନ କହନ୍ତି, ଅତୀତରେ କ'ଣ ଘଟିଯାଇଛି ତାହାକୁ ପୁଣି ଥରେ ଆଲୋଚନା କରିବାକୁ ଚାହୁଁନାହିଁ। କାରଣ ମୋତେ ଯେତେବେଳେ ଯେଉଁ ଭୂମିକାଟିଏ ମିଳିଛି ତାହାକୁ ତୁଲାଇବାକୁ ଚେଷ୍ଟା କରିଛି। ନାୟିକା ଦୌଡରେ ନିଜକୁ ସାମିଲ କରିବାକୁ ମୁଁ କେବେ ଆଶା ରଖିନି। ମୋତେ ଯାହା ମିଳିଛି ସେତିକିରେ ମୁଁ ସନ୍ତୁଷ୍ଟ। ମୋ ଲୁକ୍‌କୁ କେତେକେ କ୍ୟାଟ୍ରିନାଙ୍କ ସହ ତୁଳନା କରନ୍ତି। ଯେଉଁଥିପାଇଁ ମୋ କ୍ୟାରିୟର ମଧ୍ୟ ବହୁତ ପ୍ରଭାବିତ ହୋଇଛି। କାରଣ ଡୁପ୍ଲିକେଟ୍‌ଙ୍କୁ ନେବାକୁ ଅନେକେ ପସନ୍ଦ କରନ୍ତି ନାହିଁ। ତେଣୁ ବଲିଉଡ୍‌ରେ ନିଜର ପରିଚୟ କରିବାକୁ ମୁଁ ବହୁତ ଚେଷ୍ଟା କରିଛି। ଜରିନ୍‌ଙ୍କ ଅଭିନୀତ ହମ୍ ଭି ଅକେଲେ ତୁମ୍ ଭି ଅକେଲେ ଗତ ବର୍ଷ ରିଲିଜ୍ ହୋଇଥାଆନ୍ତା, ହେଲେ କୋଭିଡ୍ ପାଇଁ ଚଳିତବର୍ଷ ପରଦା ଉପରକୁ ଆସିବ।



# ଲମ୍ବା ବସ୍

ବସ୍ ତ ଅନେକେ ଦେଖିଥିବେ ଆଉ ସେଥିରେ ବସିବାର ଅନୁଭୂତି ବି ଅଙ୍ଗେ ନିଭାଇଥିବେ। ହେଲେ ଏଠାରେ ଯେଉଁ ବସ୍ କଥା କୁହାଯାଉଚି ତାହାର କଥା ହିଁ କିଛି ନିଆରା। କାରଣ ଏହାକୁ ହଠାତ୍ ଯିଏ ଦେଖିବ ସିଏ ଦ୍ୱନ୍ଦ୍ୱରେ ପଡ଼ିଯିବ ଏହା ଏକ ବସ୍ ନା ଏକ ଛୋଟ ଟ୍ରେନ୍। କାରଣ ଟ୍ରେନ୍‌ରେ ଯେମିତି ଯାତ୍ରୀମାନଙ୍କ ବସିବା ନିମନ୍ତେ ଏକାଧିକ କମ୍ପାର୍ଟମେଂଟ୍ ଥାଏ ଠିକ୍ ସେମିତି ଏହି ବସ୍‌ରେ ମଧ୍ୟ ରହିଛି ୫ଟି କମ୍ପାର୍ଟମେଂଟ୍, ଯେଉଁଥିପାଇଁ ଏହା ସାଧାରଣ ବସ୍ ତୁଳନାରେ ଅଧିକ ଲମ୍ବା ଦେଖାଦେଇଥାଏ। ସେହିପରି ୫ଟି କମ୍ପାର୍ଟମେଂଟ୍ ଥିବା ଯୋଗୁ ଏହି ବସ୍‌ରେ ଏକକାଳୀନ ୩୮୦ ଲୋକ ଆରାମରେ ଯାଇପାରିବେ। କିନ୍ତୁ ଏହି ବସ୍‌ଟିର ଟିକେ ଅସୁବିଧା ରହିଛି। ଏହା ବେଶ୍ ମୋଡ ଥିବା ରାସ୍ତାରେ ସୁବିଧାରେ ଯାଇପାରେ ନାହିଁ। କିନ୍ତୁ ସାଦାସିଧା ରାସ୍ତା ଏପରି କି ସିଧା ମୋଡ ଥିବା ରାସ୍ତାରେ ଏହା ବେଶ୍ ସ୍ପିଡ୍‌ରେ ଗତି କରିପାରେ। ଏହି ନିଆରା ଡିଜାଇନ୍‌ର ବସ୍ ମୁଖ୍ୟତଃ ଚାଇନାରେ ଦେଖିବାକୁ ମିଳିଥାଏ, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଆମେରିକୀୟ ଡଲାର ରଖାଯାଇଥିବା ସୂଚନା ରହିଛି।



# ଫ୍ୟାଶନେବଲ୍ ପୋଟ୍‌ଲି ବ୍ୟାଗ୍

ପାର୍ଟି ଫଙ୍କସନ୍‌ଗୁଡିକରେ ଟ୍ରାଡିଶନାଲ ହେଉ ଅବା ଏଥ୍‌ନିକ୍ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ହାତରେ ହ୍ୟାଣ୍ଡବ୍ୟାଗ୍ କିମ୍ବା କ୍ଲଚ୍ ନ ଧରିଲେ ଲୁକ୍ କେମିତି ଫିକା ଫିକା ଲାଗିଥାଏ। ଆଜିକାଲି ତ ପୋଟ୍‌ଲି ବ୍ୟାଗ୍‌ର ଫ୍ୟାଶନ ବି ଆସିଗଲାଣି। ଏହାର ଅନେକ ଭେରାଇଟି ମଧ୍ୟ ମିଳିଲାଣି। ଯାହାକୁ ଟ୍ରାଏ କରି ଯୁବତୀମାନେ ଗର୍ଜିୟସ୍ ଲୁକ୍ ପାଇବା ସହ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ ବି କରିପାରିବେ...

**ଇଣ୍ଡୋ ୱେଷ୍ଟର୍ନ ଡ୍ରେସ୍ ସହ ପୋଟ୍‌ଲି:** କେବଳ ଏଥ୍‌ନିକ୍ ଡ୍ରେସ୍ କାହିଁକି ଆପଣ ଚାହିଁଲେ ଇଣ୍ଡୋ ୱେଷ୍ଟର୍ଣ୍ଣ ଡ୍ରେସ୍ ସହିତ ମଧ୍ୟ ପୋଟ୍‌ଲି ବ୍ୟାଗ୍‌କୁ କ୍ୟାରି କରିପାରିବେ। ଖାସ୍ କରି ଏହି ଡ୍ରେସ୍ ସହିତ ମ୍ୟାଚିଂ କରି ଗୋଲ୍ଡେନ୍ ହେଉ କିମ୍ବା ସିଲ୍‌ଭର କଲରର ପୋଟ୍‌ଲି ବ୍ୟାଗ୍ ଟ୍ରାଏ କଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।



**ପିଙ୍କ୍ ପୋଟ୍‌ଲି:** ବାହାଘର ପାର୍ଟିରେ ଯଦି ଆପଣଙ୍କର ଶାଢ଼ି କିମ୍ବା କୌଣସି ହେଭି ସୁଟ୍ ପିନ୍ଧିବାର ପ୍ଲାନିଂ ଥାଏ ତା ହେଲେ ଏହା ସହିତ ମ୍ୟାଚିଂ କରି ଆପଣ ଯେକୌଣସି ଟ୍ରାଡିଶନାଲ ପୋଟ୍‌ଲି ବ୍ୟାଗ୍ ଟ୍ରାଏ କରିପାରିବେ। ବିଶେଷକରି ପିଙ୍କ୍ କଲରର ପୋଟ୍‌ଲି ବ୍ୟାଗ୍‌କୁ ବାହାଘର ପାର୍ଟିରେ କ୍ୟାରି କଲେ ଗର୍ଜିୟସ୍ ଲୁକ୍ ମିଳିଥାଏ।

**ଲାଇଟ୍ କଲରର ପୋଟ୍‌ଲି:** ଅଧିକାଂଶ ସମୟରେ ଦେଖାଯାଏ ପ୍ରି ୱେଡିଂ ଫଙ୍କସନ୍ ପ୍ରାୟତଃ ଦିନବେଳେ ହିଁ ହୋଇଥାଏ। ଦିନବେଳା ହେଉଥିବା ଏହି ଫଙ୍କସନ୍‌ରେ ଆପଣ ଚାହିଁଲେ ଲାଇଟ୍ କଲରର ଯେକୌଣସି ପୋଟ୍‌ଲି ବ୍ୟାଗ୍‌କୁ ଟ୍ରାଏ କରିପାରିବେ। କାରଣ ଏହାସବୁ ପ୍ରକାରର ଆଉଟ୍‌ଫିଟ୍ ସହିତ ଭଲ ମ୍ୟାଚ୍ କରିଥାଏ।



**ଗ୍ରୀନ୍ କଲରର ପୋଟ୍‌ଲି:** ମେହେନ୍ଦି ଫଙ୍କସନ୍‌ଗୁଡିକରେ ଗ୍ରୀନ୍ କଲରର ପୋଟ୍‌ଲି ବ୍ୟାଗ୍ କ୍ୟାରି କଲେ ପରଫେକ୍ଟ ଲୁକ୍ ମିଳିଥାଏ। ଖାସ୍ କରି ଶାଢ଼ି ସାଙ୍ଗରେ ହିଁ ଏହି କଲର ପୋଟ୍‌ଲି ବ୍ୟାଗ୍ ଅଧିକ ସୁନ୍ଦର ଦେଖାଦେଇଥାଏ।

**ଫର ଡିଜାଇନ୍ ପୋଟ୍‌ଲି:** ଆଜିକାଲି ଫର ଡିଜାଇନର ପୋଟ୍‌ଲି ବ୍ୟାଗ୍ ବି ମିଳିଲାଣି। ଖାସ୍ କରି ଧଳାରଙ୍ଗର ଫର ଡିଜାଇନ୍ ହୋଇଥିବା ପୋଟ୍‌ଲି ବ୍ୟାଗ୍‌କୁ ଆପଣ ନେଟ୍ ଡିଜାଇନ୍ ଶାଢ଼ି ସହ କ୍ୟାରି କଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ।

**ବ୍ରାଇଡଲ୍ ପୋଟଲ୍‌ଲି:** ବାହାଘର ଦିନ ଲୁକ୍‌କୁ ଆହୁରି ଆକର୍ଷଣୀୟ କରିବା ପାଇଁ ଲେହେଙ୍ଗାକୁ ମାଚିଂ କରି ଯେ କୌଣସି ଡିଜାଇନର ବ୍ରାଇଡଲ୍ ପୋଟ୍‌ଲି ବ୍ୟାଗ୍ କ୍ୟାରି କରାଯାଇପାରିବ।



# କେବଳ ସଲମାନଙ୍କ ପାଇଁ...

ଜଣେ ବ୍ୟାକ୍‌ଗ୍ରାଉଣ୍ଡ୍ ଡ୍ୟାନ୍ସର ଭାବରେ ଡେଜି ଶାହା ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ସଲମାନ ଅଭିନୀତ ତଥା ହିଟ୍ ସିନେମା ତେରେ ନାମ୍‌ରେ ଡ୍ୟାନ୍ସର ଭାବରେ ଅଫର ପାଇବା ପରେ ତାଙ୍କର ଖୁସିର ସୀମା ରହି ନଥିଲା। କାରଣ ତାଙ୍କର ପ୍ରିୟ ଅଭିନେତା ଥିଲେ ସଲମାନ। ପରବର୍ତ୍ତୀ ସମୟରେ ୨୦୧୪ରେ ଜୟ ହୋ ଫିଲ୍ମରେ ସେ ସଲମାନଙ୍କ ନାୟିକା ଭାବରେ ଅଭିନୟ କରିଥିଲେ। ଏହାପୂର୍ବରୁ ଡେଜି ଗଣେଶ ଆଚାର୍ଯ୍ୟଙ୍କ ସହ ଆସିଷ୍ଟାଂଟ୍ କୋରିଓଗ୍ରାଫର ଭାବରେ କିଛି ବର୍ଷ କାମ କରିଥିଲେ। ଏ ସମ୍ପର୍କରେ ଡେଜି କୁହନ୍ତି, ତେରେ ନାମର ସୁଟିଂ ସମୟରେ ସଲମାନଙ୍କ ମୋତେ ଆକ୍ଟିଂ ଲାଇନ୍‌ରେ ଏଂଟ୍ରି କରିବାକୁ କହିଥିଲେ। ହେଲେ ହଠାତ୍ ମୁଁ ଏ ନେଇ ନିଷ୍ପତି ନେଇପାରି ନଥିଲି। କିନ୍ତୁ ପରବର୍ତ୍ତୀ ସମୟରେ ଅଭିନୟକୁ କ୍ୟାରିୟର କରିବାକୁ ମାଇଣ୍ଡ ମେକଅପ୍ କରିଥିଲି। ଏତିକି କହିବି, କେବଳ ସଲମାନଙ୍କ ପାଇଁ ହିଁ ଆଜି ମୁଁ ଏହି ଲାଇନ୍‌ରେ ତିଷ୍ଠି ରହିଛି। ସେ ମୋ ପାଇଁ ମେଂଟର। ଜୟ ହୋରେ ନିଜ ଅଭିନୟ ପାଇଁ ସେ ବେଶ୍ ପ୍ରଶଂସା ସାଉଁଟିଥିଲେ। ହେଟ୍ ଷ୍ଟୋରି-୩ରେ ଶେଷ ଥର ପାଇଁ ଡେଜିଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିଥିଲା।

## ପାଟଣାରେ ଗଜସାଥୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ପାଟଣା, ୨୩/୧୧(ନି.ପ୍ର): ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପାଟଣା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଗଜସାଥୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରକୃତି ବନ୍ଧୁ ନୃସିଂହ ନାଥ ସିଂହ ଯୋଗ ଦେଇ ଓଡ଼ିଆ ଜାତି ସହ ହାତୀଙ୍କ ସମ୍ପର୍କ, ଆଧାତ୍ମିକ କ୍ଷେତ୍ର ଠାରୁ ଆରମ୍ଭ କରି ମହାଭାରତ ଯୁଦ୍ଧ ଓ ଆଜି ପର୍ଯ୍ୟନ୍ତ ହାତୀଙ୍କର ଆବଶ୍ୟକତା ଆମ ସମାଜ ପାଇଁ କେତେ ଜରୁରୀ ତାହା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ପାଟଣା ବନପାଳ ପିଅନ ନାଏକ, ସାହାରପଡା ବନପାଳ ଭୂପତି ସେଠୀ ଓ ଖିରେଇଟାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇ ହାତୀ ମାନଙ୍କ ଦ୍ୱାରା ବିଭିନ୍ନ ଅର୍ଥକାରୀ ଫସଲ ହାନି ଜନିତ କ୍ଷତିପୂରଣ, ମଣିଷଙ୍କ ମୃତ୍ୟୁ ଓ ଅପମୃତ୍ୟୁ କ୍ଷେତ୍ରରେ ସରକାରୀ ସହାୟତା, ଗୃହପାଳିତ ପଶୁ ମୃତ୍ୟୁ ଜନିତ କ୍ଷତି ପୂରଣ, ଘର ଭାଙ୍ଗିଲେ କ୍ଷତି ପୂରଣର ପରିମାଣ ସମ୍ପର୍କରେ ସୂଚନା ଦେବା ସହ ସୌରବାଡ ପାଇଁ ବ୍ୟକ୍ତିଗତ ଓ ଗୋଷ୍ଠୀ ଗତ ନିର୍ମାଣ ପାଇଁ ସରକାରୀ ଅନୁଦାନ ପରିମାଣ ସହ ହାତୀପଲଙ୍କୁ ନଚିଡେଇବା, ସେମାନଙ୍କ ସୁରକ୍ଷିତ ବିଚରଣ, ହାତୀ ମଣିଷ ବିବାଦ ଆଦି କ୍ଷେତ୍ରରେ ଗଜସାଥୀଙ୍କୁ ଭୂମିକା ଓ କର୍ତ୍ତବ୍ୟ କଣ ହେବା ଉଚିତ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବା ସହ ବନାଗ୍ନି ନିୟନ୍ତ୍ରଣ ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଛି । ବନପାଳ ଡଲିରାଣୀ ସାହୁ, ଦେବଜାନୀ ମହାନ୍ତ, ତପସ୍ୱିନି ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତ, ରଞ୍ଜିତା ମହାନ୍ତ ଓ ଦୀପକ ରଣାଙ୍କ ସହ ୭୦ ଜଣ ଗଜସାଥୀ ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରିଥିଲେ ।

## ତୁରୁମୁଙ୍ଗା ସ୍ଥିତ ଦଧିବାମନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟଙ୍କ ବିୟୋଗରେ ଶୋକ

ପାଟଣା, ୨୩/୧୧(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଦଧିବାମନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ବୃନ୍ଦାବନ ସାହୁଙ୍କ ଗତକାଲି କେନ୍ଦୁଝର ସ୍ଥିତ ବାସଭବନରେ ସକାଳ ୧୦ଟା ୨୦ ମିନିଟରେ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି । ପ୍ରତିଷ୍ଠାତା ସଦସ୍ୟଙ୍କ ବିୟୋଗରେ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀଙ୍କ ଉପସ୍ଥିତିରେ ଏକ ଶୋକସଭା ଅନୁଷ୍ଠିତ ହେବା ସହ ସମସ୍ତେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଅଧ୍ୟକ୍ଷ ଅଶ୍ୱତ୍ଥମା ଗିରି, ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ମିଶ୍ର, ସୁଧାଂଶୁ ଶେଖର ସାହୁ ବିଗତ ଦିନରେ ମହାବିଦ୍ୟାଳୟ ଗଠନରେ ବୃନ୍ଦାବନ ସାହୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରିଥିଲେ । ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଉତ୍ତମ ସଂଗଠକ ଭାବରେ ତୁରୁମୁଙ୍ଗା ତଥା କେନ୍ଦୁଝର ବୃନ୍ଦାବନ ବିହାରରେ ପରିଚିତ ଥିଲେ ।

# ବିଜ୍ଞାନ ମେଳା ପ୍ରଦର୍ଶନୀରେ ଯୋଗଦେଲେ ଆଇନମନ୍ତ୍ରୀ



ବାଣପୁର, ୨୩/୧୧(ନି.ପ୍ର): ଶୁକ୍ରବାର ଦିନ ବାଣପୁର ବ୍ଲକ ଅନ୍ତର୍ଗତ ପଦ୍ମଚରଣ ଉଚ୍ଚ ବିଦ୍ୟାଳୟ, ଅଲାଇଡ଼ିହଠାରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ବ୍ଲକ-ସ୍ତରୀୟ ବିଜ୍ଞାନ ମେଳା ପ୍ରଦର୍ଶନୀ - ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ? ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ ଯୋଗଦେଇ ବିଜ୍ଞାନର ଅଗ୍ରଗତି, ନୂତନ ଉଦ୍ଭାବନ, ଆଜିର ଦିନରେ ବିଜ୍ଞାନର ? ଭୂମିକା, ବୈଷୟିକ ଜ୍ଞାନର ବିକାଶ ସମ୍ପର୍କରେ ଅଭିଭାଷଣ ରଖିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୋଦାବରୀଶ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ନନ୍ଦ ଏବଂ ସମ୍ମାନିତ ଅତିଥି ଭାବେ ନନ୍ଦପୁର ଗ୍ରାମପଞ୍ଚାୟତ ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ, ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସି.ଏଚ ବିଜୟ ଲକ୍ଷ୍ମୀ ଓ ପ୍ରଧାନଶିକ୍ଷକ ହିମାଂଶୁ ପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚ଼ନ୍ଦନ ବ୍ଲକ-ସ୍ତରୀୟ ବିଜ୍ଞାନ ମେଳା ପ୍ରକଳ୍ପ ବୁଲିଥିଲେ ଏବଂ ଉତ୍ତମ ପ୍ରଦର୍ଶନ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ପାଟଣା ଅନ୍ତର୍ଗତ ରାଜନଗର ବାଲିଯାତ୍ରାରୁ ବାଇକ ଚୋରୀ ମାମଲାରେ ୪ ଅଭିଯୁକ୍ତ ଗିରଫ

ପାଟଣା, ୨୩/୧୧(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ରାଜନଗର ବାଲିଯାତ୍ରାରେ ମଙ୍ଗଳବାର ରାତି ୧୦ ଟାରେ ମଲ୍ହାରପଦା ଗ୍ରାମର ମହେଶ ସିଂହଙ୍କ ବାଇକଟି ଚୋରୀ ହୋଇଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଦେବାସହ ନିଜେ ବାଇକ ମାଲିକ ବାଇକଟିକୁ ଖୋଜା ଖୋଜି କରୁଥିବା ସମୟରେ ତାଙ୍କ ବାଇକଟିକୁ ଶୁକୁଳି ବଜାରରେ ସରୁବାଲି ଗ୍ରାମର ଅମିତ କୁମାର ବେହେରା (୨୬) ଚଳାଉଥିବା ଦେଖି ତାଙ୍କୁ ବାଇକ ସହ ଧରିବା ସହ ରରୁଆଁ ପୁଲିସ ଜିମା ଦେଇଥିଲେ । ରରୁଆଁ ପୁଲିସ ଠାରୁ ସୂଚନା ପାଇ ତୁରୁମୁଙ୍ଗା ଥାନା ଏଏସଆଇ ଦେବେନ୍ଦ୍ର ମୁର୍ମୁ ରରୁଆଁରୁ ବାଇକ ସହ ଉକ୍ତ ଯୁବକକୁ ଗତକାଲି ତୁରୁମୁଙ୍ଗା ଥାନାକୁ ଆଣି ଜେରା କରିବା ପରେ ଏହି ବାଇକ ଚୋରୀରେ ଜଣେ ନାବାଳକଙ୍କ ସହ ମୋଟ ୫ ଜଣଙ୍କର ସମ୍ପୃକ୍ତି ଥିବା ଜଣାପଡିଥିଲା । ବାଇକଟିକୁ ବାଲିଯାତ୍ରାରୁ ତୁରୁମୁଙ୍ଗା ଥାନା ଅଞ୍ଚଳ କଣ୍ଟିଆପଡା ଗ୍ରାମର ଆକାଶ ବେହେରା (୧୮) ଓ ବିକ୍ରମ ବେହେରା (୨୨) ଚୋରାଇବା ପରେ ପାଟଣା ଥାନା ଅଞ୍ଚଳ ଗୋରାଣ୍ଡିଯୋଡିର ସାହିଲ ବେହେରା (୧୮)କୁ ଦେଇଥିଲେ । ସାହିଲ ରରୁଆଁ ଥାନା ସୁରୁବାଲି ଗ୍ରାମର ଅମିତ ବେହେରା (୨୬) କୁ ବାଇକଟି ବିକ୍ରି କରାଇଦେବାକୁ ଦେଇଥିଲେ ବୋଲି ତଦନ୍ତରୁ ଜଣାପଡିବା ପରେ ଏହି ସମସ୍ତ ୪ ଜଣଙ୍କୁ ତୁରୁମୁଙ୍ଗା ଥାନା ମାମଲା ସଂଖ୍ୟା ୩୧୨/ ୨୦୨୪ ମୂଳେ ଏଏସଆଇ ଦେବେନ୍ଦ୍ର ମୁର୍ମୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ଘଟଗାଁ ଅନ୍ତର୍ଗତ ମେଦିନୀପୁର ଉପ୍ରା ବିଦ୍ୟାଳୟରେ କ୍ଲଷ୍ଟର-ସ୍ତରୀୟ ମାସିକ ଅଂଶୀଦାର ବୈଠକ ଅନୁଷ୍ଠିତ

ପାଟଣା, ୨୩/୧୧(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଗଦାଧରପୁର କ୍ଲଷ୍ଟର ଅଧିନସ୍ଥ ମେଦିନୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଚଳିତ ମାସର ଅଂଶୀଦାର ବୈଠକ ଅନୁଷ୍ଠିତ ହୋଇଯାଇଛି । ମା' ତାରିଣୀଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ସ୍ୱାଗତ ଓ କାର୍ଯ୍ୟକ୍ରମର ସୂଚନା ଦିଆଯାଇ ନଭେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ନମୂନା ପାଠ ଯୋଜନା ସଂଖ୍ୟା ଜ୍ଞାନ ବିଷୟ ବସ୍ତୁ କୋମଳମତି ଛାତ୍ରଛାତ୍ରୀଙ୍କ ଠାରେ ଶିକ୍ଷଣ କିପରି ଫଳପ୍ରଦ ହୋଇଛି ଏହା ସମ୍ପର୍କରେ ମତ ବିନିମୟ ଓ ଆଲୋଚନା ହୋଇଥିଲା । ଏଫଏଲଏନ ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀର ଭାଷା ଜ୍ଞାନ ଓ ଗଣିତ ଶିକ୍ଷଣର ଫଳାଫଳ ଓ ଛାତ୍ରଛାତ୍ରୀଙ୍କ ଉପଲବ୍ଧି ଉପରେ ବୈଠକରେ ପ୍ରଦର୍ଶନ ଓ ପର୍ଯ୍ୟାଲୋଚନା କରାଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଘଟଗାଁ ଏବିଇଓ ଅମ୍ବିକା ପ୍ରସାଦ ପତି ଓ ସିଆରସିସି ଧରଣୀଧର ମହାନ୍ତ ଯୋଗଦେଇଥିବା ବେଳେ ଆଶୀଷ କୁମାର ବେହେରା ପ୍ରୋଜେକ୍ଟର ମାଧ୍ୟମରେ ପ୍ରଶିକ୍ଷଣ ସୂଚାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମନିଷା, ମେଘମାଳା, ଶୁଭଶ୍ରୀ ସୁଚିତ୍ରା, ନନ୍ଦିନୀ, ସଂଧ୍ୟାରାଣୀ ଚକ୍ର, ମୀନା ବେହେରା, କବିତା ନାଏକ, ମଞ୍ଜରୀ ଗିରି, ସିମାଳୀ, ଦିପାଳୀ, ରମ୍ଭାବତୀ ଗିରି, ଗୋଲାପ ମହାନ୍ତ, ଜଗବନ୍ଧୁ ନାଏକ ଓ ପ୍ରମୋଦ ଦାଶ ପ୍ରମୁଖ ଏଫ୍ଏଲ୍ଏନ୍ ପ୍ରଶିକ୍ଷଣରେ ଯୋଗ ଦେଇଥିଲେ ।

## ବେଲଗୁଣ୍ଠାରେ ଷଷ୍ଠ-ମାସିକ କ୍ଲଷ୍ଟର-ସ୍ତରୀୟ ବୈଠକ ଅନୁଷ୍ଠିତ

ବେଲଗୁଣ୍ଠା, ୨୩/୧୧(ନି.ପ୍ର): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଆଜି ବେଲଗୁଣ୍ଠା ବ୍ଲକର ସମସ୍ତ ଏଗାରଟି ଆଞ୍ଚଳିକ ସାଧନ କେନ୍ଦ୍ରରେ ସିଆରସିସି ମାନଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀ ଏବଂ ଏଫ୍ଏଲ୍ଏନ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଷଷ୍ଠ-ମାସିକ କ୍ଲଷ୍ଟର୍ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗାଙ୍ଗପୁର ସିଆରସିସି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗାଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଷଷ୍ଠ ମାସିକ କ୍ଲଷ୍ଟର୍ ସ୍ତରୀୟ ବୈଠକକୁ ଜିଲ୍ଲା ଶିକ୍ଷକ ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ନବୀନ ଚନ୍ଦ୍ର ପରମାଣିକ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତାରାଣୀ ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ଗୌଡ଼, ଶାନ୍ତିଲତା ବେହେରା, ପ୍ରଧାନ ଶିକ୍ଷକ ଶିବରାମ ବେହେରା, ଲିଙ୍ଗରାଜ ସେଠୀ, ଶିଶିର କୁମାର ସ୍ୱାଇଁ, ଗଙ୍ଗାଧର ସ୍ୱାଇଁ, ସହକାରୀ ଶିକ୍ଷକ ଝାପଲ ମାରାଣ୍ଡି, ଦାଶରଥି ସେଠୀ, ଜଗନ୍ନାଥ ପାଇକ, ଶିକ୍ଷୟିତ୍ରୀ ସିପ୍ରାସିନ୍ଧୁ ସ୍ୱାଇଁ, ଶୁଭଶ୍ରୀ ପଣ୍ଡା, ମିନି ସେଠୀ, ଶୁଭାଙ୍ଗୀନି ସାହୁ, ତୁଳସୀ ସ୍ୱାଇଁ, ସୁନେଲି ସ୍ୱାଇଁ, ସ୍ମିତା ନାୟକ, ଆରତୀ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ବିଦ୍ୟାଳୟ ମନିଟରିଂ, ମୌଳିକ ସାକ୍ଷରତା ଜ୍ଞାନ ଓ ମୌଳିକ ସଂଖ୍ୟାଜ୍ଞାନ, ଏକାଡେମିକ କ୍ୟାଲେଣ୍ଡର, ମାନ ନିର୍ଦ୍ଧାରଣ ଟ୍ରାକ୍, ଜାତୀୟ ସ୍ତରୀୟ ଉପଲବ୍ଧି ପରୀକ୍ଷଣ ପ୍ରସ୍ତୁତି, କ୍ୟାରିଅର୍ କାଉନସ୍ଲିଂ ୱେବ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ ଶିବରାମ ମହାନ୍ତି, ସନିତ୍ ଜେନା, ଆକୁଳ ସାହୁ, ପ୍ରକାଶ ଗୌଡ଼, ନାରାୟଣ ସାହୁ, ଶିକ୍ଷୟିତ୍ରୀ ଅଳକା ମହାପାତ୍ର, ପିଙ୍କି ଦଳେଇ, ଦୀପା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ବ୍ଲକର କ୍ଷତ୍ରିୟବରପୁର, ଏନ୍.ପି.ଶାସନ, ଗୋବରା, ନେଟଙ୍ଗା, ବଡ଼ପଡ଼ା, ପାଟୁଳିସାହି, ତନରଡା, ମଙ୍ଗଳପୁର, ଆମ୍ବପୁଆ, ଉଦ୍ଧୁରା କ୍ଲଷ୍ଟରର ସିଆରସିସି ଛାୟାକାନ୍ତ ମହାପାତ୍ର, ସୁକାନ୍ତ ନାୟକ, ହରେକୃଷ୍ଣ ଶତପଥି, ସୁଧୀର କୁମାର ତ୍ରିପାଠି, ଅନନ୍ତ ସେଠୀ, କାଳୁ ଚରଣ ଗୌଡ଼, ମନୋଜ ପଟ୍ଟନାୟକ, ରଞ୍ଜିତ୍ ସାହୁ, ପ୍ରଶାନ୍ତ ପଟ୍ଟନାୟକ, ରମେଶ୍ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି ଷଷ୍ଠ ମାସିକ କ୍ଲଷ୍ଟର୍ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ଭେଡେନ ଠାରେ ବଜାରରେ ପୋଲିସ, ଅବକାରୀ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଚଢ଼ାଉ



ଭେଡେନ, ୨୩/୧୧(ନି.ପ୍ର): ବରଗଡ଼ ଜିଲ୍ଲା ଭେଡେନ ବ୍ଲକର ଥୁଆପାଲୀ, ଝରାପାଲୀ ଆଦି ଅଞ୍ଚଳରେ ବରଗଡ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଏବଂ ଅବକାରୀ ବିଭାଗର ଏକ ମିଳିତ ସ୍କ୍ୱାର୍ଡ ପକ୍ଷରୁ ସର୍ବସାଧାରଣ ସ୍ଥାନରେ ତମାଖୁ ଉତ୍ପାଦ ବିକ୍ରି ବିରୁଦ୍ଧରେ ଚଢ଼ାଉ କରାଯାଇଛି । ଏହି ମିଳିତ ସ୍କ୍ୱାର୍ଡ COTPA (ତମାଖୁ ନୀୟନ୍ତ୍ରଣ) ନିୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନ ମାନଙ୍କରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୧୨ ଜଣ ନିୟମ ଖିଲାପକାରୀଙ୍କ ଠାରୁ ସମୁଦାୟ ଟ.୨୮୦୦/ - ଜୋରିମାନା ଆଦାୟ କରିବା ସହ ଜନସାଧରଣଙ୍କୁ ଖାଦ୍ୟରେ ରଂଗ ବ୍ୟବହାର ନ କରିବା, ଖବରକାଗଜରେ ଖାଦ୍ୟ ସାମଗ୍ରୀ ନ ଦେବା ଏବଂ ତମାଖୁ ବ୍ୟବହାରର ଭୟାବହତା ବିଷୟରେ ସଚେତନ କରିଥିଲେ । ଉକ୍ତ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲ୍ଲା ପରାମର୍ଶଦାତା ସୀତେଶ ତ୍ରିପାଠୀ, ଅବକାରୀ ବିଭାଗରୁ ଇ/ସି ପ୍ରଦୀପ ସାହୁ ଓ ସୁକାନ୍ତ ବଡେଇ ଏବଂ ଭେଡେନ ପୋଲିସ ସାମିଲ ଥିଲେ ।

# 'ଜବ୍ସ ଆଟ୍ ୟୋର୍ ଡୋର୍ ଷ୍ଟେପ ' ରିପୋର୍ଟ ଉନ୍ମୋଚିତ

### ଚାକିରି ଏବଂ ରୋଜଗାରର ପରିଭାଷାକୁ ବ୍ୟାପକ କରିବାକୁ ହେବ - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ , ୨୩/୧୧(ନି.ପ୍ର):କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶ୍ରମ, ନିଯୁକ୍ତି ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭୀୟଙ୍କ ସହ ୬ଟି ରାଜ୍ୟର ଯୁବବର୍ଗଙ୍କ ପାଇଁ 'ଜବ୍ସ ଆଟ୍ ୟୋର୍ ଡୋର୍ ଷ୍ଟେପ୍ : ଏ ଜବ୍ସ ଡାଇଗ୍ନୋଷ୍ଟିକ୍ସ ଫର୍ ୟଙ୍ଗ୍ ପିପୁଲ ଅନ୍ ସିକ୍ସ ଷ୍ଟେଟ୍ସ' ଶୀର୍ଷକ ଏକ ରିପୋର୍ଟ ଉନ୍ମୋଚନ କରିଛନ୍ତି । ଏହି ୬ଟି ରାଜ୍ୟ ହେଲା ଓଡ଼ିଶା, ହିମାଚଳ ପ୍ରଦେଶ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନ । ଏହି ରିପୋର୍ଟ ଉପରୋକ୍ତ ୬ଟି ରାଜ୍ୟର ଚାକିରି ଅନ୍ୱେଷଣ କରିବା ସହ ମାଧ୍ୟମିକ ବିଦ୍ୟାଳୟରୁ ସ୍ନାତକ ହାସଲ କରିଥିବା ଯୁବକମାନଙ୍କ ପାଇଁ ସର୍ବୋତ୍ତମ ନିଯୁକ୍ତି ସୁଯୋଗ ପ୍ରଦାନ କରୁଥିବା ପ୍ରମୁଖ ପ୍ରାଥମିକତା କ୍ଷେତ୍ରକୁ ଚିହ୍ନଟ କରିବ । ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ୬ଟି ରାଜ୍ୟ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପାଇଁ ବିଶ୍ୱବ୍ୟାଙ୍କ୍ ଟିମକୁ ପ୍ରଶଂସା କରିବା ସହ ବିଶ୍ୱବ୍ୟାଙ୍କ ଟିମକୁ ସର୍ବଭାରତୀୟ ଫ୍ରେମୱାର୍କ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଏହି ରିପୋର୍ଟ ଦକ୍ଷତା ଏବଂ ନିଯୁକ୍ତି ଉପରେ ଷ୍ଟେକହୋଲ୍ଡରମାନଙ୍କୁ ନୂତନ ଢାଞ୍ଚା ସୃଷ୍ଟି କରିବାରେ ସକ୍ଷମ କରିବ ଏବଂ ଆମ ଜନସଂଖ୍ୟାକୁ ସଶକ୍ତ କରିବା ପାଇଁ ପ୍ରଗତିଶୀଳ ନୀତି ପ୍ରସ୍ତୁତ କରିବାରେ ସମର୍ଥ ହେବ । ଚାକିରି ଓ ନିଯୁକ୍ତିର ସଂଜ୍ଞାକୁ ବ୍ୟାପକ କରିବାର ଆବଶ୍ୟକତା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିବା ସହ ଭାରତକୁ ଏକ ବିଶ୍ୱ ଦକ୍ଷତା କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଜନକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଆମ ଦେଶର ଜନସଂଖ୍ୟା ବିଶ୍ୱ ଅର୍ଥନୀତିର ଡ୍ରାଇଭର ହେବ । ଏଥିପାଇଁ ବିଦ୍ୟାଳୟଗୁଡ଼ିକରେ ଦକ୍ଷତାକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି । ଜାତୀୟ ଶିକ୍ଷା ନୀତିରେ ବିଦ୍ୟାଳୟଗୁଡିକରେ ଦକ୍ଷତାକୁ ମୁଖ୍ୟ ସ୍ରୋତରେ ଆଣିବାର ପରିକଳ୍ପନା କରାଯାଇଛି । ବୈଷୟିକ ଜ୍ଞାନକୌଶଳ ଭବିଷ୍ୟତରେ ନିଯୁକ୍ତି ଏବଂ ଆର୍ଥିକ କ୍ଷେତ୍ରକୁ ପରିବର୍ତ୍ତନ କରିବ । ଏଥିପାଇଁ ଭବିଷ୍ୟତରେ କର୍ମଚାରୀମାନଙ୍କୁ ଅପ୍-ସ୍କିଲ୍ ଏବଂ ରି-ସ୍କିଲ୍ କରାଇବାର ଆବଶ୍ୟକତା ରହିଛି । ବିଶ୍ୱର ଦକ୍ଷତା ରାଜଧାନୀ ଭାବେ ଉଭା ହେବା ପାଇଁ ଆମର ବୃହତ ଜନସଂଖ୍ୟାକୁ ସ୍କିଲ, ରି-ସ୍କିଲ୍ ଏବଂ ଅପ୍-ସ୍କିଲ୍ କରାଇବା ଦିଗରେ ସାମଗ୍ରିକ ସରକାରୀ ଆଭିମୁଖ୍ୟ ସହ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଶିକ୍ଷା ନୀତି ଏବଂ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଆରମ୍ଭ କରି ଶିକ୍ଷା କ୍ଷେତ୍ରରେ ଏକ ବଡ ପଦକ୍ଷେପ ନିଆଯାଇଛି । ଉଭୟ ନୀତିରେ ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ୨୦୨୫ ସୁଦ୍ଧା ୫୦ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଦକ୍ଷତାଭିତ୍ତିକ ଶିକ୍ଷା ହାସଲ କରିବା ଏବଂ ୨୦୩୦ ସୁଦ୍ଧା ଦକ୍ଷତାଭିତ୍ତିକ ଶିକ୍ଷା ପ୍ରଦାନ କରୁଥିବା ସମସ୍ତ ମାଧ୍ୟମିକ ବିଦ୍ୟାଳୟକୁ ସ୍କିଲିଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରହିଛି । ଏହି ପରିପ୍ରେକ୍ଷୀରେ 'ଜବ୍ସ ଆଟ୍ ୟୋର୍ ଡୋର୍ ଷ୍ଟେପ' ରିପୋର୍ଟ ଶିକ୍ଷା ଏବଂ ଭାରତର ଚାକିରି ଏଜେଣ୍ଡା ମଧ୍ୟରେ ଷ୍ଟ୍ରାଟେଜିକ୍ ସମ୍ପର୍କ ଏବଂ ସମନ୍ୱୟ ପ୍ରଦାନ କରିବା ଦିଗରେ ଏକ ରୋଡମ୍ୟାପ୍ ଭାବରେ କାର୍ଯ୍ୟ କରିବ । ହିମାଚଳ ପ୍ରଦେଶ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା ଏବଂ ରାଜସ୍ଥାନ (ସାମୂହିକ ଭାବେ ଷ୍ଟାର୍ସ ରାଜ୍ୟ) ଭଳି ୬ଟି ରାଜ୍ୟକୁ ଅନ୍ତର୍ଭୁକ୍ତ କରି ଶିକ୍ଷା-ଶିକ୍ଷଣ ଏବଂ ଫଳାଫଳ (ଷ୍ଟାର୍ସ) ନାମକ ଏକ କାର୍ଯ୍ୟକ୍ରମରେ ବିଶ୍ୱ ବ୍ୟାଙ୍କ ଭାରତ ଶିକ୍ଷା ମନ୍ତ୍ରଣାଳୟକୁ ସହାୟତା କରିଥାଏ । ୬ଟି ଷ୍ଟାର୍ସ ରାଜ୍ୟରେ ପ୍ରାଥମିକ ଓ ମାଧ୍ୟମିକ ଗବେଷଣା ମାଧ୍ୟମରେ ପ୍ରଦାନ କରାଯାଉଥିବା ଦକ୍ଷତା ଶିକ୍ଷାକୁ ପୁନଃକଳ୍ପନା କରିବା ପାଇଁ ଏହି ଅଧ୍ୟୟନ ଆରମ୍ଭ କରାଯାଇଥିଲା ।




## ମହାପ୍ରଭୁଙ୍କ ମାମୁଁ ନିଆଳି ମାଧବଙ୍କ ମନ୍ଦିରରୁ ଶ୍ରୀମନ୍ଦିର ଗଲା ପ୍ରଥମାଷ୍ଟମୀ ଭାର



ନିମାପଡ଼ା, ୨୩/୧୧(ନି.ପ୍ର): ପୋଡୁଆଁଷ୍ଟମୀ ବା ପ୍ରଥମାଷ୍ଟମୀ, ଏହି ଦିନ ଘରର ଜ୍ୟେଷ୍ଠ ସନ୍ତାନ ମାମୁଁ ଘରୁ ଆସିଥିବା ନବବସ୍ତ୍ର ପରିଧାନ କରିଥାନ୍ତି । ଏଥିପାଇଁ ଆଜି ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ମା ସୁଭଦ୍ରାଙ୍କ ମାମୁଁ ଘର ଭାବେ ପରିଚିତ ପ୍ରାଚୀ ଉପତ୍ୟକାର ମାଧବ ମନ୍ଦିରରୁ ଯାଇଛି ପୋଡୁଆଁ ଭାର । ରତ୍ନସିଂହାସନସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ସୁଦର୍ଶନ, ମାଧବ, ଭୂଦେବୀ ଓ ଶ୍ରୀ ଦେବୀଙ୍କ ପାଇଁ ପାଟବସ୍ତ୍ର, ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ପାଚିଲା କଦଳି, ଘିଅ, ଚନ୍ଦନ କାଠ, କର୍ପୂର, ଅଗୁରୁ, ଯାଇଫଳ, ପାନ, ଗୁଆ, ଅଳେଇଚ, ଲବଙ୍ଗ, ଗୋପାଳବଲ୍ଲଭ ପାଇଁ ବିଭିନ୍ନ ଫଳମୂଳ ଏବଂ ମହାପ୍ରଭୁଙ୍କ ବେଶ ପାଇଁ ତୁଳସୀ ଓ ପଦ୍ମଫୁଲ ଇତ୍ୟାଦି ସାମଗ୍ରୀ ଆଜି ସକାଳେ ଶ୍ରୀ ମାଧବାନନ୍ଦ ଜୀୟୁଙ୍କ ମନ୍ଦିରରୁ ଭାର ଶୋଭାଯାତ୍ରାରେ ପୁରୀ ଶ୍ରୀକ୍ଷେତ୍ରକୁ ନିଆଯାଇଛି । ମାଧବାନନ୍ଦ ଜୀଉଙ୍କ ହେରିଡେଟାରି ଟ୍ରଷ୍ଟି ପ୍ରଶାନ୍ତ କୁମାର ଦେବ ଗୋସ୍ୱାମୀଙ୍କ ନେତୃତ୍ୱରେ ପ୍ରଭୁ ମାଧବଙ୍କ ଭୋଇ ସେବକ ମାନେ ଶୋଭାଯାତ୍ରାର ଆଗରେ ପତାକା ଧରି ଚାଲିଥିଲେ, ଢୋଲିଆ ଓ ମହୁରିଆ ମଙ୍ଗଳବାଦ୍ୟ ବଜାଇଥିଲେ । ଶୋଭାଯାତ୍ରାରେ ଗଡୁଆ ସେବକ ମାନେ ପାଇକ ଆଖଡା ପ୍ରଦର୍ଶନ କରିଥିବା ବେଳେ ଗୋପାଳ ସେବକ ମାନେ ରାମତାଳି / ଲଉଡ଼ି ପ୍ରଦର୍ଶନ କରିଥିଲେ । ଶତାଧିକ ସଂକୀର୍ତ୍ତନ ଦଳ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ବେହେରା ସେବକ ମାନେ ନିଷ୍ଠାର ସହ ଉପବାସ ବ୍ରତ ପାଳି ଏହି ଦିବ୍ୟଭାର ନେଇ ଶ୍ରୀକ୍ଷେତ୍ର ଯାତ୍ରା କରିଛନ୍ତି । ମାଧବ ମନ୍ଦିରର ଛତିଶା ନିଯୋଗୀ, ପ୍ରାଚୀ ଅଞ୍ଚଳର ବହୁ ସାଧୁସନ୍ଥ, ଭକ୍ତ ଓ ଶ୍ରୀଜଗନ୍ନାଥ ପ୍ରେମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ବାଟରେ ପଦଯାତ୍ରୀ ମାନଙ୍କୁ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ମାନଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଚାରିଛକ ଓ ଗଣେଶ୍ୱରପୁରଠାରେ ଦହିପଣା ଓ ବାଲିଘାଇଠାରେ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ଆଶ୍ରମରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ହୋଇଥିଲା । ଏହି ଶୋଭାଯାତ୍ରା ମାଧବ, ଚନ୍ଦ୍ରମଉଳି, ଚାରିଛକ, ଗୋପ, ଗଣେଶ୍ୱରପୁର, ନାଗପୁର, ଷୋଳପୁର, ମଦରଙ୍ଗ, ଛଇତନା, ବାଲିଘାଇ ଓ ବାଲିଗୁଆଳି ଦେଇ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲା । ସେଠାରୁ ଅପରାହ୍ନରେ ଦ୍ୱିତୀୟ ପର୍ଯ୍ୟାୟ ଶୋଭାଯାତ୍ରା ଆରମ୍ଭ ହୋଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ପଦଯାତ୍ରା ଶେଷ ହୋଇଥିଲା ।

## ବସକୁ ଓଭରଟେକ କରିବାକୁ ଯାଇ ମର୍ମନ୍ତୁଦ ବାଇକ ଦୁର୍ଘଟଣା - ୨ ଗୁରୁତର

ପାଟଣା, ୨୩/୧୧(ନି.ପ୍ର):ମଧ୍ୟାହ୍ନରେ ଏକ ଘରୋଇ ବସକୁ ଓଭରଟେକ କରୁଥିବା ବେଳେ ଏକ ବାଇକ ଭାରସାମ୍ୟ ହରାଇ ବସ ସହିତ ଧକ୍କା ହେବା ଫଳରେ ୨ ବାଇକ ଆରୋହି ଗୁରୁତର ହୋଇଛନ୍ତି । ସୂଚନା ଅନୁସାରେ ଭୁବନେଶ୍ୱରରୁ କରଞ୍ଜିଆ ଯାଉଥିବା ଘରୋଇ ବସ ପୂଜାରିଣୀକୁ ସ୍ୱାମନାଳ ପୋଲ ଉପରେ ଏକ ବାଇକ ଓଭରଟେକ କରୁଥିବା ବେଳେ ପୋଲ ଉପରେ ବୁଲାଣୀ ନିକଟରେ ବାଇକଟି ବସର ସମ୍ମୁଖ ଭାଗରେ ପିଟି ହୋଇ ବାଇକଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା । ବାଇକ ଚାଳକ ପାଣିକୋଇଲି ଥାନା ଅନ୍ତର୍ଗତ ମାଧପୁର ଗ୍ରାମର ଆଶିଷ କୁମାର ସାହୁ ଅନ୍ୟ ଜଣେ ବାଗମୟୀ ଶର୍ମା ଭୁବନେଶ୍ୱର ଅଞ୍ଚଳର ବୋଲି ଜଣାପଡିଛି । ଗୁରୁତର ଦୁଇଜଣ ଘଟଗାଁ ଅଞ୍ଚଳରେ ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଥିବା ସୂଚନା ମିଳିଛି । ଗୁରୁତର ଦୁଇଜଣଙ୍କୁ ଦୃଘଟଣାସ୍ଥଳରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ଏବଂ ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯାଇଥିଲା । ପରେ ବାଇକ ଚାଳକ ଆଶିଷ କୁମାର ସାହୁଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

## କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି : ବଦଳିଲେ ସମ୍ପାଦକ ହେଲେ ବଦଳୁନି କାର୍ଯ୍ୟାଳୟର ଦୂରାବସ୍ଥା



ନିଶ୍ଚିନ୍ତକୋଇଲି, ୨୩/୧୧(ନି.ପ୍ର): ବର୍ଷ ବର୍ଷ ଧରି କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ବିପଦ ସଂକୁଳ ଅବସ୍ଥାରେ ରହିଛି । ଏହାର ରକ୍ଷଣା ବେକ୍ଷଣା ଓ ମରାମତି ଦିଗରେ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନାହିଁ । କାର୍ଯ୍ୟାଳୟ ଗୃହର କେଉଁଠି ଛାତରୁ ରଡ୍ ବାହାରିଲା ତ କାନ୍ଥ ଫାଟିଲାଣି । ପାଚେରୀ ନଥିବାରୁ କାର୍ଯ୍ୟାଳୟ ପରିସରରେ ଦିନବେଳା ଛେଳି ମେଣ୍ଢା ଗୋରୁ ଗାଈ ଏପରିକି ଷଣ୍ଢ କୁକୁର କାର୍ଯ୍ୟାଳୟ ପରିସରରେ ବୁଲୁଥିବା ଦେଖିବାକୁ ମିଳୁଛି । ସଂଧ୍ୟା ସମୟରେ କାର୍ଯ୍ୟାଳୟ ପରିସର ଅସାମାଜିକ ଯୁବକ ତଥା ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟୁଛି । ନୂତନ ଭାବେ ନିୟନ୍ତ୍ରୀତ ବଜାର କମିଟି କେନ୍ଦୁପାଟଣାର ନୂତନ ଗୃହ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ଉକ୍ତ ଗୃହ ଅଦ୍ୟାବଧି କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇ ନାହିଁ । ପୁରୁଣା କାର୍ଯ୍ୟାଳୟରେ ଘାସଲତା ମାଡି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି । ପୂର୍ବରୁ କାର୍ଯ୍ୟରେ ଲଗାଯାଇଥିବା ଟିଣ, ଚଦର ଗୁଡିକ ଖୋଲାଯାଇ କାର୍ଯ୍ୟାଳୟ ପାଖରେ ସେହିପରି ଭାବେ ଖୋଲା ମେଲାରେ ପଡିରହିଛି । ସରକାରୀ ନିୟମାନୁସାରେ ତାକୁ ନିଲାମ କରାଯାଉ ନାହିଁ । ସେଥିରୁ ଯେ ଖଣ୍ଡେ ଖଣ୍ଡେ କେହି ନେଇ ଯାଉନଥିବେ ତାହା କହିହେଉ ନାହିଁ । କାର୍ଯ୍ୟାଳୟର ଏଭଳି ଦୂରାବସ୍ଥା ଲାଗିରହିଥିଲା ବେଳେ ସେଥିପ୍ରତି ପ୍ରଶାସନର ଦୃଷ୍ଟି ନାହିଁ । ଏବେ କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟିର ନୂତନ ସଂପାଦକ ଭାବେ ଶ୍ରୀଯୁକ୍ତ ନିରଞ୍ଜନ ସାହୁ ଯୋଗଦେଇଥିବା ବେଳେ ଏଠାରେ ପୂର୍ବରୁ କାର୍ଯ୍ୟରତ ସଂପାଦକ ତୁଷାରକାନ୍ତ ସେଠୀଙ୍କ ବଦଳି ହୋଇଛି । ସାଧାରଣରେ ଚର୍ଚ୍ଚା ହେଉଛି ନିୟନ୍ତ୍ରିତ ବଜାର କମିଟିର ସଂପାଦକ ବଦଳିଲେ ହେଲେ କେବେ ବଦଳିବ କାର୍ଯ୍ୟାଳୟର ଅବସ୍ଥା ।

## ବୁଗୁଡା ଥାନାର ନୂତନ ଆଇଆଇସି ଭାବେ ସୀତାଂଶୁ ଶେଖର ମାନ୍ଧାତାଙ୍କ ଦାୟିତ୍ୱ ଗ୍ରହଣ

ବୁଗୁଡା, ୨୩/୧୧(ନି.ପ୍ର): ଗଞ୍ଜାମ ପୋଲିସ ଜିଲ୍ଲା ଅନ୍ତର୍ଗତ ବୁଗୁଡା ଥାନାର ନୂତନ ଆଇଆଇସି ଭାବେ ସୀତାଂଶୁ ଶେଖର ମାନ୍ଧାତା ନଭେମ୍ବର ୨୧ ତାରିଖ ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ଆଇଆଇସି ଶ୍ରୀ ମାନ୍ଧାତା ଛତ୍ରପୁର ପୋଲିସ ହେଡକ୍ୱାଟରରେ ଅବସ୍ଥାପିତ ଥିଲେ । ବୁଗୁଡା ଥାନାର ପୂର୍ବତନ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତଙ୍କୁ କବିସୂର୍ଯ୍ୟନଗର ଥାନଙ୍କୁ ବଦଳି ହୋଇଛି । ଆଇଆଇସି ଶ୍ରୀ ମାନ୍ଧାତା କାର୍ଯ୍ୟଭାର ଗ୍ରହଣ କରିବା ପରେ ବୁଗୁଡା ଥାନାର କର୍ମଚାରୀ ବୃନ୍ଦ ତଥା ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ବୁଗୁଡ଼ ସହରର ଟ୍ରାଫିକ ସମସ୍ୟା ଓ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଗୁରୁତ୍ୱ ପ୍ରଦାନ କରିବେ ବୋଲି ସେ ପ୍ରକାଶ କରିଛନ୍ତି ।

## ଢେଙ୍କିକୋଟ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀଙ୍କ ଅକାଳ ବିୟୋଗ

ପାଟଣା, ୨୩/୧୧(ନି.ପ୍ର): ଢେଙ୍କିକୋଟର ଜଣାଶୁଣା ବ୍ୟବସାୟୀ ନିତ୍ୟାନନ୍ଦ ସାହୁ (୬୫)ଙ୍କର ଆଜି ଅପରାହ୍ନରେ ଅକାଳ ବିୟୋଗ ଘଟିଛି । ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ନିଜ ଦୋକାନରେ ବେପାର କରୁଥିବା ବେଳେ ହଠାତ ତାଙ୍କୁ ଅସୁସ୍ଥତା ଅନୁଭବ ହେବାରୁ ସେ ଘରକୁ ଚାଲି ଆସିଥିଲେ । ଘର ଲୋକ ତାଙ୍କୁ ତତକାଳ ସ୍ଥାନୀୟ ଡ଼ାକ୍ତରଖାନାକୁ ନେଇଥିବା ବେଳେ ସେଠାରୁ ଡ଼ାକ୍ତର ତାଙ୍କୁ ଘଟଗାଁ ଡାକ୍ତରଖାନା ରେଫର କରିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡ଼ାକ୍ତର ତାଙ୍କୁ ରିସିଭଡ ଡେଥ ଘୋଷଣା କରିଥିଲେ । ଶ୍ରୀ ସାହୁଙ୍କ ବିୟୋଗରେ ଏଠାରେ ଶୋକ ପ୍ରକାଶ ପାଇଛି । ଢେଙ୍କିକୋଟ ବଣିକ ସଂଘ ପକ୍ଷରୁ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସଂଘର ସଦସ୍ୟମାନେ ଶୋକ ପ୍ରକାଶ କରିଛନ୍ତି ।

## କୁଆଡେ ଗଲା ଓଡିଆ ଅସ୍ମିତା

ନିଶ୍ଚିନ୍ତକୋଇଲି, ୨୩/୧୧(ନି.ପ୍ର): ବିଗତ ଦିନରେ ରାଜ୍ୟରେ ଶାସନ କରୁଥିବା ବିଜୁଜନତା ଦଳର ସରକାର ରାଜ୍ୟରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟାଳୟ ଓ ବିଭାଗୀୟ ଅଧିକାରୀମାନଙ୍କ ନାମ ଫଳକ ଓଡିଆରେ ଲେଖିବା ସହ କାର୍ଯ୍ୟାଳୟର ସମସ୍ତ ନଥିପତ୍ର ଓଡିଆ ଭାଷାରେ ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ତାହା ସଂପୂର୍ଣ୍ଣ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ୨୦୨୪ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ଓଡିଆ ଅସ୍ମିତାକୁ ଆୟୁଧ କରି ନିର୍ବାଚନ ଜିତି ଓଡିଶାରେ ସରକାର ଗଠନ କଲା । ସରକାର ଗଠନ ହେବାର ଇତି ମଧ୍ୟରେ ୫ମାସରୁ ଉର୍ଦ୍ଧ୍ୱ ସମୟ ବିତି ଗଲାଣି । ରାଜ୍ୟଠୁଁ ଆରମ୍ଭ କରି ଜାତୀୟ ସ୍ତରରେ ଓଡିଆ ଅସ୍ମିତାକୁ ପହଞ୍ଚାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସାଂସଦମାନେ ତତ୍ପରତା ପ୍ରକାଶ କରୁଛନ୍ତି । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଜାତୀୟ ସ୍ତରରେ ଆୟୋଜିତ ଡ. ହରେକୃଷ୍ଣ ମହତାବଙ୍କ ୧୨୫ ତମ ଜୟନ୍ତୀ ଉତ୍ସବ ପାଳନରେ । ଉତ୍ସବରେ ଉପସ୍ଥିତ ଥିବା ଅତିଥିମାନେ ଓଡିଆ ଅସ୍ମିତା କଥା କହୁଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଡ. ହରେକୃଷ୍ଣ ମହତାବ ଓଡିଆ ଅସ୍ମିତାର ଜୀବନ୍ତ ରାଷ୍ଟ୍ରନୀତିଜ୍ଞ । ଓଡିଆ ଅସ୍ମିତାର ଅର୍ଥ କ'ଣ ଏବେ ଓଡିଶାବାସୀଙ୍କ ମନରେ ଦ୍ୱନ୍ଦ୍ୱ ଉପୁଜାଉଛି । ଏପଟେ ରାଜ୍ୟ ସରକାର ଓଡିଆ ଅସ୍ମିତାକୁ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟପଟରେ ବହୁ ସରକାରୀ କାର୍ଯ୍ୟାଳୟ ଅଦ୍ୟାବଧି ଓଡିଆ ଭାଷାକୁ ଗ୍ରହଣ କରିପାରୁନାହାଁନ୍ତି । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କଟକ ଜିଲ୍ଲାପାଳଙ୍କ କ୍ଷେତ୍ରରେ । କଟକ ଜିଲ୍ଲାର ବିଭିନ୍ନ ବ୍ଲକ ଓ ମ୍ୟୁନିସିପାଲଟିର ଯୋଗାଣ ବିଭାଗ ଅଧିକାରୀଙ୍କ ବଦଳି ତାଲିକାରେ । ଏହି ତାଲିକାଟି ଇଂରାଜୀ ଭାଷାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଛି । ଯାହାକୁ ନେଇ ସାଧାରଣରେ ଓଡିଆ ଅସ୍ମିତା ପ୍ରତି ଆଙ୍ଗୁଠି ଉଠିଛି । କେବେ ସରକାରୀ କାର୍ଯ୍ୟାଳୟରେ ସଂପୂର୍ଣ୍ଣ ଭାବେ ଓଡିଆ ଭାଷା ବ୍ୟବହାର କରାଯିବ ତାହା ସମୟ କହିବ ।

## ସ୍ୱର୍ଗତ ସୁରେନ୍ଦ୍ରନାଥ ଖୁଣ୍ଟିଆଙ୍କ ସ୍ମୃତିସଭା ଅନୁଷ୍ଠିତ

ନିଶ୍ଚିନ୍ତକୋଇଲି, ୨୩/୧୧(ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ କଟକ ସଦର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବାବୁଜଙ୍ଗ ପଂଚାୟତ ପୂର୍ବତନ ସରପଂଚ, ସମିତିସଭ୍ୟ, ପଂଚାୟତ ବିଜେଡି ସଭାପତି ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ସୁରେନ୍ଦ୍ରନାଥ ଖୁଣ୍ଟିଆଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଉକ୍ତ ସ୍ମୃତି ସଭାରେ ଜିଲ୍ଲାପରିଷଦ ସଭ୍ୟା ଶ୍ରୀମତୀ ଶୁଭଶ୍ରୀ ମହାନ୍ତି, ସମାଜସେବୀ ଜଗନ୍ନେଶ୍ୱର ବେଉରା, ମନୋଜ କୁମାର ମହାନ୍ତି, ରମେଶ ଚନ୍ଦ୍ର ସ୍ୱାଇଁ, ସରପଂଚ ମିଳନ ଭୂୟାଁ, ସମିତିସଭ୍ୟ ଅଭୟ ଲେଙ୍କା, ରାଜକିଶୋର ନାୟକ, ସସ୍ମିତା ଖୁଣ୍ଟିଆ, ସୁନୀତା ସିଂ, ସୁବ୍ରତ ଖୁଣ୍ଟିଆ, ସତ୍ୟରଂଜନ ବିଶ୍ୱାଳ, ସୀତାକାନ୍ତ ନାୟକ, ସଞ୍ଜୟ କୁମାର ପରିଡା, ରାଜେନ୍ଦ୍ର କୁମାର ମହାନ୍ତି, ବିଜୟ କୁମାର ପୁହାଣ, ରଜନୀ କୁମାର ପୁହାଣ, ଆଲୋକ କୁମାର ଖୁଣ୍ଟିଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଖୁଣ୍ଟିଆଙ୍କ ବହୁମୁଖୀ ପ୍ରତିଭା ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ଅତିଥିମାନେ ସ୍ୱର୍ଗତ ଖୁଣ୍ଟିଆଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ ।

# ଗୁଣପୁର ଠାରେ ଚତୁର୍ଥ ରାଜ୍ୟସ୍ତରୀୟ କ୍ରୀଡା ମହାକୁମ୍ଭ ଉଦଯାପିତ

ଗୁଣପୁର, ୨୩/୧୧(ନି.ପ୍ର): ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ବିକ୍ରମପୁର ଠାରେ ଦୁଇ ଦିନଧରି ଚାଲିଥିବା ଚତୁର୍ଥ ରାଜ୍ୟସ୍ତରୀୟ କ୍ରୀଡା ମହାକୁମ୍ଭ ଉଦଯାପିତ ହୋଇଯାଇଛି । ଏହି କ୍ରୀଡା ମହୋତ୍ସବରେ ପ୍ରଥମ ଦିବସରେ ଗୁଣପୁର ଉପଜିଲ୍ଲାପାଳ କିରନଦୀପ କୌର ସହୋତା (ଆଇଏଏସ ) ମୂଖ୍ୟ ଅତିଥି ଭାବେ ଯୋଗଦେଇ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଉତ୍ସବରେ ଗୁଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲ୍ଲୀ ଶ୍ୱର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳୀ ପ୍ରଧାନ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ମଣ୍ଡଳ ଶିକ୍ଷାଧିଶ ଶ୍ୟାମଘନ ଭୂୟାଁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁରଜ ନାୟକ, ଏସ.ଓ. ପ୍ରଦୀପ୍ତ କୁମାର ଦଳାଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ଓ ଗୁଣପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଶ୍ୱର ପ୍ରମୁଖ ମଞ୍ଚାସିନ ଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଅନନ୍ତ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଓଡ଼ିଶାର ୧୮ ଜିଲ୍ଲାରୁ ଆସିଥିବା ୩୦ଟି ଏକଲବ୍ୟ ବିଦ୍ୟାଳୟର ୬୪୩ ଜଣ ପ୍ରତିଯୋଗିଙ୍କୁ ଉଦ୍ବୋଧନ ଦେବାସହ ଉତ୍ସାହିତ କରିଥିଲେ ଏବଂ ମୁଖ୍ୟବକ୍ତା ଶ୍ୟାମଘନ ଭୂୟାଁ ସମସ୍ତ ପ୍ରତିଯୋଗିଙ୍କୁ ସମ୍ବୋଧନ କରିଥିଲେ । ମଞ୍ଚାସିନ ଅତିଥି ମାନେ ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ପ୍ରତିଯୋଗିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୂଖ୍ୟ ଅତିଥି ମସାଲ ସ୍ଥାପନା ସହ କ୍ରୀଡା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ କ୍ରୀଡା ମହୋତ୍ସବର ପ୍ରାରମ୍ଭ ଘୋଷଣା କରିଥିଲେ ତଥା ଅତିଥି ମାନେ ବେଶ କିଛି ସମୟ କବାଡି ଖେଳ ଉପଭୋଗ କରିଥିଲେ । ପରେ ପରେ ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଟ୍ରିପଲ ଡିଆଁ, ସଟ୍ ଫୁଟ, ଡିସ୍କସ ଥ୍ରୋ, ଜାଭଲିନ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡା ମହାକୁମ୍ଭକୁ ବିଭିନ୍ନ ସ୍କୁଲର ବରିଷ୍ଠ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିବା ବେଳେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଦେ୍ୱୀ ପ୍ରସାଦ ପାଢୀ ମୂଖ୍ୟ କ୍ରୀଡା ବିଚାରକର ଦାୟିତ୍ୱ ତୁଲାଇଥିଲେ । ଦ୍ୱିତୀୟ ଦିବସରେ ଗୁଣପୁର ପୌରାଧ୍ୟକ୍ଷା ମମତା ଗୌଡ ମୂଖ୍ୟ ଅତିଥି ଭାବେ ମଞ୍ଚାସିନ ଥିବା ବେଳେ ଏଡିଡ୍ଲୁଓ ପ୍ରଦିପ୍ତ କୁମାର ଦଳେଇ, ଡ୍ଲୁଓ ଗଙ୍ଗାଧର ବେହେରା, କାଉନସିଲର ବାବୁଲା ଦାସ, କ୍ରୀଡା ଶିକ୍ଷକ ଦେବୀ ପ୍ରସାଦ ପାଢ଼ୀ ଓ ସ୍କୁଲର ଅଧ୍ୟକ୍ଷ ଅନନ୍ତ କୁମାର ତ୍ରିପାଠୀ ମଞ୍ଚାସିନ ହୋଇଥିଲେ । କ୍ରୀଡାରେ କୃତି ପ୍ରତିଯୋଗୀଙ୍କୁ ମୂଖ୍ୟଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ସିମାଞ୍ଚଳ ପାତ୍ର ଓ ଶାନ୍ତନୁ ଶର୍ମା ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଓ୍ୱାର୍ଡେନ, ମେଟ୍ରୋନ, ରୋଷେୟା ଓ ଛାତ୍ରଛାତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ଅଧ୍ୟକ୍ଷ ଅନନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରି ଦୁଇଦିନ ଧରି ଚାଲିଥିବା ଚତୁର୍ଥ ରାଜ୍ୟସ୍ତରୀୟ କ୍ରୀଡା ମହାକୁମ୍ଭର ଉଦଯାପନ କରିଥିଲେ ।



## ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନାର ସମୀକ୍ଷା

ବାଲିଗୁଡ଼ା, ୨୩/୧୧(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡାର ସର୍ବପୁରାତନ ଶ୍ରୀଜଗନ୍ନାଥ ମନ୍ଦିରକୁ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର ସିଦ୍ଧାର୍ଥ ଶଙ୍କର ଜେନା ଶୁକ୍ରବାର ଦିନିକିଆ ଗସ୍ତ କରି ମନ୍ଦିର ନିରୀକ୍ଷଣ କରି ଫେରିଛନ୍ତି । ଶ୍ରୀ ଜଗନ୍ନାଥ ମନ୍ଦିରରେ ପହଞ୍ଚି ମନ୍ଦିରର ମେନେଜିଂ ଟ୍ରଷ୍ଟି ଟି. ଶ୍ରୀନିବାସ ରାଓ ଏବଂ ମଧୁସୂଦନ ଦାସ ତାଙ୍କୁ ମନ୍ଦିର ପରିସର ବୁଲାଇ ଦେଖାଇଥିଲେ । ବିଭିନ୍ନ ପାର୍ଶ୍ୱ ଦେବାଦେବୀ ପୀଠ ବୁଲି ଦେଖିବା ସହ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା କରିଥିଲେ । ମନ୍ଦିର ପରିସରରେ ନୂତନ ଯଜ୍ଞ ମଣ୍ଡପ, କଲ୍ୟାଣ ମଣ୍ଡପ, ଭୋଜନ ମଣ୍ଡପ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ତଦାରଖ କରିବା ସହ ପ୍ରତିଷ୍ଠା ମହୋତ୍ସବ ପାଳନ କିଭଳି ରହିଥିଲା ସେ ସମ୍ପର୍କରେ ଟ୍ରଷ୍ଟ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ବର୍ଷ ତମାମ ମନ୍ଦିର କିଭଳି ପରିଚାଳନା ହେଉଛି, ଆୟବ୍ୟୟର ହିସାବକିତାବ ସମ୍ପର୍କରେ ବିଭିନ୍ନ ନଥିପତ୍ର ଯାଞ୍ଚ କରିଥିଲେ । ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର ଶ୍ରୀ ଜେନା ମନ୍ଦିର ପରିସରରେ ପୂଜା ପାଉଥିବା ଦେବାଦେବୀଙ୍କ ପୂଜାନୀତି ବିଧି ଅନୁସାରେ ନିଷ୍ଠାର ସହ ସମ୍ପାଦନ କରିବା, ସ୍ୱଚ୍ଛତା ବଜାୟ ରଖିବା ପାଇଁ ଟ୍ରଷ୍ଟି ମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ଉପଖଣ୍ଡ-ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉପଲକ୍ଷେ ଜାମଦା ବ୍ଲକରେ ବୁଲିଲା ସଚେତନତା ରଥ



ମୟୂରଭଞ୍ଜ, ୨୩/୧୧(ନି.ପ୍ର):ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଠାରେ ଉପଖଣ୍ଡ-ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆସନ୍ତା ୨୭/୧୧ରୁ ଆରମ୍ଭ ହୋଇ ୨୯/୧୧ ରିଖ ପର୍ଯ୍ୟନ୍ତ ଏସ୍ଏସଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆ ମହୁଲଡିହା, ରାଇରଙ୍ଗପୁର ଠାରେ ଆୟୋଜିତ ହେବ । ସେଥି ନିମନ୍ତେ ଜାମଦା ବିଏଓ କାର୍ଯ୍ୟାଳୟଠାରେ କୃଷି ଅଧିକାରିଣୀ ଶୁଭଲକ୍ଷ୍ମୀ ଦାଶଙ୍କ ଅଧ୍ୟକ୍ଷତାରେ ଜାମଦା ବିଡ଼ିଓ ଦେବାଶିଶ୍ ପଣ୍ଡା, ଏଏଇ ସନତ ରାଉତ ଉପସ୍ଥିତ ରହି ସଚେତନତା ରଥ ଗଡ଼ିବା ନିମନ୍ତେ ସବୁଜ ପତାକା ଦେଖାଇଥିଲେ । ଏହି ରଥ ବ୍ଲକର ୧୦ଗୋଟି ପଞ୍ଚାୟତ ବୁଲି ଚାଷୀମାନଙ୍କୁ ସଚେତନ କରିବ । ଏହି ଅବସରରେ କୃଷି କାର୍ଯ୍ୟାଳୟ ଉପର ମହଲାରେ ଏକ ବୈଠକ ବିଏଓ ଶୁଭଲକ୍ଷ୍ମୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଉନ୍ନତ ଚାଷ ନିମନ୍ତେ ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ନିମନ୍ତେ ସରକାରୀ ଆର୍ଥିକ ସହାୟତା, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷ ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତକାଳ ବୁକିଂ ବ୍ୟବସ୍ଥା ରହିଛି ବୋଲି କୃଷି ଅଧିକାରିଣୀ କହିଥିଲେ । ଯନ୍ତ୍ରପାତି କ୍ରୟ ନିମନ୍ତେ କୃଷକ ଆଇଡ଼ି, କୃଷକ ପୋର୍ଟାଲରେ ରେଜିଷ୍ଟ୍ରେସନ୍, ଗୋ-ସୁଗମ ପୋର୍ଟାଲରେ ରେଜିଷ୍ଟ୍ରେସନ କରିବା ବାଧ୍ୟତାମୂଳକ ବୋଲି ଜାମଦାର ବିଏଓ ଶୁଭଲକ୍ଷ୍ମୀ ଦାଶ ଚାଷୀମାନଙ୍କୁ ଅବଗତ କରାଇଥିଲେ । ବୈଠକରେ ମାଧବାନନ୍ଦ ଓଝା, ନିଶିକାନ୍ତ ଡୋଗ୍ରା, ବେଣୁଧର ମହାନ୍ତ, ସଂଜୟ କୁମାର ନନ୍ଦ, ମଳୟ କୁମାର ଗିରି, ହ୍ୟୁମାନ ଦାସ, ଦୁଲାଲ ସଂଗଠନର କର୍ମକର୍ତ୍ତା ଏବଂ ୟୁଏସ୍ଆଇ ରାଜ୍ୟ ସଂଯୋଜକ ଉପସ୍ଥିତ ଥିଲେ ।

# ଗୁଣପୁର ଠାରେ ଉପଖଣ୍ଡ-ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଯାପିତ

ଗୁଣପୁର, ୨୩/୧୧(ନି.ପ୍ର): ତିନି ଦିନ ଧରି ଚାଲିଥିବା ଉପଖଣ୍ଡ-ସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିନରେ ଗୁଣପୁର, ରାମନାଗୁଡା ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗ, ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଆଲୋକ ଆଚାର୍ଯ୍ୟ, କୃଷି ବୈଜ୍ଞାନିକ ନରମ ରାମୁ, କୃଷି ଜିଲ୍ଲା ଅଧିକାରୀ ବୃନ୍ଦାବନ ବେହେରା, ଜରୁଷି ଶିଳ୍ପ ନିଗମ ପରିଚାଳକ ସିଦ୍ଧାର୍ଥ ଶେଖର ସ୍ୱାଇଁ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର ସଭାପତିତ୍ୱ କରିଥିଲେ । ପ୍ରଦର୍ଶନୀରେ କୃଷି ବିଭାଗର ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶିତ କରିବା ସହ କାର୍ଯ୍ୟକାରିତା ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଥିଲା । ଉଦଯାପନୀ ଅବସରରେ ଉପଖଣ୍ଡର ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଚାଷ ଓ କୃଷି ଯନ୍ତ୍ରପାତର ବ୍ୟବହାର ସମ୍ବନ୍ଧରେ ଚାଷି ମାନଙ୍କୁ ଅତିଥି ମାନେ ବୁଝାଇଥିଲେ । ବିଭିନ୍ନ ପ୍ରକାର ଚାଷ କରି ସ୍ୱାବଲମ୍ବୀ ହୋଇ ପାରିଥିବା ଚାଷୀଙ୍କୁ ଏହି ଉତ୍ସବରେ ସମ୍ମାନିତ କରାଯାଇଥିଲା । ବାରିକ ନିମାଲୁ, କେ ରାମରାଓ, ଶଙ୍କର ମିଶ୍ର, ରମେଶ ଚୌଧୁରୀ, ମନୋରଞ୍ଜନ ମହାନ୍ତି, ବୁଡା ଶବର, ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଚାଷୀଙ୍କ ମେରୁଦଣ୍ଡ ଉନ୍ନତ କରିବା ସହ ଗ୍ରାମାଞ୍ଚଳରେ ପହଁଚି ଚାଷୀଙ୍କୁ ଆହୁରି ପ୍ରଶିକ୍ଷଣ ପ୍ରଦାନ କରିବା ସହ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ତୃତୀୟ ଦିବସରେ ଟ୍ରାକ୍ଟର, ବହୁ କୃଷି ଯନ୍ତ୍ରପାତି ବିକ୍ରୟ ହୋଇଥିଲା । ଭାଗ୍ୟଶ୍ରୀ ମଲ୍ଲିକ, ଅକ୍ଷୟ କୁମାର ପଣ୍ଡା, ଉତ୍ତମ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କୁନିକୁନି ପିଲା ମାନଙ୍କ ସୁନ୍ଦର ନୃତ୍ୟରେ ପରିବେଶ କମ୍ପି ଉଠିଥିଲା । ନୃତ୍ୟଶିଳ୍ପୀ ମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ବିଷମକଟକ ଗୋଷ୍ଠୀ କୃଷି ଅଧିକାରୀ ରାହୁଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




## ଜାମଦା ସରସ୍ୱତୀ ଶିଶୁମନ୍ଦିରରେ ୨୮ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ



ମୟୂରଭଞ୍ଜ, ୨୩/୧୧(ନି.ପ୍ର): ବାମନଘାଟୀ ଉପଖଣ୍ଡସ୍ଥ ଜାମଦା ସରସ୍ୱତୀ ଶିଶୁ ମନ୍ଦିରରେ ୨୮ତମ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ସସ୍ମିତା ଟୁଡୁଙ୍କ ପୌରହିତ୍ୟରେ ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦୁଃଖହରଣ ପାତ୍ର ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ସସ୍ମିତା ଟୁଡୁ ଉଦଘାଟନ ମନ୍ତ୍ରଗାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବରେ ସମାଜସେବୀ ଲକ୍ଷ୍ମଣ ଟୁଡୁ ଉପସ୍ଥିତ ରହି କ୍ରୀଡ଼ାରେ ଯେଉଁମାନେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି ସେମାନଙ୍କ ନିମନ୍ତେ ଖେଳର ନିୟମ ସବୁ ଉପରେ ଆଲୋକପାତ କରିଥିଲେ । ଗୁରୁଜୀ ରାଜେନ୍ଦ୍ର ମହାନ୍ତ ଅତିଥି ପରିଚୟ ଦେଇଥିବା ବେଳେ ସୁଦର୍ଶନ ଗୁରୁଜୀ ଧ୍ୱଜାରୋହଣ କରିଥିଲେ । ବାର୍ଷିକ କ୍ରୀଡ଼ାରେ ଶିଶୁ ବର୍ଗର ଭାଇଭଉଣୀ ମାନଙ୍କର ୧୦୦ମି ଦୌଡ଼, ୨୦୦ମି ଦୌଡ଼, ୪୦୦ମି ଦୌଡ, ଲମ୍ବଡ଼ିଆଁ, ଉଚ୍ଚଡିଆଁ, ଗୋଳାଫିଙ୍ଗା ଏବଂ ବାଲବର୍ଗର ଭାଇଭଉଣୀ ମାନଙ୍କର ୧୦୦ମି, ୨୦୦ମି, ୪୦୦ମି, ୬୦୦ମି ଦୌଡ଼, ଲମ୍ବଡ଼ିଆଁ, ଉଚ୍ଚଡିଆଁ, ଗୋଳାଫିଙ୍ଗା, ଥାଳିଆଫିଙ୍ଗା ଆଦି ଖେଳକୁଦ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ନିରୁପମା ମଣ୍ଡଳ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ସମାରୋହର ବୃତ୍ତ-କଥନ ସୁଦର୍ଶନ ନାୟକ ପ୍ରଦାନ କରିଥିବା ବେଳେ ଶେଷରେ ଧ୍ୱଜାବତରଣ ମୁଖ୍ୟଅତିଥି କରିଥିଲେ ଏବଂ ଜଳୁଥିବା ମଶାଲକୁ କ୍ଷୀର ଅଭିଶେକ କରିବା ପୂର୍ବକ ବାର୍ଷିକ କ୍ରୀଡାକୁ ଉଦଯାପନ କରାଯାଇଥିଲା । ଉଦଯାପନୀ ଉତ୍ସବରେ ସମସ୍ତ ଗୁରୁଜୀ ଓ ଗୁରୁମା ଉପସ୍ଥିତ ଥିଲେ । ଶେଷରେ ପ୍ରଧାନାଚାର୍ଯ୍ୟା ସୁଶ୍ରୀ ସସ୍ମିତା ଟୁଡୁ ଉପସ୍ଥିତ ଅତିଥି, ଗୁରୁଜୀ, ଗୁରୁମା ଓ ବିଦ୍ୟାର୍ଥୀମାନଙ୍କୁ ଅପ୍ରମିତ ସାଧୁବାଦ ଜ୍ଞାପନ କରିଥିଲେ ।

## ଅନାସ୍ଥାରେ ପଦ ହରାଇଲେ ଆମ୍ବପୁଆ ସରପଞ୍ଚ

ବେଲଗୁଣ୍ଠା, ୨୩/୧୧(ନି.ପ୍ର): ସରକାର ବଦଳିବା ପରେ ବିଭିନ୍ନ ପଞ୍ଚାୟତ, ବ୍ଲକ,ଏନଏସିରେ ପଦପଦବୀ ମଣ୍ଡନ କରିଥିବା ସରପଞ୍ଚ, ଚେୟାରମ୍ୟାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେଉଛି । ଏହି କ୍ରମରେ ବେଲଗୁଣ୍ଠା ବ୍ଲକ ଆମ୍ବପୁଆ ପଞ୍ଚାୟତର ସରପଞ୍ଚ ନଳିନୀ ବେହେରାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଆଜି ନିର୍ବାଚନ ହୋଇଥିଲା । ପୁର୍ବ ନିର୍ଦ୍ଧାରିତ ସମୟାନୁସାରେ ଆଜି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଦିନ ୧୧ଟା ବେଳେ ଭୋଟ ଗ୍ରହଣ ହୋଇଥିଲା । ଏଥିରେ ୨୦ ଜଣ ଓ୍ୱାର୍ଡ ମେମ୍ବର ଉପସ୍ଥିତ ଥିଲେ । ଦିବା ୧୧.୪୫ରେ ଭୋଟ ବାକ୍ସ ଖୋଲା ଯାଇଥିଲା, ଏଥିରେ ଅନାସ୍ଥା ସପକ୍ଷରେ ୧୬ଟି ଭୋଟ ଯାଇଥିବା ବେଳେ ୪ଟି ଭୋଟ ଅନାସ୍ଥା ବିରୋଧରେ ଯାଇଥିଲା । ଯାହା ଫଳରେ କି ସରପଞ୍ଚ ଶ୍ରୀମତୀ ବେହେରା ଏକପ୍ରକାର ପଦ ହରାଇବା ସୁନିଶ୍ଚିତ ହୋଇଯାଇଛି । ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ପ୍ରିଜାଇଡିଂ ଅଧିକାରୀ ଭାବେ ଉପସ୍ଥିତ ଥିବା ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅମିତ ରଞ୍ଜନ ହୋତା, ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ ଓ ବେଲଗୁଣ୍ଠା ଥାନାଧିକାରୀ ବନବିହାରୀ ପ୍ରଧାନ ଉପସ୍ଥିତ ଥିବା ବେଳେ ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ ।

## ପୋଲସରା ଠାରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ଘୃତଯଜ୍ଞ ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ



ପୋଲସରା, ୨୩/୧୧(ନି.ପ୍ର):ଶ୍ରୀଜଗନ୍ନାଥ ସଂସ୍କୃତିକୁ ଉଜ୍ଜୀବିତ କରାଇବା ନିମନ୍ତେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପ୍ରବଚନ, ପରାୟଣ ଓ ପଞ୍ଚକୁଣ୍ଡିୟ ଘୃତଯଜ୍ଞ ଡିସେମ୍ବର ୮ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ୫ ରାତ୍ର ପାଇଁ ପୋଲସରା ଠାରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ପାଇଁ ନଭେମ୍ବର ୨୨ ତାରିଖ ଦିନ ପୋଲସରା କଲେଜ ଛକ ନିକଟରେ ଥିବା ପଡ଼ିଆରେ ବିଶିଷ୍ଟ ପଣ୍ଡିତ ତଥା ପ୍ରବଚକ ସୁବ୍ରତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶୁଭଖୁଣ୍ଟି ସ୍ଥାପନ ହୋଇଯାଇଛି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଶେଷ କୃପାପାଇଁ ପ୍ରଥମ ଥର ପାଇଁ ପୋଲସରାରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପ୍ରବଚନ ଓ ଘୃତଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି । ଆଧାତ୍ମିକ ଭାବର ଆଦାନପ୍ରଦାନ ସହ ଜଗନ୍ନାଥ ସଂସ୍କୃତିର ପ୍ରଚାର-ପ୍ରସାର ଓ ସମାଜର କଲ୍ୟାଣ ନିମନ୍ତେ ରାଷ୍ଟ୍ରୀୟ ଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଉପସ୍ଥିତ ରହି ଜଗତର କଲ୍ୟାଣ ନିମନ୍ତେ ପ୍ରବଚନ ପ୍ରଦାନ କରିବେ । ଏଥିସହ ଜଗନ୍ନାଥଙ୍କ ୨୪ ଗୋଟି ବେଶର ସୁସଜ୍ଜିତ ପ୍ରଦର୍ଶନୀ ମଧ୍ୟ କରାଯିବ, ଯାହାକୁ ନେଇ ଶ୍ରୀମନ୍ଦିରର ଲାଗି ପତିତପାବନଙ୍କୁ ପୋଲସରା ଜଗନ୍ନାଥସାହି ସ୍ଥିତ ଦଧିବାମନ ମନ୍ଦିରରେ ପୂଜାର୍ଚ୍ଚନା ସହ ଆଜ୍ଞାମାଳକୁ ନଗର ପରିକ୍ରମା କରାଯାଇଥିଲା । ଏହି ପବିତ୍ର ଶୁଭଖୁଣ୍ଟି ସ୍ଥାପନ ଉତ୍ସବରେ ସଂଘର ସଭାପତି ଶିଶିର କୁମାର ରଥ, ଉପସଭାପତି ଯଜ୍ଞ ନାରାୟଣ ସାହୁ, ସଂପାଦକ ରବି ନାରାୟଣ ପୃଷ୍ଟି, ସହ ସଂପାଦକ ପ୍ରେମଚାନ୍ଦ ସାହୁ, କୋଷାଧ୍ୟକ୍ଷ ପ୍ରଭାକର ସାହୁ, ପ୍ରଣବ କୁମାର ତ୍ରିପାଠୀ, ନର୍ମଦା ପାତ୍ର, ଝୁନୁ ପାତ୍ର, ବବିତା ବେହେରା, ମନୋଜ କୁମାର ଘଡେଇ, ଜ୍ୟୋତି ରଞ୍ଜନ ଆଚାରୀ, ଲୋକନାଥ ପାତ୍ର, ଆଦିକନ୍ଦ ସାହୁ ପ୍ରମୁଖଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

## ଶୋକାକୂଳ ପରିବେଶରେ ରୋହିତଙ୍କ ଶେଷକୃତ୍ୟ ସମ୍ପନ୍ନ

ନିଶ୍ଚିନ୍ତକୋଇଲି, ୨୩/୧୧(ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ପ୍ରାକ୍ତନ ସଂପାଦକ ପ୍ରଦୀପ୍ତ କୁମାର ଦାସଙ୍କ ଏକମାତ୍ର ପୁତ୍ର ରୋହିତ ଦାସ (୧୪)ଙ୍କ ବିୟୋଗ ଘଟିଛି । ସେ କିଛି ଦିନ ହେବ ଜଟିଳ ରୋଗରେ ରୋଗାକ୍ରାନ୍ତ ହୋଇ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧିନ ଅବସ୍ଥାରେ ରୋହିତଙ୍କ ମୃତ୍ୟୁ ହୋଇଛି । ତାଙ୍କ ମର ଶରୀରକୁ ପୈତୃକ ଗ୍ରାମ ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ପଂଚାୟତ ଦାମୋଦରପୁରସ୍ଥିତ ବାସଭବନକୁ ଅଣାଯାଇ ଏକ ଶୋକାକୂଳ ପରିବେଶ ଭିତରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ରୋହିତଙ୍କ ବିୟୋଗରେ ଉଭୟ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମର ଶରୀର ନିଜ ଗାଁକୁ ଆସିବା ପରେ କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ.ସିଦ୍ଧାର୍ଥସ୍ୱରୂପ ଦାଶ, କଟକ ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ମାନସ ରଂଜନ ଚୌଧୁରୀ, କଂଗ୍ରେସ ନେତା ସେକ୍ ? ମାସୁଦ୍ ? ଅଲୀ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା, ନିଶ୍ଚିନ୍ତକୋଇଲି ବ୍ଲକ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଶେଷଦେବ ସ୍ୱାଇଁ, ସରପଂଚ ହିଂମାଂଶୁ ନାରାୟଣ ମଲ୍ଲ, ଦିଲ୍ଲୀପ ରାଉତ, ସଞ୍ଜୟ ବେହେରା, ଅମୀୟ ରଂଜନ ବିଶ୍ୱାଳ, ସତ୍ୟାନନ୍ଦ ବିଶ୍ୱାଳ, ପିତାମ୍ବର ମହାନ୍ତି, ଅକ୍ଷୟ କୁମାର ସାହୁ, ଦୀପକ ବେହେରା, ଯୁବ ସାମ୍ବାଦିକ ପ୍ରସନ୍ନ କୁମାର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍ ?ଗତି କାମନା କରିଥିଲେ । ଖବର ପାଇ ପୂର୍ବତନ ମନ୍ତ୍ରୀ ମାହାଙ୍ଗା ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ସ୍ୱର୍ଗତ ରୋହିତଙ୍କ ବାସଭବନରେ ପହଞ୍ଚ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିବା ସହ ରୋହିତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ବାଣପୁରରେ ବ୍ଲକ-ସ୍ତରୀୟ 'ବର୍ଣାଳୀ' ପ୍ରଶିକ୍ଷଣ ଶିବିର ଉଦଯାପିତ



ବାଣପୁର, ୨୩/୧୧(ନି.ପ୍ର): ବାଣପୁର ବ୍ଲକ୍ ଅଧିନସ୍ଥ ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ତିନି ଦିନିଆ ପ୍ରଶିକ୍ଷଣ ଶିବିର 'ବର୍ଣାଳୀ' ଉଦଯାପିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ବାଣପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ ଆୟୋଜିତ ହୋଇଥିଲା । ଏହି ବ୍ଲକ-ସ୍ତରୀୟ ପ୍ରଶିକ୍ଷଣ ଶିବିରରେ ୫୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାମାଜିକ ଲିଙ୍ଗ ଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗୀକରଣ ସଂପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ସମ୍ବଳ ଶିକ୍ଷକ ତଥା ରିସୋର୍ସ ପର୍ସନ ସନ୍ତୋଷ କୁମାର ଷଡଙ୍ଗୀ, ସୁଶାନ୍ତ କୁମାର ରଥ, ବିଶ୍ୱରଞ୍ଜିତା ପ୍ରଧାନ ଓ ଜୋସ୍ନାମୟୀ ଜେନା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବ୍ଲକ୍ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ସି.ଏଚ୍.ବିଜୟାଲକ୍ଷ୍ମୀ, ବିଆରସିସି ପ୍ରଭାତ କୁମାର ସେଠୀ ଓ ପ୍ରଶିକ୍ଷଣ ଚାଲିଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ବେହେରା ଶିବିରରେ ଯୋଗଦାନ କରି ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରଶିକ୍ଷଣର ଉଦ୍ଦେଶ୍ୟ କିପରି ଭାବେ ବିଦ୍ୟାଳୟ ମାନଙ୍କରେ ପ୍ରତିଫଳିତ ହେବ ସେଥିପାଇଁ ସମସ୍ତେ ଚେଷ୍ଟିତ ହେବାସହ ପୁଅ ଝିଅ ମଧ୍ୟରେ ସାମାଜିକ ଲିଙ୍ଗ ବିଭେଦତା ନରଖି ସମସ୍ତଙ୍କୁ ଏକାଠି ନେଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏକ ସୁସ୍ଥ ସମାଜ ଗଠନରେ ନାରୀ ଓ ପୁରୁଷର ସମାନ ଅବଦାନ ରହିଥାଏ, ବିଦ୍ୟାଳୟରୁ ହିଁ ପିଲାମାନେ ଏହି ଧାରଣା ନେଇ ବଢିଲେ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ । ପରିଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ସାମାଜିକ ନାଟକ 'ଲୁହରେ ଲେଖା ମୋ କପାଳ ରେଖା' ମଞ୍ଚସ୍ଥ



ପୋଲସରା, ୨୩/୧୧(ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଲସରା ବ୍ଲକର ଚିରିକିପଡ଼ା ଶାସନ ଗ୍ରାମରେ ଶ୍ରୀ ଶ୍ରୀ ଶ୍ରୀ ବାବା ବାଲୁଙ୍କେଶ୍ୱର ନାଟ୍ୟ ସଂସଦର ଦ୍ୱିତୀୟ ଅବଦାନରେ 'ଲୁହରେ ଲେଖା ମୋ କପାଳ ରେଖା' ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି । ଚିରିକିପଡା ଶାସନ ଗ୍ରାମବାସୀବୃନ୍ଦଙ୍କ ଦ୍ୱାରା ଅନୁଷ୍ଠିତ ନାଟକକୁ ସମାଜସେବୀ ଡକ୍ଟର ରଞ୍ଜିତା କୁମାରୀ ସାହୁ ଉଦଘାଟନ କରିଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ପୂର୍ବତନ ପୋଲସରା ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଯୋଗ ଦେଇ କଳାକାର ମାନଙ୍କୁ ଉତ୍ସାହିତ କରିବା ସହ ନାଟକର ଭଲ ଜିନିଷକୁ ଗ୍ରହଣ କରିବା ଏବଂ ଭାଇଚାରା ସୃଷ୍ଟି କରି ଆନନ୍ଦର ସହକାରେ ନାଟକଟିକୁ ଦେଖିବା ପାଇଁ ନିବେଦନ କରିଥିଲେ । ଏହାସହିତ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା, ଜିଲ୍ଲା ପରିଷଦ ମେମ୍ବର ଅଶୋକ ବିଷୋୟୀ ଓ ଝୁନୁ ଦାସ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ରନାଥ ପ୍ରଧାନ, ଦୀପିକା ବାରିକ, କେ ସନ୍ତୋଷ ପାତ୍ର, ବିଜୟ ଭୂୟାଁ, ଉତ୍କଳ ପ୍ରଧାନ, ସମୀର ଭୂୟାଁ, ପବିତ୍ର ରାଉତ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଉପସ୍ଥିତ ଥିଲେ । ନିର୍ଦ୍ଦେଶକ ସୁଶାନ୍ତ କୁମାର ସାହୁଙ୍କ ଅତି ଉଚ୍ଚକୋଟୀର ନିର୍ଦ୍ଦେଶନା ଦ୍ୱାରା କଳାକାରମାନେ ଅତି ସୁନ୍ଦର ଅଭିନୟ କରି ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ । ଅତିଥି ବୃନ୍ଦ ନିର୍ଦ୍ଦେଶକ ସୁଶାନ୍ତ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ବାଲୁଙ୍କେଶ୍ୱର ନାଟ୍ୟ ସଂସଦର ସମସ୍ତ ଯୁବକ ଓ ଚିରିକିପଡା ଶାସନ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।

# ବିଭାଗୀୟ ତାଳମେଳ ଅଭାବରୁ ଅଣଦେଖା ହେଉଛି ଖଡିକାଝୋଡ଼ି ପର୍ଯ୍ୟଟନସ୍ଥଳୀ

- ପୁନଃରୁଦ୍ଧାର ନାମରେ କୁମ୍ଭୀର କାନ୍ଦଣା କାନ୍ଦୁଛି ଦୁଇ ବିଭାଗ
- ଟେଣ୍ଡର ପ୍ରକ୍ରିୟା ପୁର୍ବରୁ ବନ ବିଭାଗରୁ କାହିଁକି ଅନୁମତି ଅଣିଲେନି ବ୍ଲକ୍ ପ୍ରଶାସନ



ମାଲକାନଗିରି,୨୩/୧୧: ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ମାଲକାନଗିରି ଜିଲ୍ଲା। ବଣ,ପାହାଡ଼,ଝରଣା ଏବଂ ପ୍ରାକୃତିକ ପରିବେଶ ପାଇଁ ସଦାସର୍ବଦା ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ଏହି ମାଲକାନଗିରି ଜିଲ୍ଲାର ଅନ୍ୟତମ ମନୋରମ ସ୍ଥାନ ହେଉଛି ସ୍ଥାନୀୟ ଖଡ଼ିକାଝୁଡ଼ି।ଏଠାରେ କଳ କଳ ଶବ୍ଦ କରି ବହି ଯାଇଛି ସୁଦୀର୍ଘ ଝରଣା ଆଉ ତା ସାଙ୍ଗକୁ ରାସ୍ତାର ଦୁଇ ପାର୍ଶ୍ୱରେ ଘଞ୍ଚ ଜଙ୍ଗଲ। ସଦାସର୍ବଦା ଜିଲ୍ଲାବାସୀଙ୍କୁ ତଥା ବାହାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥାଏ ଏହି ଖଡିକାଝୁଡି ପର୍ଯ୍ୟଟନ ସ୍ଥଳୀ। ପ୍ରତି ବର୍ଷ ହଜାର ହଜାର ପର୍ଯ୍ୟଟକ ଏଠାରେ ବଣଭୋଜି କରିବା ପାଇଁ ଆସିଥାନ୍ତି। ହେଲେ ବିଗତ ଦୁଇ ବର୍ଷ ହେବ ଏହି ଖଡିକାଝୁଡି ପର୍ଯ୍ୟଟନ ସ୍ଥଳୀଟି ସମ୍ପୂର୍ଣ୍ଣ ଭାବେ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଅନୁମେୟ ହେଉଛି।ଅଳିଆ ଆବର୍ଜ୍ଜନାରେ ପରିପୂର୍ଣ୍ଣ ହେବା ସହ ଅବହେଳିତ ଅବସ୍ଥାରେ ପଡ଼ିରହିଛି।ଆଗକୁ ଆସୁଛି ନୂଆ ବର୍ଷ, ଶହ ଶହ ଲୋକ ଏଠାରେ ଭୋଜିଭାତ କରିବା ସହ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ପ୍ରକୃତିର କୋଳରେ କଟେଇ ଥାନ୍ତି। ମାଲକାନଗିରି ଜିଲ୍ଲାରେ ଅବସର ବିନୋଦନ ପାଇଁ କୌଣସି ସାଧନ ନାହିଁ କି ଅଧିକାଂଶ ଲୋକଙ୍କ ପାଖରେ ସେତିକି ସମ୍ବଳ ନାହିଁ ଯେ କୌଣସି ଏକ ଦୂର ସ୍ଥାନକୁ ଯାଇ ବୁଲି ଆସିବେ। ଏଥିପାଇଁ ଖଡିକାଝୁଡି ଭଳି ଛୋଟ ଛୋଟ ପ୍ରାକୃତିକ ସ୍ଥାନ ସ୍ଥାନୀୟ ଲୋକଙ୍କ ପାଇଁ ଅତି ପ୍ରୀୟ।ଜିଲ୍ଲାରେ ଏପରି ବହୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସ୍ଥାନ ଏବଂ ଜଳପ୍ରପାତ ରହିଛି ଯାହା ଏବେ ବି ଲୁକ୍କାୟିତ ଅବସ୍ଥାରେ ରହିଛି । ତନ୍ମଧ୍ୟରୁ କୋରୁକୋଣ୍ଡା ବ୍ଲକ ବାଲିମେଳା ଛକ ନିକଟସ୍ଥ ଖଡ଼ିକାଝୁଡି ଅଧିକ ଲୋକପ୍ରିୟ। ଖଡିକାଝୁଡି ମାଲକାନଗିରି ଜିଲ୍ଲା ବାଲିମେଳା ଛକରୁ ନାକାମାମୁଡ଼ିକୁ ଯୋଗାଯୋଗ କରୁଥିବା ମୁଖ୍ୟରାସ୍ତା କଡ଼ରେ ରହିଛି ସତ, କିନ୍ତୁ ଏଯାଏଁ ପ୍ରଶାସନର ନଜରକୁ ଆସିନାହିଁ। ବିଗତ ଦିନରେ ସେଠାରେ ବନ ବିଭାଗ ପକ୍ଷରୁ ବଣଭୋଜି ପାଇଁ କେତୋଟି ପିଣ୍ଡି ଆଉ ପାଣିର ବ୍ୟବସ୍ଥା କରାଯାଇଥିଲା। ତାହା ସେସବୁ ଏବେ ଭାଙ୍ଗିରୁଜି ଯାଇଥିବା ବେଳେ ଉଭୟ ପାର୍ଶ୍ୱରେ ଥିବା ଭୋଜି ସ୍ଥଳ ଅବହେଳିତ ହୋଇପଡିଛି। ତେବେ ବର୍ତ୍ତମାନ ଶୀତ ଋତୁ ଆସିଗଲାଣି , ଆଉ ଦିନ କେଇଟା ପରେ ଏଠାରେ ଭିଡ଼ ଜମିବା ଆରମ୍ଭ ହୋଇଯିବ।ମାଲକାନଗିରି ସଦର ଏବଂ ବାଲିମେଳାଠାରୁ ଆରମ୍ଭ କରି ଜିଲ୍ଲାର କୋଣ ଅନୁକୋଣରୁ ଏଠାକୁ ଛାଡଖାଇରେ ବଣଭୋଜି କରିବା ନିମନ୍ତେ ଲୋକେ ଆସିଥିଲେ କିନ୍ତୁ ରୋଷେଇ କରିବା ଏବଂ ବସି ଖାଇବାର କୌଣସି ସୁବିଧା ନଥିବାରୁ ଲୋକମାନେ ପଥର ଉପରେ ହିଁ ବସି ଖାଇଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଲୋକମାନେ ଫେରିଥିବା ଜଣାପଡିଛି। ଏଠାରେ ଏକ ଛୋଟ ଜଳପ୍ରପାତଟି ରାସ୍ତା ଠାରୁ କିଛି ଦୂରରେ ରହିଛି କିନ୍ତୁ କେବଳ ବଡ଼ ବଡ଼ ପଥର ଭରି ହୋଇରହିଛି। ଯାହାଫଳରେ ଲୋକେ ଜଳପ୍ରପାତ ନିକଟକୁ ଯାଇପାରୁ ନଥିବା କହିଛନ୍ତି। ବନ ବିଭାଗ ଗତ ୬ ବର୍ଷ ତଳେ କିଛି ସିମେଣ୍ଟ ପିଣ୍ଡି କରିଥିଲା ଯାହାର ରକ୍ଷଣା ବେକ୍ଷଣ ଅଭାବରୁ ତାହା ବି ଭାଙ୍ଗିରୁଜି ନଷ୍ଟ ହୋଇ ଗଲାଣି। ତେବେ ଗତ କିଛି ବର୍ଷ ପୂର୍ବରୁ ଏହା କ୍ଷତିଗ୍ରସ୍ତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ବନ ବିଭାଗ ଆଉ ତାର ପୁନରୁଦ୍ଧାର ଦିଗରେ ଦୃଷ୍ଟି ଦେଇନାହିଁ।

ଯାହାଫଳରେ ଏଠାକୁ ବଣଭୋଜି କରିବାକୁ ଆସୁଥିବା ପର୍ଯ୍ୟଟକ ମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ବନ ବିଭାଗର ଉନ୍ନତିକରଣ କାର୍ଯ୍ୟ ନିମନ୍ତେ କୋଟି କୋଟି ଟଙ୍କା ଆସୁଥିଲେ ମଧ ଏଠାରେ ଖର୍ଚ୍ଚ କରାଯାଉନାହିଁ । ବ୍ଲକ ତରଫରୁ ୨୦୨୨ ମଇ ୬ ତାରିଖ ରେ ଖଡ଼ିକାଝୋଡ଼ି ଠାରେ ଏକ ଗୃହର ନିର୍ମାଣ ନିମନ୍ତେ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା କିନ୍ତୁ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ନ ମିଳିବାରୁ ଗୃହଟି ଅନ୍ୟତ୍ର କରାଯାଇଥିବା କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ମହାନ୍ତି କହିଛନ୍ତି।ବନ ବିଭାଗ ଅନୁମତି ଦେଲେ ଆମେ ଚଳିତ ବର୍ଷ ମଧ ପ୍ରସ୍ତୁତ ଅଛୁ ଖଡିକାଝୁଡି ଠାରେ ଏକ ଗୃହର ନିର୍ମାଣ କରିପାରିବୁ। ସେହିପରି ବାଲିମେଳା ବନାଞ୍ଚଳ ଅଧିକାରୀ ଲିସମିତା କହଁରଙ୍କୁ ପଚାରିବାରୁ ମୋ ଆସିବା ପୂର୍ବରୁ ଯାହା ସବୁ କାର୍ଯ୍ୟ ହୋଇଥିଲା। ସେ ସବୁ ଗୁଡ଼ିକୁ ଆମେ ଏବେ ପର୍ଯ୍ୟାୟ କ୍ରମେ କାର୍ଯ୍ୟ କରୁଛୁ।ଖଡିକାଝୁଡିକୁ ମଧ ପୁନରୁଦ୍ଧାର କରାଯିବ ବୋଲି କହିଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ୍ୟୁ

### ଅନ୍ୟ ଜଣଙ୍କ ଲାଇନ ସଜାଡ଼ିବାକୁ ଯାଇ ନିଜର ଜୀବନ ହାରିଲେ

ବୌଦ୍ଧ,୨୩/୧୧: ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଆଡ଼େନିଗଡ଼ ଫାଣ୍ଡି ଅନ୍ତର୍ଗତ ଗଣ୍ଡାପାଜୁ ଗ୍ରାମର ଜଣେ ଯୁବକ ସୋମବାର ସନ୍ଧ୍ୟା ରେ ଜୀବନ୍ତ ବିଦ୍ୟୁତ ତାର ସଂସ୍ପସରେ ଆସି ମୃତ୍ୟୁ ବରଣ ହୋଇଥିବା ଭଳି ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ସୂଚନା ମତେ ଗ୍ରାମର ସେବତୀ ବିନ୍ଧାଣି ଙ୍କ ନିଜଘର ଲାଇନ ସମସ୍ୟା ଥିବାରୁ ଉକ୍ତ ଗ୍ରାମର ପତିତପାବନ କହଁର (୨୫) ଙ୍କୁ ଡାକି ଲାଇନ ସଜାଡ଼ିବାକୁ କହିଥିଲେ । ଯୁବକ ଜଣଙ୍କ ପାଖରେ ଥିବା ବିଦ୍ୟୁତ ଖୁଣ୍ଟ କୁ ଚଢି ବିଦ୍ୟୁତ ସଜାଡୁ ଥିବା ବେଳେ କୌଣସି ଅସାବଧାନତା ହେତୁ ବିଦ୍ୟୁତ ତାର ସଂସ୍ପଶ ରେ ଆସିଯାଇଥିଲେ ଯୁବକ ଜଣଙ୍କ ବିଦ୍ୟୁତ ତାର ରେ କିଛି ସମୟ ଲଟକିବା ପରେ ତଳେ ପଡ଼ିଯାଇଥିବା ଜଣାପଡ଼ିଛି । ତୁରନ୍ତ ଗୁରୁତର ଭାବେ ଯୁବକ ଜଣଙ୍କ ଆଡ଼େନିଗଡ଼ ମେଡିକାଲ ଆଣିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏଭଳି ଏକ ଦୁଃଖଦ ଘଟଣା ଦେଖା ଯାଇଥିବା ବେଳେ ଆଡ଼େନିଗଡ଼ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

## ନିରଂଜନ ମହିଳା ମହାବିଦ୍ୟାଳୟ ଠାରେ ଆତ୍ମ ରକ୍ଷା କୌଶଳ ଶିବିର ଉଦଯାପିତ

ଆସିକା, ୨୩/୧୧: ଆସିକା ସରକାରୀ ନିରଂଜନ ମହିଳା ବିଦ୍ୟାଳୟ ଠାରେ +୩ ଦ୍ୱିତୀୟ ବର୍ଷର କଳା ଛାତ୍ରୀ ମାନଙ୍କୁ ନେଇ ଦୀର୍ଘ ୨୦ଦିନ ଧରି ଚାଲିଥିବା ଆତ୍ମ ରକ୍ଷା କୌଶଳ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ କଲେଜ ର ଅଧକ୍ଷ ଗଣେଶ୍ୱେର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ସାମ୍ପ୍ରତିକ ସମାଜରେ ମହିଳା ମାନେ ନିଜେ ନିଜର ସୁରକ୍ଷା, ଆତ୍ମ ରକ୍ଷା ସହିତ ପୁରୁଷ ମାନଙ୍କ ସହିତ ସମକକ୍ଷ ହେବା ନିମନ୍ତେ ଏହି କୌଶଳ ନିତ୍ୟାନ୍ତ ଜରୁରୀ ବୋଲି ଅତିଥି ମାନେ ମତ ରଖିଥିଲେ । ଆତ୍ମ ରକ୍ଷା ଉପରେ ବିଦ୍ୟାର୍ଥୀ ମାନେ ଏକ ନାଟକ ପରିବେଷଣ କରିଥିଲେ । ଡ଼.ଲକ୍ଷ୍ମଣ କୁମାର ସୋରେନ,ଡ଼. ଜୟପ୍ରଦା ମହାପାତ୍ର, ଡ଼.ସରୋଜ କୁମାର ଜେନା, ଡ଼. କେ.ଓମ ନାରାୟଣ ରାଓ, ଡ଼.ଲୀଳା ଲିଲିଆନ, ଡ଼.ଜଶଶ୍ରୀ ମଲ୍ଲିକ,ଅଧାପକ ସୁଶୀଳ କୁମାର ଆଚାର୍ଯ୍ୟ, ଚାନ୍ଦିନୀ ସେଠି, ଡ଼.ଉର୍ମିଳା ମୁଦୁଲି, ସୁପ୍ରିୟା ଦାସ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଲିଜା ସେଠି ସଂଗୀତା ନାହାକ ପ୍ରଦାନ କରିଥିଲେ ।

## କେସିଙ୍ଗା ବ୍ଲକ ଅଧକ୍ଷ ପଦ ବଜାୟ ରଖିଲେ ଅଧକ୍ଷ ଚନ୍ଦନ ସେନାପତି

### ବିରୋଧୀଙ୍କ ଛତ୍ରଭଙ୍ଗ, ଆସିଲେନି ଅନାସ୍ଥା ପ୍ରସ୍ତାବକୁ କାଟ ଖାଇଲା ଅନାସ୍ଥା ପ୍ରସ୍ତାବ



କେସିଙ୍ଗା,୨୩/୧୧: କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ରେ ଦୀର୍ଘ ଦୁଇମାସରୁ ଚାଲିଥିବା ହାଇ ଡ୍ରାମାର ଅନ୍ତ ଘଟିଛି ନିଜ ଅଧକ୍ଷ ପଦ ବଜାୟ ରଖିପାରି ବ୍ଲକ ଅଧକ୍ଷ ଚନ୍ଦନ କୁମାର ସେନାପତି । ମାନ୍ୟବର ଉଚ୍ଚ ନ୍ୟାୟାଳୟ ର ଆଦେଶ କ୍ରମେ ଫଳାଫଳ ସ୍ଥଗିତ ରଖିବା ପାଇଁ ଆଦେଶ ଥିଲେ ମଧ ଅନାସ୍ଥା ପ୍ରସ୍ତାବ ଆଣିଥିବା ଗୋଷ୍ଠୀ ଙ୍କ ଅନୁପସ୍ଥିତି ଚନ୍ଦନ ଙ୍କ ବିଜୟକୁ ସୁନିଶ୍ଚିତ କରିଛି ଗତ ଅକ୍ଟୋବର ୪ ତାରିଖ ଦିନ କେସିଙ୍ଗା ଉପାଧକ୍ଷ ରାଜ ଲକ୍ଷ୍ମୀ ପଟ୍ଟନାୟକ ଙ୍କ ନେତୃତ୍ୱରେ ପାଖାପାଖି ଜଣ ୩୪ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ବ୍ଲକ ଅଧକ୍ଷ ଙ୍କ ବିରୋଧରେ ଉପଜିଲ୍ଲାପାଳ ଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ । ଏହାକୁ ଭିତ୍ତିକରି ପ୍ରଶାସନ ତରଫରୁ ନଭେମ୍ବର ୧ ତାରିଖ ଦିନ ଅନାସ୍ଥା ପ୍ରସ୍ତାବ ପାଇଁ ଧାର୍ଯ୍ୟ କରାଯାଇଥିଲା ତେବେ ୧ ତାରିଖ ଦିନ ନିର୍ବାଚନ ଦାଇତ୍ୱରେ ଥିବା ନିର୍ବାଚନ ଅଧିକାରୀ ନିଜ ପତ୍ନୀ ର ଅସୁସ୍ଥତା ଦର୍ଶାଇ ବୈଠକକୁ ଆସି ନ ଥିଲେ ଫଳରେ ଉକ୍ତ ବୈଠକକୁ ସ୍ଥଗିତ ରଖିଥିଲେ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ପୁଣି ଏକ ବିଜ୍ଞପ୍ତି ପ୍ରକାଶ କରି ନଭେମ୍ବର ୧୮ ତାରିଖରେ ଅନାସ୍ଥା ପ୍ରସ୍ତାବ ତାରିଖ ଧାର୍ଯ୍ୟ ହୋଇଥିଲ । ସେହି ମର୍ମରେ ଜିଲ୍ଲା ପ୍ରଶାସନ ର ଆଦେଶ କ୍ରମେ ଆଜି ନିର୍ବାଚନ ଅଧିକାରୀ ଭାବରେ ଦାଇତ୍ୱ ତୁଲାଇ ଥିଲେ ସ୍ଥାନୀୟ ତହସିଲଦାର ପ୍ରଶାନ୍ତି ପ୍ରଧାନ ଓ ମାଜିଷ୍ଟ୍ରେଟ ଭାବରେ ଦାଇତ୍ୱ ତୁଲାଇ ଥିଲେ ଅତିରିକ୍ତ ତହସିଲଦାର ବେଣୁଧର ବିଭାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବରେ ଭାରପ୍ରାପ୍ତ ଉପଖଣ୍ଡ ପଞ୍ଚାୟତ ଅଧିକାରୀ ବିଘ୍ନ ମହାପାତ୍ର । ଯେପରି କୌଣସି ବିଶୃଙ୍ଖଳା ସୃଷ୍ଟି ନହୁଏ ସେଥିପାଇଁ ପୁଲିସ ପକ୍ଷରୁ କଡା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ! ତେବେ ବିରୋଧୀ ଗୋଷ୍ଠୀଙ୍କ ପକ୍ଷରୁ କୌଣସି ସଭ୍ୟ ସଭ୍ୟା ବୈଠକ କୁ ଆସିନଥିବାରୁ କେସିଙ୍ଗା ବ୍ଲକ ଅଧକ୍ଷ ଙ୍କ ଏକ ତରଫା ବିଜୟ ଭାବେ ଧରିନିଆଯାଇଛି ଫଳରେ କେସିଙ୍ଗା ବ୍ଲକ ରେ ଦୁଇମାସ ରୁ ଉର୍ଦ୍ଧ ଚାଲିଥିବା ପୋଲିଟିକାଲ ଡ୍ରାମାର ଅନ୍ତ ଘଟିଛି ! ତେବେ କେସିଙ୍ଗା ବ୍ଲକରେ ଗତ ଦୁଇମାସରୁ ଚାଲିଥିବା ଅଚଳାବସ୍ଥା ଯୋଗୁଁ ଲୋକେ ଅସୁବିଧା ସମ୍ମୁଖୀନ ହୋଇଛନ୍ତି ଆଗାମୀ ଦିନରେ ନିର୍ବାଚିତ ପ୍ରତିନିଧି ମାନେ ଏହାର ପ୍ରତିଫଳନ ସାମ୍ନା କରିବେ ବୋଲି ବୋଲି ବୁଦ୍ଧିଯିବି ମହଲରେ ଆଲୋଚନା ହେଉଛି ।

## ଜିଲ୍ଲାପରିଷଦଙ୍କ ସାମ୍ବାଦିକ ସମ୍ମିଳନୀ

ହାଟଡିହି ୨୩/୧୧:କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ୩୪ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ତଥା ଜିଲ୍ଲାପରିଷଦ ଉପାଧକ୍ଷ ସୋମନାଥ ଦାସ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ।ତାଙ୍କ ନାମରେ ସୋସୋ ଥାନାରେ ରୁଜୁ ହୋଇଥିବା ମାମଲା ଉଦେଶ୍ୟ ପ୍ରଣମିତ,ଭିତ୍ତିହୀନ ଓ କାଳ୍ପନିକ ବୋଲି କହିଛନ୍ତି। ସୋମନାଥ ଦାସ ଏବଂ ତାଙ୍କ ସହଧର୍ମିଣୀ ଘଟଣା ଘଟିଥିବା ସମୟରେ ଘରେ ଥିବା ବେଳେ ଘଟଣା ଘଟିଥିବା ଜାଗାକୁ ଯାଇନଥିବା ବେଳେ ତାଙ୍କ ନାମରେ ରାଜନୈତିକ ଆକ୍ରୋଶ କରାଯାଇ ମିଥ୍ୟା ଅଭିଯୋଗ ଆଣିଥିବା କହିଛନ୍ତି ଜିଲ୍ଲାପରିଷଦ ସଦସ୍ୟ ସୋମନାଥ ଦାସ। ଅଭିଯୋଗ କାରିଙ୍କ ଝିଅ ବିଦ୍ୟାଳୟରେ ଆଘାତ ହୋଇଥିବା ବେଳେ ଏହି କେଶ ରେ ତାକୁ ରୂପରେଖ ଦିଆଯାଇଥିବା ମଧ କହିଛନ୍ତି। ଏହି ଘଟଣାରେ ପୋଲିସ ତଦନ୍ତ କଲେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ।ପୋଲିସକୁ ତଦନ୍ତ କରିବା ପାଇଁ ସେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ କହିଛନ୍ତି।

## ଦିଲ୍ଲୀରେ ସମ୍ମାନୀତ ହେବେ ଓଡ଼ିଆ ସାମ୍ବାଦିକ

### ସାମ୍ବାଦିକତା ପ୍ରତି ନିଜର ଅବଦାନ ପାଇଁ ସମ୍ମାନୀତ ହେବେ ରିପୋର୍ଟରସ ଟୁଡେ ର ସମ୍ପାଦକ ସୁର୍ଜିତ ଧଳ

ଭୁବନେଶ୍ୱର ; ରାଜ୍ୟ ଏବଂ ଦେଶରେ ଅନେକ ସଂଖ୍ୟାରେ ସାମ୍ବାଦିକ ମାନେ ନିଜ ନିଜର କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇ କାମ କରୁଛନ୍ତି । କେତେ ବେଳେ ସାଧୁତା ମିଳୁଛି ତ କେତେବେଳେ ସରକାରୀ କଳ କବ୍ଜାର ଚାପ । ଅନେକ ସମୟରେ ବହୁ ବଡ଼ ବଡ଼ ସାମ୍ବାଦିକ ମାନଙ୍କୁ ମିଛ ମାମଲାରେ ଜେଲ ମଧ ଜିବାକୁ ପଡିଛି । କିନ୍ତୁ ସ୍ୱର ନା ଚପିଛି ନା କେହି ଚାପି ପାରିଛନ୍ତି । ଠିକ ଏହିଭଳି ସମୟରେ ଯଦି କେହି ଜଣେ ସାମ୍ବାଦିକଙ୍କୁ ପ୍ରଶ୍ନ କରେ ଯେ ସାମ୍ବାଦିକତା କରି ଆପଣ କଣ ରୋଜଗାର କରିଛନ୍ତି , ସେ ସମୟରେ ସାମ୍ବାଦିକଟିଏ ଭାବିବାକୁ ବାଧ ହୁଏ ଏବଂ ଦିର୍ଘ ନିଶ୍ୱାସ ନେଇ କୁହେ ଆତ୍ମ ସନ୍ତୋଷ ଓ ଲୋକଙ୍କ ଭରଷା । ଠିକ୍ ସେହି ଭଳି ଆଜି ଆମେ ଆପଣଙ୍କୁ ଜଣେ ସାମ୍ବାଦିକଙ୍କ କଥା ହିଁ କହୁଛୁ ଯିଏ ନିଜର ଅନେକ ବର୍ଷର କ୍ୟାରିଅରକୁ ଚାକିରୀ ଜୀବନ ଠାରୁ ଆରମ୍ଭ କରି ଲୋକଙ୍କ ପାଇଁ କିଛି କରିବାର ଆଶା ନେଇ ଆଗକୁ ବଢିଚାଲିଛନ୍ତି । ଏବଂ ଆମ ରାଜ୍ୟ ଓଡ଼ିଶାରେ ଦିର୍ଘ ବର୍ଷ ହେଲା ସାମ୍ବାଦିକତା ମାଧ୍ୟମରେ ସେବା ଯୋଗାଇ ଆସୁଛନ୍ତି । ସେ ହେଲେ ରିପୋର୍ଟରସ ଟୁଡେର ମୁଖ୍ୟ ସମ୍ପାଦକ ସୁରଜିତ କୁମାର ଧଳ , ଆମ ଓଡିଆ ପୁଅ । ଜଣେ ନିର୍ଭିକ ଓ ସାହାସୀ ବ୍ୟକ୍ତିତ୍ୱ । ନିଜ ଚିନ୍ତାଧାରା ଓ ସମାଲୋଚନା ର ପ୍ରୟାସ ରେ ଯାହାଙ୍କୁ ଦିନେ ଜେଲ ଯିବାକୁ ପଡିଥିଲା ଓ ସରକାରୀ କଳର ଚାପରେ ଚାପଗ୍ରସ୍ତ ମଧ କରାଯାଇଥିଲା । ଆଜି ସେହି ନିର୍ଭିକ ସାମ୍ବାଦିକ ତଥା ରିପୋର୍ଟରସ ଟୁଡେର ମୁଖ୍ୟ ସମ୍ପାଦକ ସୁରଜିତ କୁମାର ଧଳଙ୍କୁ ଭାରତି ଶ୍ରମଜୀବି ପତ୍ରକାର ସଙ୍ଘ ପକ୍ଷରୁ ତାଙ୍କୁ ସମ୍ମାନୀତ କରାଯିବା ନେଇ ନାଁ ଘୋଷଣା କରାଯାଇଛି । ଚଳିତ ମାସ ଆସନ୍ତା ୨୨ ତାରିଖରେ ଦୀଲ୍ଲୀ ସ୍ଥିତ କନଷ୍ଟିଚ୍ୟୁସନ କ୍ଲବ ଅଫ ଇଣ୍ଡିଆରେ ତାଙ୍କୁ ସମ୍ମାନୀତ କରିବା ପାଇଁ ଆସିଛି ନିମନ୍ତ୍ରଣ । ଏହି ସମ୍ମାନ ପାଇବା ପାଇଁ ତାଙ୍କ ନାମ ଘୋଷଣା ପରେ ଓଡିଶା ପାଇଁ ଏହା ଏକ ଗର୍ବ ବୋଲି କହିଛନ୍ତି ସୁରଜିତ , ସେ ଆହୁରି ମଧ କହିଛନ୍ତି ଏହି ସମ୍ମାନ ଆଗକୁ ବଢିବାକୁ ଓ ସତ୍ୟର ଉନ୍ମୋଚନ କରିବାକୁ ତାଙ୍କୁ ଆହୁରି ପ୍ରୋସାହିତ କରିବ । ତେବେ ଦିଲ୍ଲୀର ଏହି କାର୍ଯ୍ୟକ୍ରମରେ ଦେଶର ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରିବାର କାର୍ଯ୍ୟକ୍ରମ ରହିଛି ଯେଉଁ ମାନେ ପ୍ରତ୍ୟକ କ୍ଷେତ୍ରରେ ନିଜର ଦେଶ ପାଇଁ କାମ କରି ପ୍ରତିଷ୍ଠିତ ହୋଇଛନ୍ତି ।

## ବଣାଇରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି



ବଣାଇ,୨୩/୧୧: ବଣାଇ ଉପଖଣ୍ଡ ବଣାଇ ବ୍ଲକ ସଦର ସମ୍ମନିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଙ୍କ ଯୁଗ୍ମ ଶୁଣାଣୀ ଅଭିଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଶୁଣାଣୀରେ ସୁନ୍ଦରଗଡ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିସ୍ଥାନୀୟ ଜନ ସାଧାରଣ ଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହିତ କେତେକ ସମସ୍ୟାର ସମାଧାନ କରି ଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ମୋଟ ୮୪ ଗୋଟି ଅଭିଯୋଗ ହେଇଥିବା ବେଳେ ସେଥିରୁ ବ୍ୟକ୍ତିଗତ ଭାବେ ୪୧ ଟି ଅଭିଯୋଗ ହେଇଥିବା ବେଳେ ସାମୁହିକ ଭାବରେ ୪୩ ଗୋଟି ଅଭିଯୋଗ ଆସିଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରତ୍ୟକ୍ଷ ଭାବେ ୫ ଗୋଟି ଆପତ୍ତି ଅଭିଯୋଗ ର ସମାଧାନ କରି ଶୁଣାଣୀ କରିଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ ଙ୍କ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଏହା ବ୍ୟତୀତ ଜଣେ ଭିନ୍ନକ୍ଷମ ଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ବ୍ୟକ୍ତି ଗତ ଅଭିଯୋଗ ରେ ଜମି ବାଡ଼ି ସମସ୍ୟା, ବଦଳି, ବିଜୁଳି ପ୍ରମୁଖ ସମସ୍ୟା ରହିଥିବା ବେଳେ ଦଳଗତ ଭାବେ ରାସ୍ତା, ପାନୀୟ ଜଳ, ଚାଷ ପାଇଁ ଜଳ ସେଚନ ପ୍ରମୁଖ ସମସ୍ୟା ର ଅଭିଯୋଗ ହେଇଥିଲା। ଏହି ଜନ ଶୁଣାଣୀ ରେ ସୁରଞ୍ଜନ ସାହୁ ସିଡିଓ ତଥା ଇଓ ସୁନ୍ଦରଗଡ, ଆର କେ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଉରକେଲା, ଏବଂ ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ କୁମାର ପିଲ୍ଲେ, ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ , ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟ ପୁରିଆ, ବଣାଇ ତହସିଲଦାର ଙ୍କ ସମେତ ସମସ୍ତ ସରକାରୀ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଜନ ସାଧାରଣ ପ୍ରମୁଖ ଏହି ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ତୃତୀୟ ବାର୍ଷିକ ବିଲାଶୁଣୀ ମହୋତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ

ନିଆଳୀ, ୨୩/୧୧: ନିଆଳୀ ର ଅଗ୍ରଣୀ ଶିକ୍ଷା ଏବଂ ସାମାଜିକ ଅନୁଷ୍ଠାନ ଭେଦା ର ତୃତୀୟ ବାର୍ଷିକ ଉତ୍ସବ ଏହି ମାସ ନଭେମ୍ବର ୨୯ ୩୦ଏବଂ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ରେ ସଭାପତିତ୍ୱ କରୁଥିବା ବରିଷ୍ଠ ପାଲା ଗାୟକ ମଦନ ମୋହନ ଜେନା ସୂଚନା ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରକାଶ ଚନ୍ଦ୍ର ମହାନ୍ତି, ନିରଞ୍ଜନ ରାୟ, କୈଳାଶ ଦାସ, ଅକ୍ଷୟ ବିଶ୍ୱାଳ, ଚକ୍ରଧର ରାଜ, ରବୀନ୍ଦ୍ର ସୁନ୍ଦରାୟ ପ୍ରଦୀପ୍ତ ନନ୍ଦ, ବିନୟ ମହାନ୍ତି, ସ୍ୱାଧୀନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ ଭେଦା ର ସାମୁହିକ ବିକାଶ ଉପରେ ଆଲୋଚନା କରିଥିଲେ । ନିଆଳୀ କଣ୍ଟାପଡା ବ୍ଲକ ଗରିବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ମାଗଣାରେ ଟ୍ୟୁସନ ଯୋଗାଇବା, ମେଧାବୃତ୍ତି ସମ୍ମାନ, ବିଲାଶୁଣୀ ହାଇ ସ୍କୁଲ ଏବଂ ସ୍ୱାମୀ ବିବେକାନନ୍ଦ ଶିଶୁ ଶିକ୍ଷା କେନ୍ଦ୍ର ର ବିକାଶ ପାଇଁ କାର୍ଯ୍ୟ କରିବା, ସ୍ୱାସ୍ଥ୍ୟ କ୍ଷେତ୍ର ରେ ଆମ୍ବୁଲାନ୍ସ ସେବା ପ୍ରଦାନ, ଅସହାୟ କୁ ସହାୟତା, କ୍ରୀଡା କ୍ଷେତ୍ର ରେ ଖେଳ ପଡିଆ ର ଉନ୍ନତିକରଣ, ଫୁଟବଲ ଏବଂ ଭଲି ବଲ ଖେଳାଳି ମାନଙ୍କୁ ସହଯୋଗ କରିବା ଏବଂ ଟୁର୍ନାମେଣ୍ଟ ଆୟୋଜନ କରିବା ପରି, ସାଂସ୍କୃତିକ କ୍ଷେତ୍ର ରେ ଧର୍ମାନୁଷ୍ଠାନ ର ଉନ୍ନତି କରିବା, ଆଲୋକୀକରଣ ଏବଂ ପ୍ରତିଭା କୁ ସମ୍ମାନିତ କରିବା ପରି କାର୍ଯ୍ୟ କରେ ଭେଦା, ଭିଡ଼ିଓ କନଫରେନ୍ସ ରେ ଭେଦା ର ମୁଖ୍ୟ ସମାଜସେବୀ ବଦ୍ରି ନାରାୟଣ ମହାପାତ୍ର ବିଭିନ୍ନ ଦିଗରେ ଉପରେ ଆଲୋଚନା କରିଥିଲେ ।

## ଗାନ୍ଧୀସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ

ଫୁଲବାଣୀ,୨୩/୧୧:ଗାନ୍ଧୀ ସ୍ମୃତି ଭବନ ଫୁଲବାଣୀଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରେସ କ୍ଲବ ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଶମ୍ଭୁନାଥ ନନ୍ଦୀ ଯୋଗ ଦେଇ ଗଣ ମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ବକ୍ତବ୍ୟ ଦେବା ସହ ସାମାଜିକ ଗଣ ମାଧ୍ୟମର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏକ ସ୍ୱଚ୍ଛ ଦୁର୍ନୀତି ମୁକ୍ତ ସମାଜ ଗଠନ ଦିଗରେ ଗଣମାଧ୍ୟମର ଗୁରୁତ୍ୱପୁର୍ଣ୍ଣ ଭୂମିକା ରହିଥିବା କହିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଡ଼ ଅରୂପ ଜେନା ଯୋଗଦେଇ ଗଣମାଧ୍ୟମର ପରିବର୍ତ୍ତିତ ସ୍ଥିତି ସମ୍ପର୍କରେ ସୁଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରେସକ୍ଲବ ସଭାପତି ସୁନୀଲ ପଟନାୟକ, ଓୟୁଜେ ସଭାପତି ଅଶୋକ ମହାନ୍ତି, ମିଡ଼ିଆ ଫୋରମ ସଭାପତି ସୂର୍ଯ୍ୟ ନାରାୟଣ ବେହେରା, ଓ ଯେ ୟୁ ସଭାପତି ରାଧାମୋହନ ମହାପାତ୍ର, ପ୍ରମୁଖ ଯୋଗ ଦେଇ ସର୍ବଦା ସତ୍ୟ ଓ ନିରପେକ୍ଷ, ତଥ୍ୟଭିତିକ ଓ ଗଠନ ମୂଳକ ସମ୍ବାଦ ପରିବେଷଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଶିବାନୀ ସୁଆର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ପ୍ରେସକ୍ଲବର କାର୍ଯ୍ୟକାରୀ ସଭାପତି ଅଶୋକ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଭାକର ମହାରଣା ଆୟୋଜନ କରିଥିବା ବେଳେ ଜିଲା ଓ ବ୍ଲକର ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବହୁ ପାଠକ ଓ ଶୁଭେଚ୍ଛୁ ମାନେ ଯୋଗ ଦେଇଥିଲେ ।

## ଶ୍ରୀମନ୍ଦିର ସମେତ ରାଜ୍ୟର ପୁରପଲ୍ଲୀରେ ପ୍ରଥମାଷ୍ଟମୀ ପାଳିତ

ପୁରୀ, ୨୩ ନଭେମ୍ବର (ହି.ସ.)- ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଆଜି ଶ୍ରୀମନ୍ଦିରରେ ପୋଢୁଆଁ ହୋଇଛନ୍ତି ଶ୍ରୀଜୀଉମାନେ । ଓଡ଼ିଆ ପଞ୍ଜିକା ଅନୁସାରେ, ମାର୍ଗଶୀର ମାସକୁ ବର୍ଷର ଆଦ୍ୟମାସ ବା ପ୍ରଥମ ମାସ ଭାବରେ ଗଣନା କରାଯାଏ । ସେଥପାଇଁ 'ମାର୍ଗଶିର' ମାସକୁ 'ଅଗ୍ରହାୟଣ ମାସ' ବୋଲି କୁହାଯାଇଥାଏ । ବର୍ଷର ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ କୁହାଯାଏ । ଏହାର ଅନ୍ୟ ନାମ ପୋଢୁଆଁ ଅଷ୍ଟମୀ । ଏହିଦିନ ସମଗ୍ର ଓଡ଼ିଶାର ପ୍ରତ୍ୟେକ ପରିବାରରେ ଜ୍ୟେଷ୍ଠ ସନ୍ତାନଙ୍କୁ ପୋଢୁଆଁ କରାଯାଏ । ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘ ନିରାମୟ ଜୀବନ ପାଇଁ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥାଏ । ସାଧାରଣତଃ ଏହି ଦିନ ପ୍ରାତଃ କାଳରେ ଘରର ଜ୍ୟେଷ୍ଠ ପୁତ୍ର ବା କନ୍ୟା ସ୍ନାନାନ୍ତେ ନବବସ୍ତ୍ର ପରିଧାନ କରନ୍ତି ଓ ମା ମାନେ ତାଙ୍କୁ ବନ୍ଦାପନା କରନ୍ତି । ଏହି ଅବସରରେ ପଟଂ ପଲ୍ଲବ ଓ ପଟଂ ଶସ୍ୟରେ ବରୁଣପୂଜା କରାଯାଇଥାଏ । ଏଣ୍ଡୁରୀ ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ରଜପର୍ବରେ ଯେପରି ପୋଡ଼ପିଠା, ଅନନ୍ତ ବ୍ରତରେ ଲଡୁ କାକରା, ବଡ଼ଓଷାରେ ମଣ୍ଡାପିଠା, ଚିତାଲାଗି ଅମାବାସ୍ୟାରେ ଚିତୋଉପିଠା, ମକର ସଂକ୍ରାନ୍ତିରେ ମକରଚାଉଳ, ଧନୁ ସଂକ୍ରାନ୍ତରେ ଧନୁମୁଆଁ, ମହାବିଷୁବ ସଂକ୍ରାନ୍ତିରେ ଛତୁ ଓ ପଣା, ଶାମ୍ବ ଦଶମୀରେ ବୁଢ଼ାଚକୁଳି ପ୍ରଭୃତି ଓଡ଼ିଆ ଘରର ଗୋଟିଏ ଗୋଟିଏ ବିଶେଷତ୍ୱ, ସେହିପରି ପ୍ରଥମାଷ୍ଟମୀର ବିଶେଷତ୍ୱ ହେଉଛି ଏଣ୍ଡୁରୀ ପିଠା, ଛେନା, ଗୁଡ଼ ଓ ନଡ଼ିଆରେ ପ୍ରସ୍ତୁତ ପୁର ଦିଆଯାଇ ଉଆପକ୍ଷିଆ ଚାଉଳ ଓ ବିରିରେ ଏଣ୍ଡୁରୀ ପିଠା ତିଆରି କରାଯାଏ । ଏହି ସୁସ୍ୱାଦୁ ପିଠାପାଇଁ ହଳଦୀପତ୍ର ବ୍ୟବହାର କରାଯାଏ । ଏଥିପାଇଁ ଏହି ପିଠା ଅତ୍ୟନ୍ତ ସୁସ୍ୱାଦୁ ହେବା ସହ ରୁଚିକର ଓ ସୁବାସିତ ହୋଇଥାଏ । ପ୍ରଥମାଷ୍ଟମୀ ପର୍ବଟି ରଜ ଓ କୁମାରପୂର୍ଣ୍ଣିମା ପରି ଓଡ଼ିଶାର ନିଜସ୍ୱ ପର୍ବ । ଓଡ଼ିଶା ବ୍ୟତୀତ କିମ୍ବା ଓଡ଼ିଆ ଘରକୁ ଛାଡ଼ିଦେଲେ ଅନ୍ୟ କେଉଁଠାରେ ଏହି ପର୍ବ ଏଭଳି ଭାବରେ ପାଳିତ ହେବା ଦେଖାଯାଏ ନାହିଁ । ଓଡ଼ିଶାର ଏହା ଏକ ସ୍ୱତନ୍ତ୍ର ସାମାଜିକ ଓ ପରମ୍ପରା ପ୍ରଚଳିତ ପାରିବାରିକ ପର୍ବ । ଏହି ଦିନ ମାମୁଁମାନେ ନୂଆବସ୍ତ୍ର, ମିଷ୍ଟାନ୍ନ ଓ ଅନ୍ୟାନ୍ୟ ସାମଗ୍ରୀ ମାନ ସାଙ୍ଗରେ ଆଣି ଭଣଜା ଭାଣେଜୀମାନଙ୍କୁ ପଢୁଆଁ କରିବାର ପରମ୍ପରା ରହିଛି । ଏଥିପାଇଁ ମାମୁଁଙ୍କୁ 'ଅଷ୍ଟମୀ ବନ୍ଧୁ' କୁହାଯାଏ । କେବଳ ଓଡ଼ିଶାର ଘରେ ଘରେ ନୁହେଁ ଶ୍ରୀମନ୍ଦିରରେ ମଧ ପ୍ରଥମାଷ୍ଟମୀ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଛି । ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଆଦିଦେବ ବଡ଼ଠାକୁର । ତାଙ୍କଠାରୁ ବଡ଼ କେହି ନାହିଁ । ଆଜି ଏହି ଉପଲକ୍ଷେ ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ପୂଜାପଣ୍ଡା ସେବକଙ୍କ ଦ୍ୱାରା ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହା ପରେ ପୁଷ୍ପାଳକ ସେବକମାନେ ଠାକୁରମାନଙ୍କୁ ନୂଆଲୁଗା ଲାଗି କରିଥିଲେ। ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ତିନି ବାଡ଼ିରେ ଚନ୍ଦନ ଲାଗି କରିଥିଲେ। ଚନ୍ଦନଲାଗି ବଢ଼ିବବା ପରେ ଠାକୁରମାନଙ୍କୁ ବେଶ କରାଯାଇଥିଲା । ଏହି ବେଶରେ ଛଅମୂର୍ତିଙ୍କୁ ସୁବର୍ଣ୍ଣ ଅଳଙ୍କାର ଲାଗି କରାଯାଇଥିଲା। ଶ୍ରୀ ବିଗ୍ରହମାନଙ୍କ ଠାରେ କର୍ପୂର ଲାଗିକରି ପୁଷ୍ପାଳକମାନେ ସିଂହାସନରୁ ଓହ୍ଲାଇ ଆସିଲାପରେ ସୁଦୁସୁଆର ପୂଜା କରିବା ଉତାରୁ ତିନି ବାଡ଼ରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ବରୁଣପୂଜା କରିଥିଲେ । ମଧାହ୍ନ ଧୂପ ଉଠିବା ପରେ ତିନି ବାଡ଼ରେ ମଙ୍ଗଳାର୍ପଣ ବଢ଼ି ଫୁଲପରିଆ, ଖଦି ଓ ଛେଦା ପ୍ରସାଦ ଲାଗିସରି ବନ୍ଦାପନା କରାଯାଇଥିଲା । ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଏଣ୍ଡୁରୀ ପିଠା ସହିତ ନାଡ଼ୀ, ଧଉଳା, ଖଇରଚୂଳ, ସାନ ଆରିସା, ସରପୁଲି ପିଠା ଓ ଘିନାଡ଼ୀ, କାନ୍ତ କାକରା, ଗଜା, ବଡ଼ ଡ଼ାଳିମ୍ବ,ଓରିଆ, ମୁଗ, ଖିରୀ ଇତ୍ୟାଦି ମହାପ୍ରଭୁଙ୍କ ନିକଟରେ ଭୋଗ କରାଯାଇଥିଲା । ପ୍ରଥମାଷ୍ଟମୀ ପର୍ବଟି ମହାପ୍ରଭୁଙ୍କ 'ମାନବୀୟ ଲୀଳା'ର ଅନ୍ୟ ଏକ ଉଦାହରଣ ।

## ନୋଇଡ଼ାରେ ଓଡ଼ିଆ ଛାତ୍ରର କମାଲ

କୁଚିଣ୍ଡା,୨୩/୧୧:ବରଗଡ଼ ଜିଲ୍ଲାର ଅତାବିରା ତହସିଲର ଅନ୍ଧରୀପାଳିର ନିବାସୀ, ରାଜେଶ କୁମାର ମାହାଣାଙ୍କ ପୁଅ ସମେଶ ମାହାଣା ଅଖିଳ ଭାରତୀୟ ପାରମ୍ପରିକ ଶୋଟୋ-କାଇ କାରାଟେ ଚ୍ୟାମ୍ପିୟନଶିପରେ ରୌପ୍ୟ ପଦକ ଜିତି ଓଡିଶାକୁ ଗୌରବାନ୍ୱିତ କରିଛନ୍ତି। ସେ ତାଙ୍କର କାରାଟେ କୌଶଳକୁ ୮ତମ ରୋୟାଲ୍ ଚ୍ୟାଲେଞ୍ଜସ୍ କାରାଟେ କପ୍-୨୦୨୪ ରେ ଭାଗ ନେଇ ପ୍ରଦର୍ଶନ କରିଛନ୍ତି। ସେ ବର୍ତ୍ତମାନ ନୋଏଡା, ଏନସିଆର୍ କ୍ଷେତ୍ରରେ ପଢୁଥିବା ଜଣେ ଚତୁର୍ଥ ଶ୍ରେଣୀର ଛାତ୍ର ଅଟନ୍ତି। ଏହି ପ୍ରତିଯୋଗିତା ୧୭ ନଭେମ୍ବର ୨୦୨୪ ମଥୁରାର ଜିଏଲଏ ୟୁନିଭର୍ସିଟିରେ ଆୟୋଜିତ ହୋଇଥିଲା।୯+ ବର୍ଷ ବିଭାଗରେ ପ୍ରତିଯୋଗିତା କରି, ସମେଶ ତାଙ୍କର ଅସାଧାରଣ କୌଶଳ ଓ ନିଷ୍ଠା ପ୍ରଦର୍ଶନ କରି, ରଜତ ପଦକ (ସିଲ୍ଭର୍ ମେଡାଲ୍) ଅର୍ଜନ କରିଛନ୍ତି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ